

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁଜାତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

✿ ପ୍ରଥମ ପୁଷ୍ପ ✿ ଦ୍ୱିତୀୟ ପାଖୁଡ଼ା ✿ ତୃତୀୟ ମହକ


ସଂପାଦକ : କେଶବଦାସ ॥

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ॥

ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ ॥

ଗ୍ରାଫିକ୍ସ : ରସଦ୍ ଏଣ୍ଡ୍ ଏଜେନ୍ସି, ମହତାବ ରୋଡ଼, କଟକ, ଫୋନ୍-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ : ୭୫୪୨୦୬
ଫୋନ୍: (୦୬୭୧) ୨୭୬୭୧୦୧



ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଜଗନ୍ନାଥ ପ୍ରୋସେସ୍, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ୱ ସଂରକ୍ଷିତ ॥



✿ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ✿ ବାର୍ଷିକ ଗ୍ରାହକ ଦେୟ : ନବେ ମୁଦ୍ରାଞ୍ଜଳି ✿

# ପ୍ରବେଶ ପରିଚିତି

* ପ୍ରଥମ ପୃଷ୍ଠ *
ଦ୍ୱିତୀୟ ପାଖୁଡ଼ା
ତୃତୀୟ ମହକ

* ବୈଦିକ ପ୍ରାର୍ଥନା *

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳା ଚରଣ | ୧ |
| ଗୁରୁବନ୍ଦନା | ୧ |
| **ସିଂହଦ୍ୱାର** | |
| ପଦ ବନ୍ଦନା | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| ଏ ସଂଖ୍ୟାର ତୃତୀୟ ମହକ କାହିଁକି ? | ୬ |
| ଆମର ଲକ୍ଷ୍ୟ ଚରମ ପ୍ରାପ୍ତି: ଏତିକି ମୋ ମାଗୁଣି | ୭ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ | ୧୨ |
| ଚରମର ପ୍ରଚ୍ଛଦପଟ ସମ୍ପର୍କରେ | |
| ଏବଂ ସର୍ବମିଦଂ ଜଗଦଣ୍ଡଭ୍ୟ ସମ୍ଭବତି | ୧୩ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ମହାଭବିଷ୍ୟଗ୍ରନ୍ଥରେ ବ୍ୟାଖ୍ୟା-ଚରମର ମର୍ତ୍ତ୍ୟାବତରଣ | ୧୮ |
| ଶ୍ରୀମଦ୍‌ଭଗବଦ୍‌ଗୀତା ବୋଧ | ୨୫ |
| ଜ୍ଞାନମୁଦ୍ରାୟ କୃଷ୍ଣାୟ ଗୀତାମୃତ ଦୁହେ ନମଃ | ୨୯ |
| ଜୀବନ ଓ ମୃତ୍ୟୁ ରହସ୍ୟ | ୩୨ |
| ଶରଣାଗତି ରହସ୍ୟ | ୩୫ |
| **ରତ୍ନବେଦୀ** | |
| ଠାକୁରଙ୍କ ଶ୍ରୀମୁଖ ନିସୃତ ବାଣୀ ଓ ବ୍ୟାଖ୍ୟା - ରେ ମାୟାବୀ ଜୀବ | ୪୦ |
| କଲ୍ୟାଣ ହେଉ ତୋତେ | ୪୫ |
| ସମ୍ଭବାମି ଯୁଗେ ଯୁଗେ | ୪୯ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୫୨ |
| ଆଶ୍ରମ ସନ୍ଦେଶ | ୫୩ |
| ଆଶ୍ରମ ପଞ୍ଜିକା ଓ ଶାଖା ତାଲିକା | ୫୪ |


## -ପତ୍ରିକାର ବ୍ୟବହାର ବିଧି-


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନୀ ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. 'ଚରମ'ର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରେରଣା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

—ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ॥
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକ୍ୟ ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ॥

# ଅରୁଣସ୍ତମ୍ଭ



**ମଙ୍ଗଳାଚରଣ**

ବନ୍ଦେ ଅବ୍ୟକ୍ତ ପୁରୁଷଂ
ବ୍ୟକ୍ତାବ୍ୟକ୍ତ ଭାବାତୀତଂ ।
ପୂର୍ଣ୍ଣବ୍ରହ୍ମଂ ପୂର୍ଣ୍ଣାନନ୍ଦଂ
ଅବାଙ୍ମାନସ ଗୋଚରଂ
ଆଦ୍ୟାଶକ୍ତି ସ୍ୱରୂପକମ୍
ପରମାତ୍ମା ମହେଶ୍ୱରମ୍
ପ୍ରକୃତି ପୁରୁଷ ଦ୍ୱୟମ୍
ଚନ୍ଦ୍ରେକ ପରମେଶ୍ୱରମ୍ ॥

## ଗୁରୁବନ୍ଦନା

ଜୟଗୁରୁ ଜୟଗୁରୁ ଗୁରୁ ଜୟ ଜୟ — ଗୁରୁ ବ୍ରହ୍ମା ଗୁରୁ ସୃଷ୍ଟି ଗୁରୁ ହିଁ ବିଳୟ ।୧।
ଗୁଣାତୀତ ରୂପାତୀତ ଗୁରୁ ସର୍ବସ୍ଥିତି — ଗୁରୁ ନାମ ସୁମରିଲେ ଦୂର ହୁଏ ଭୀତି ।୨।
ଗୁରୁ ହିଁ ଓଁକାର ତତ୍ତ୍ୱ ଗୁରୁ ହିଁ ପ୍ରଣବ — ଗୁରୁ ହିଁ ସାକାର ପୁଣି ଗୁରୁ ନିରାଲମ୍ବ ।୩।
ଗୁରୁ ବିଷ୍ଣୁ ଗୁରୁ ଶିବ ଗୁରୁ ମହାକାଳ — ଗୁରୁ ହିଁ ଅନିଳ ଗୁରୁ ଅଟନ୍ତି ଅନଳ ।୪।
ଗୁରୁ ଜଳ ଗୁରୁ ସ୍ଥଳ ଗୁରୁ ହିଁ ଆକାଶ — ସର୍ବଘଟେ ସର୍ବସ୍ଥାନେ ହୁଅନ୍ତି ପ୍ରକାଶ ।୫।
ସେହିଗୁରୁ ମହାମାୟା ଆଦି ଯୋଗମାୟା — ବ୍ରହ୍ମଶକ୍ତି ବ୍ରହ୍ମରୂପା ପରଚଣ୍ଡ କାୟା ।୬।
ଆଦି ଅନାଦି ଅନନ୍ତ ଅସୀମ ଅବ୍ୟକ୍ତ — ଅରୂପ ସ୍ୱରୂପ ପୁଣି ସର୍ବରୂପେ ବ୍ୟକ୍ତ ।୭।
ସେହି ସିନା ଶବ୍ଦବ୍ରହ୍ମ ସେହି ନାଦବ୍ରହ୍ମ — ରୂପବ୍ରହ୍ମ ସ୍ପର୍ଶବ୍ରହ୍ମ ଘ୍ରାଣ ଜ୍ୟୋତି ବ୍ରହ୍ମ ।୮।
ସେହି ରାଧା ସେହି କୃଷ୍ଣ ସେହିଁ ସୀତାରାମ — ସେହି ଲକ୍ଷ୍ମୀ ନାରାୟଣ ସେହି ସର୍ବନାମ ।୯।
ଗୁରୁକୂଳ କୁଣ୍ଡଳିନୀ ଗୁରୁ ଆଦ୍ୟାଶକ୍ତି — ଗୁରୁ ହିଁ ସର୍ବ ଆଧାର ପୁଣି ସର୍ବଜ୍ୟୋତି ।୧୦।
ଅଣାକାର ଏକାକ୍ଷର ଓଁକାର ମୂରତି — ସର୍ବଯୋଗ ଯୋଗେଶ୍ୱର ସେହି ମହାଯତି ।୧୧।
ପଞ୍ଚଭୂତ ପତି ସେହି ଗୁରୁ ପରମାତ୍ମା — ଆବୋରି ଅଛନ୍ତି ଏହି ସକଳ ଭୂତାତ୍ମା ।୧୨।
ସେହି ମାତୃଜ୍ୟୋତି ସେହି ପୁଣି ଶିବଜ୍ୟୋତି — ଜ୍ୟୋତିର୍ମୟ ଜ୍ୟୋତିର୍ମୟୀ ସର୍ବ ତତ୍ତ୍ୱପତି ।୧୩।
ଇଚ୍ଛାମୟ ଇଚ୍ଛାମୟୀ ସର୍ବ ଗୁଣଗ୍ରାହୀ — ସେହି ପୁଣି ନିଜେ ଇଚ୍ଛା ଭାବନାରେ ଥାଇ ।୧୪।
ସୂକ୍ଷ୍ମରୂପେ ସେହି ପୁଣି ଶିଷ୍ୟ ହୃଦେ ଥାଇ — ସର୍ବକ୍ଷଣେ ଚେତନାର ସୂତ୍ର ଦିଅନ୍ତି ବତାଇ ।୧୫।
ତାଙ୍କ ଇଚ୍ଛା ବିନା ଶିଷ୍ୟ ତାଙ୍କୁ ନ ଡାକଇ — ମାୟାରେ ମୋହିତ ହୋଇ ସବୁ ଭୁଲି ଯାଇ ।୧୬।





## ପଦ ବନ୍ଦନା

ପାଦ ପଦ୍ମ ହୃଦେ କରୁଛି ଧ୍ୟାନ । ପାଦ ପଦ୍ମେ ସଦା ରହୁ ଏ ମନ ॥
ପାଦ ପଦ୍ମ ଚାଲୁଥାଉ ଅଗ୍ରତେ । ପାଦ ଗୋଟି ଯେହୁ ଅଛି ଗୁପତେ ॥
ପାଦ ଚାହିଁ ପଦ ଉଚ୍ଚାରୁ ମୁଖ । ପାଦଟି ଅଟଇଁ ପରମ ସୁଖ ॥
ପାଦ ଦୃଶ୍ୟ ହେଉ ନୟନେ ମୋର । ପାଦ ପଦ୍ମ ସେବା କରନ୍ତୁ ନର ॥
ପାଦରୁ ବ୍ରହ୍ମାଣ୍ଡ ଗୋଟି କ୍ଷରିଛି । ପାଦ ଦୟାରୁ ସଂସାର ଚଳୁଛି ॥
ପାଦ ପଦ୍ମ ଅଟେ ଭବର ନାବ । ପାଦ ଦେଖାଏ ନୂଆ ନୂଆ ଭାବ ॥
ପାଦ ଧୋଇ ନ ପାରିଲେ ବିରଞ୍ଚି । ପାଦ ଧୋଇଲାକି କୈବର୍ତ୍ତ ପାଞ୍ଚି ॥
ପାଦ ପଦ୍ମ ପାଇ ବଳୀ ରାଜନ । ପାଦ ପାଇଁ ପଦ ରଖିଲା ପୁଣ ॥
ପାଦ ରେଣୁ ପଡ଼ି ପାଷାଣୀ ନାରୀ । ପାଦ ନିର୍ଣ୍ଣିତେ ରହିଲା ସୁମରି ॥
ପାଦ ବକ୍ଷରେ ବହନ୍ତି କେଶବ । ପାଦର ଭାବ ଜାଣନ୍ତି ଉଦ୍ଧବ ॥
ପାଦ କେଶବ ମୋ ଲକ୍ଷ୍ୟରେ ରହୁ । ପାଦ ମକରନ୍ଦ ରସନା ପାଉ ॥
ପାଦରେ ମୀରାବାଈ ହେଲା ଲୀନ । ପାଦପଦ୍ମେ ସ୍ଥାନ ନେଲା ଯବନ ॥
ପାଦ ଚିନ୍ତିବାରୁ ହସ୍ତ ଆସିଲା । ପାଦ ଧାୟୀ ଦାସ ନଡ଼ିଆ ଦେଲା ॥
ପାଦ ପଦ୍ମ ଭାବିଲା ବଳରାମ । ପାଦ ପାଇଁ ବାଙ୍କି ମୁହାଁଣେ ଧାମ ॥
ପାଦ ମୋ ଭରସା ପାଦ ମୋ ଧବ । ପାଦ ଧାୟୀ ଜୀବ ହେଉଟି ଶବ ॥
ପାଦର ମହିମା ପାଦକୁ ଜଣା । ପାଦପଦ୍ମ ବାରେ କର କରୁଣା ॥

୦୦୦

## ମୁଖଶାଳା



# ସମ୍ପାଦକୀୟ

ଅବ୍ୟକ୍ତ ପୁରୁଷ ସତ୍ତା ଆଜି ନରବିଗ୍ରହରେ ଆମ୍ଭମାନଙ୍କ ଗହଣରେ ଲୀଳା ରଚନା କରୁଛନ୍ତି । ତାଙ୍କରି ଅପାର କୃପାରୁ ଶତସହସ୍ର ଅନୁଗତ ଭକ୍ତ ତାଙ୍କ ପାଦପୀଠରେ ଏକତ୍ର ହୋଇ ସେହି ଅବ୍ୟକ୍ତଭାବର ବ୍ୟକ୍ତ ପ୍ରକାଶ ଉପଭୋଗ କରିବାର ସୌଭାଗ୍ୟରେ ଭାଗୀଦାର ହୋଇପାରିଛନ୍ତି । ସ୍ଥୂଳ ନରତନୁରେ ସୂକ୍ଷ୍ମ ଓ କାରଣ ସତ୍ତା, ରୂପରେ ଅରୂପ, ଆକାରରେ ଅଣାକାର, ପୂର୍ଣ୍ଣରେ ଶୂନ୍ୟକୁ ଉପଲବ୍ଧ କରି ହୃଷ୍ଟ ଚିତ୍ତରେ କାଳ ହରଣ କରୁଅଛନ୍ତି ॥

ଆଦ୍ୟ ସଂଖ୍ୟାରେ ସେହି ଅକ୍ଷର ବ୍ରହ୍ମସତ୍ତାଙ୍କର ଜିଜ୍ଞାସୁ ପରିଚିତି ପ୍ରଦାନ କରାଯାଇଛି । ପଞ୍ଚସଖାଯୁଗର ବିଭିନ୍ନ ମାଳିକାର ପ୍ରମାଣ ମିଳିସାରିଛି । ବହୁ ବ୍ୟକ୍ତି ସତ୍ୟ ସନ୍ଧାନରେ ସଫଳ ହୋଇଛନ୍ତି । ତଥାପି ଅନେକ ଅହଂକାର ରୂପୀ ତିମିରରେ ପଥହୁଡ଼ି ସତ୍ୟଧର୍ମକୁ ତାଚ୍ଛଲ୍ୟ କରିବା ସ୍ୱାଭାବିକ । ସେହି ପରମପୁରୁଷଙ୍କ ପ୍ରତ୍ୟକ୍ଷ ଘନିଷ୍ଠ ସଂସର୍ଗରେ ନ ଆସିବା ପର୍ଯ୍ୟନ୍ତ ବିଶ୍ୱାସ ଦୃଢ଼ହେବାର ସମ୍ଭାବନା ଅଳ୍ପ । ଅହଂକାର ସେହିଠାରେ ହିଁ ନତ ମସ୍ତକ ହୁଏ ଯେଉଁଠି ତାଙ୍କର ଆନନ୍ଦଘନ ପ୍ରେମମୂର୍ତ୍ତି ସୁଦର୍ଶନ ହୁଏ ॥

ଇଚ୍ଛାମୟଙ୍କର ଇଚ୍ଛାର ଇତିବୃତ୍ତ ଓ ଲୀଳାର ଇତିହାସ ପ୍ରସଙ୍ଗକ୍ରମେ କ୍ରମଶଃ 'ଚରମ'ରେ ପତ୍ରସ୍ଥ କରିବାର ଇଚ୍ଛା ପୋଷଣ କରୁଛୁ । ନିଜସ୍ୱ ଅନୁଭୂତି ଓ ଉପଲବ୍ଧିର ଅନ୍ତନାହିଁ । ସେହି ପ୍ରତ୍ୟକ୍ଷ ଅନୁଭୂତି ଓ ଉପଲବ୍ଧିର କାହାଣୀ ପ୍ରଭୁପୀଠ ସ୍ୱର୍ଣ୍ଣକ୍ଷେତ୍ରର ପରିସର ଠାରୁ ଆରମ୍ଭ କରି ଦୂରଦୂରାନ୍ତରେ ଅବସ୍ଥିତ ଗୁରୁଭାଇ ଭଉଣୀଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ପର୍ଯ୍ୟନ୍ତ ସୁବିସ୍ତୃତ । ସାମାନ୍ୟତମ ଅନ୍ତର୍ମୁଖୀ ହୋଇ ଅନ୍ତଃଦୃଷ୍ଟିରେ ଦେଖିଲେ ଏହା ସ୍ପଷ୍ଟ ଦିବାଲୋକ ପରି ଦୃଶ୍ୟମାନ ହେବ ॥

ଇପ୍‌ସା ଓ ଇପ୍‌ସୁର ଭାବଘନ ମହାମିଳନରେ ପ୍ରଭୁପାଦଙ୍କର ମହତୀ ଇଚ୍ଛା ଆମ୍ଭମାନଙ୍କ ଅନ୍ତରରେ ବିକଶିତ ହୁଏ, ଏହାହିଁ ଆମ୍ଭର ଉପଲବ୍ଧି । ଏହି ଉପଲବ୍ଧିକୁ ସମ୍ବଳ କରି ଆଜି ଅନେକେ ସ୍ୱର୍ଣ୍ଣକ୍ଷେତ୍ର କ୍ଷିତିଜ୍ୟୋତି

ଆଶ୍ରମର ଅନ୍ତେଃବାସୀ । କାମନାବାସନା ଶୂନ୍ୟ, ଅପ୍ରତ୍ୟାଶୀ, ଭୋଗଲାଳସାବିବର୍ଜିତ ଏହି ଦିବ୍ୟାତ୍ମାଗଣଙ୍କର ନିଷ୍ପାପର ସେବା, ଅକୁଣ୍ଠିତ ଶ୍ରମ, ସହିଷ୍ଣୁତା, ଭ୍ରାତୃତ୍ୱପ୍ରେମର ସହାୟତାରେ ଆଶ୍ରମର ବିଭିନ୍ନ ଅବୟବ ସୁଗଠିତ, ପ୍ରଗତିଶୀଳ ଏବଂ ପର୍ଯ୍ୟାୟକ୍ରମେ ଉତ୍ତରୋତ୍ତର ଉନ୍ନତି ଅଭିମୁଖୀ ହୋଇପାରିଛି ॥

ଉଚ୍ଛ୍ୱସିତ ସମ୍ବର୍ଦ୍ଧନାରେ 'ଚରମ'ର ପ୍ରଥମ ପାଖୁଡ଼ା ସମ୍ବର୍ଦ୍ଧିତ ହୋଇଛି; ଏହା ଆମ୍ଭମାନଙ୍କ ନିମନ୍ତେ ଶ୍ରୀଗୁରୁସ୍ୱାମୀଙ୍କର ଅସୀମ ଆଶିଷ । 'ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍'ର ମୁଖପତ୍ର ରୂପେ 'ଚରମ'ର ସାଫଲ୍ୟ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସଫଳତା । ଆମକୁ ବହୁ ଦୀର୍ଘପଥ ଅତିକ୍ରମ କରି ଯିବାକୁ ହେବ । ଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀଚରଣରେ ଲୟରଖି ମାନ ଅଭିମାନ ଶୂନ୍ୟ ହୋଇ ତାଙ୍କରି ଇଚ୍ଛା ପୂରଣ ନିମନ୍ତେ ସବୁକିଛି ତ୍ୟାଗ କରିବାର ମହାନ୍ ବ୍ରତରେ ଆମ୍ଭମାନଙ୍କୁ ନିଷ୍ଠାବାନ୍ ହେବାକୁହିଁ ହେବ ॥

ଉର୍ଦ୍ଧ୍ୱତନ ପରାଅପରା ଶକ୍ତିର ଉତ୍ସ ସ୍ୱରୂପ ଊର୍ମିମାଳାରେ ଆମ ହୃଦୟ ମନ ରୂପକ ଊଷରକ୍ଷେତ୍ର ରସସିକ୍ତ ହେଉ, ଶ୍ରୀ ଶ୍ରୀ ଶ୍ରୀ ପ୍ରଭୁପାଦ ଠାକୁରଙ୍କର ପବିତ୍ର ପଦାରବିନ୍ଦରେ ଆମ୍ଭର ଏତିକି ପ୍ରାର୍ଥନା । ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତି ଆଶ୍ରମର ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ବିଶ୍ୱବକ୍ଷରେ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କର ଉଦ୍ଦେଶ୍ୟ ଏବଂ ଇଚ୍ଛାକୁ ସଫଳ ଓ ସନାତନ ଧର୍ମକୁ ପୁନର୍ଜାଗ୍ରତ କରିବା ପାଇଁ ସ୍ୱୀକୃତ ଏବଂ ଅଙ୍ଗୀକାରବଦ୍ଧ । ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଆଧ୍ୟାତ୍ମିକ ଅବୟବ ରୂପେ 'ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ' ଏହି ମର୍ମରେ କ୍ରିୟାଶୀଳ । ଏହାର ମାଳିକା ପ୍ରମାଣ ମଧ୍ୟ ରହିଛି ॥

ଋଦ୍ଧ ଆବେଗ ଆଜି ଋତ୍ ସନ୍ଧାନୀ । ତଥାପି ଅନେକ ଜ୍ଞାନୀମାନୀ ପ୍ରତିପତ୍ତିଶାଳୀ ବ୍ୟକ୍ତି ମାଳିକାର ପଦାବଳୀର ପ୍ରକୃତ ଅର୍ଥ ଏବଂ ସେଥିରେ ବ୍ୟବହୃତ କେତେକ ରହସ୍ୟାଚ୍ଛନ୍ନ ଶବ୍ଦର ମର୍ମ ବୁଝିନପାରି ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା କରୁଅଛନ୍ତି । ସେମାନେ ଦେଇଥିବା ମର୍ମାର୍ଥ ଦ୍ୱାରା ସମାଜରେ ଅନେକ ଶିକ୍ଷିତ ବ୍ୟକ୍ତି ଅବିଶ୍ୱାସ, ଅର୍ଦ୍ଧବିଶ୍ୱାସ ବା ଚଳମାନ ବିଶ୍ୱାସର ବଶବର୍ତ୍ତୀ ହୋଇ ସିଦ୍ଧ ମହାପୁରୁଷଙ୍କ ବାଣୀକୁ ତାଚ୍ଛଲ୍ୟ କରୁଛନ୍ତି । କିନ୍ତୁ ପ୍ରକୃତରେ ତାହା ମହାପୁରୁଷଙ୍କର ସିଦ୍ଧ ସାଧନାର ଫଳ । ସେ ରହସ୍ୟକୁ ଭେଦ କରିବା ବା ଭାବାର୍ଥ କରିବା ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡ଼ିଗ୍ରୀଧାରୀଙ୍କ ପକ୍ଷରେ ଯେତେ ସମ୍ଭବ ନୁହେଁ, ଯୋଗୀ ପୁରୁଷଙ୍କ ଦ୍ୱାରା ସେତେ ସମ୍ଭବ ॥

ଏ ସମ୍ବନ୍ଧରେ ଛୋଟ କଥାଟିଏ କହୁଛୁ । କଥାଟି ଛୋଟ ହେଲେ ମଧ, ଏହାର ଅନ୍ତର୍ନିହିତ ତତ୍ତ୍ୱ ଛୋଟ ନୁହେଁ । ମାଳିକା ପ୍ରମାଣ କଥା ଛାଡ଼ନ୍ତୁ । ତାହା ଜ୍ଞାନୀ, ଯୋଗୀ, ତତ୍ତ୍ୱଦର୍ଶୀମାନଙ୍କର ପର୍ଯ୍ୟାୟ । କଥାଟି ହେଲା, ଆମ୍ଭମାନଙ୍କ ପରି ଅତି ସାଧାରଣ ଜୀବମାନଙ୍କ ପକ୍ଷରେ ସ୍ୱର୍ଣ୍ଣକ୍ଷେତ୍ରର ପ୍ରାକୃତିକ ପରିବେଶ, ଆଧ୍ୟାତ୍ମିକ ଅନୁଭୂତି, କ୍ଷେତ୍ରର ଦୈନନ୍ଦିନୀ ଜୀବନଚର୍ଯ୍ୟା ଓ କାର୍ଯ୍ୟାବଳୀ, ବିଭିନ୍ନ ଅନୁଷ୍ଠାନ ଏବଂ ଉତ୍ସବ ଇତ୍ୟାଦିର ପ୍ରାସଙ୍ଗିକତାକୁ ଧ୍ୟାନର ସହିତ ନିରୀକ୍ଷଣ କଲେ, ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କର ମହିମା ଓ ମହତ୍ତ୍ୱ ସହଜରେ ଉପଲବ୍ଧ କରିହେବ । ଶ୍ରୀଗୁରୁସ୍ୱାମୀ ଆମ୍ଭମାନଙ୍କୁ ଏକାଗ୍ରଲୟରେ ଏକାତ୍ମ କରି ସହୋଦର ତୁଲ୍ୟ ଭ୍ରାତୃତ୍ୱ ପ୍ରେମର ଦିବ୍ୟ ବନ୍ଧନରେ ଗଳାମାଳା ସଦୃଶ ବାନ୍ଧିରଖିଛନ୍ତି ॥

ଐକବାକ୍ୟ, ଐକତାନ ଓ ଐକ୍ୟଭାବ ଗଢ଼ିତୋଳିବା ପାଇଁ ଶ୍ରୀଗୁରୁସ୍ୱାମୀ ସଦାସର୍ବଦା ପ୍ରେରଣା ଦେଉଅଛନ୍ତି । ସଂଘ ଗଠିତ ହେବା ପୂର୍ବରୁ ତୁଣ୍ଡବାଇଦରେ ବାୟାହୋଇ ପ୍ରଭୁପାଦଙ୍କ ପାଦପୀଠରେ କେଜାଣି କେତେ ଜନସମାଗମ ହେଉଥିଲା । ସେମାନେ ଅନେକେ ଶ୍ରୀଠାକୁରଙ୍କର ଭାବଡ଼ୋରିରେ ବାନ୍ଧିହୋଇ ଆତଯାତ ହେଉଥିଲେ । ୧୯୭୫ ମସିହାର କଥା । ଏ ଅକିଞ୍ଚନ ପ୍ରଭୁଙ୍କୁ ଜିଜ୍ଞାସା ଛଳରେ ପ୍ରଶ୍ନ କରିଥିଲା : ଧର୍ମ ଜିଜ୍ଞାସୁ ଅଗଣିତ ଭକ୍ତଜନ ବାରମ୍ବାର ଆସୁଛନ୍ତି ଯାଉଛନ୍ତି, ସେମାନଙ୍କୁ ଏକତ୍ର କରି ସଂଘ ଗଠନ କଲେ କିପରି ହୁଅନ୍ତା, ପ୍ରଭୋ ? ଉତ୍ତରରେ ସ୍ମିତ ହସି ଦୟାବତାର ଆନନ୍ଦଘନ ମୂର୍ତ୍ତି ପ୍ରେମଘନ ବିଗ୍ରହ ଶ୍ରୀଶ୍ରୀଶ୍ରୀ ଠାକୁର ଜଣାଇଲେ : ସମୟ ଆସିଲେ ଯେଉଁ ସବୁ କାର୍ଯ୍ୟକ୍ରମ ଆଗକୁ ରହିଛି, ଯେଉଁମାନଙ୍କ ଦ୍ୱାରା ଯାହା ହେବାର ଅଛି, ତାହାହିଁ ହେବ । ଧୈର୍ଯ୍ୟଧରି ଅପେକ୍ଷା କର । ସେହି ବିଧିନିର୍ଦ୍ଦିଷ୍ଟ ଶୁଭଲଗ୍ନ ସନ ୧୯୯୧ରେ ଉପନୀତ ହେଲା । ଏପରିକି ସଂଘର ନାମକରଣ କାହାଦ୍ୱାରା କିପରିଭାବେ ହେବ, ତାହାର ମାଳିକା ପ୍ରମାଣ ମାନ ମଧ୍ୟ ଦେଖିଲୁ ॥

ଓଁକାର ଧ୍ୱନିରେ ଆଜି ଗଗନ ପବନ ମୁଖରିତ । ସନାତନ ଧର୍ମ ପ୍ରତୀକ ପୁଣ୍ୟ ସନାତନୀ କେତନ ସତ୍ୟଧର୍ମର ନିତ୍ୟ ଶାଶ୍ୱତ ସଙ୍କେତ ପ୍ରଦାନ କରେ । ସନ୍ଦେଶପତ୍ର ମାଧ୍ୟମରେ ଶତସହସ୍ର ଭକ୍ତ ଅନୁଗତ 'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ'ର ଅନ୍ତର୍ଭୁକ୍ତ । ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ମାଧ୍ୟମରେ କ୍ଷେତ୍ର ପରିଚାଳନା, ବାପୁଜୀ ଶିଶୁ ମନ୍ଦିର, ସଙ୍ଗୀତ ମହାବିଦ୍ୟାଳୟ, ସେବାଦଳ ଇତ୍ୟାଦି ସର୍ବଦା ନିରଳସ କ୍ରିୟାଶୀଳ । ତଥାପି ବହୁ କାର୍ଯ୍ୟ ଆଗାମୀ ଦିନ ପାଇଁ ବାକି ରହିଛି । ଏ ସମସ୍ତ କାର୍ଯ୍ୟକ୍ରମରେ ସାମିଲହୋଇ ଅମୀୟ ସୁଧାନନ୍ଦ ପାନରେ ଅଂଶୀଦାର ହେବାପାଇଁ ବିଶ୍ୱଜନପ୍ରାଣଙ୍କୁ ଆମ୍ଭର ସବିନୟ ସନିର୍ବନ୍ଧ ନିମନ୍ତ୍ରଣ ॥

ଔଦାର୍ଯ୍ୟ ସମକ୍ଷରେ ଔଦ୍ଧତ୍ୟ ଆଜି ମ୍ରିୟମାଣ, ଔଦାସ୍ୟ ଦୂରୀଭୂତ, ଔତ୍ସୁକ୍ୟ ଚରମରେ ଉପନୀତ । ସକଳ ଉତ୍ସାହ, ସମସ୍ତ ପ୍ରେରଣାର ଉତ୍ସ-ପୁରୁଷ ଶ୍ରୀଶ୍ରୀଶ୍ରୀ ଠାକୁର ଆମ୍ଭମାନଙ୍କ ଅନ୍ତଃସ୍ଥଳରେ ଭକ୍ତି, ନିଷ୍ଠା, ବିଶ୍ୱାସ, କର୍ମ ଚଞ୍ଚଳତା, କର୍ତ୍ତବ୍ୟପରାୟଣତା, ସେବା ମନୋଭାବ ଇତ୍ୟାଦିର ସୂକ୍ଷ୍ମବୀଜ ବପନ କରିଛନ୍ତି । ସେହି ଆପ୍ତବୀଜ ସ୍ଥୂଳତଃ ଆମ୍ଭମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଓ କ୍ରିୟାଶୀଳତାରେ ପ୍ରତିଭାତ ଓ ବିକଶିତ । କ୍ରମପର୍ଯ୍ୟାୟରେ ଯଥାକାଳରେ ତାହା ଯଥାବିଧି ସଂଘଟିତ ହୋଇଛି ଓ ଏବେବି ହେଉଛି; ଭବିଷ୍ୟତରେ ହେଉଥିବ ମଧ୍ୟ ॥

**ଅଳମତିବିସ୍ତରେଣ !**

***

# 'ଚରମ'ର ପ୍ରଥମପୁଷ୍ପ : ଦ୍ୱିତୀୟ ପାଖୁଡ଼ାର ତୃତୀୟମହକ କାହିଁକି ?

**'ଚରମ'** ଇତ୍ୟବସରରେ ଏକ ଚରମ ଆଧାତ୍ମିକ ବିପ୍ଳବର ସୂତ୍ରପାତ କରିଛି । ଚରମ ପୁରୁଷ ପରମପ୍ରେମମୟ ପ୍ରଭୁପାଦ ଗୁରୁସ୍ୱାମୀଙ୍କର ଅପାର କରୁଣାରୁ ଆଧାତ୍ମିକ କ୍ଷେତ୍ରରେ ଏତାଦୃଶ ଚରମ ବିପ୍ଳବ ସମ୍ଭବ ହୋଇପାରିଛି । ନିରୁତା ଆଧାତ୍ମିକତାର ସ୍ୱାକ୍ଷର ବହନ କରି ପରମପୁରୁଷ ପୁରୁଷୋତ୍ତମ ଭଗବାନ କେଶବଚନ୍ଦ୍ରଙ୍କର ମାନସସନ୍ତାନ 'ଚରମ' ପ୍ରଥମ କରି ଭୂମିଷ୍ଠ ହୁଏ ୧୯୯୩ ମସିହା ଅକ୍ଟୋବର ତିରିଶ ତାରିଖ ପବିତ୍ର କୁମାର ପୂର୍ଣ୍ଣିମା ତିଥିର ଶୁଭଲଗ୍ନ ରାତ୍ର ଘ.୮.୩୫ମି. ସମୟରେ । ସେଦିନ କିଏ ଆଶା ବାନ୍ଧିଥିଲା ଯେ ଏ ଶିଶୁସନ୍ତାନ ଏପରି ଏକ ଚରମ ବିପ୍ଳବର ସୂତ୍ରପାତ କରିବ !

**'ଚରମ'** ସାଫଲ୍ୟ ଆଶାତୀତ । ପ୍ରଥମ ପୁଷ୍ପର ଦ୍ୱିତୀୟ ପାଖୁଡ଼ା ('ଚରମ'ର ଦ୍ୱିତୀୟ ସଂଖ୍ୟା) ତା୨୬.୨.୯୪ରିଖ, ଶନିବାର, ପୂର୍ଣ୍ଣିମାତିଥିରେ ଉନ୍ମୋଚିତ ହୋଇଥିଲା । ଏ ଯାବତ୍ 'ଚରମ'ର ଗୋଟିଏ ପରେ ଗୋଟିଏ ପୁଷ୍ପର ପାଖୁଡ଼ା ସକଳ (ପ୍ରଥମ ପୁଷ୍ପର ତିନୋଟି ପାଖୁଡ଼ା, ଦ୍ୱିତୀୟ ପୁଷ୍ପର ଚାରୋଟି ପାଖୁଡ଼ା ଓ ତୃତୀୟ ପୁଷ୍ପର ପାଞ୍ଚୋଟି: ପଞ୍ଚମ ଓ ଷଷ୍ଠ ଏକତ୍ର) ସର୍ବସାଫଲ୍ୟରେ ଓଡ଼ିଆଭାଷାଭାଷୀ ପାଠକ/ପାଠିକାମାନଙ୍କର ହୃଦୟ ଜୟ କରିପାରିଛି । କ୍ରମଶଃ ଲକ୍ଷ୍ୟ କରାଯାଉଛି, ଅଧିକରୁ ଅଧିକ ସଂଖ୍ୟକ ପାଠକ/ପାଠିକା 'ଚରମ' ସଂଗ୍ରହ କରି ରଖିବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଏହା ଏକ ଶୁଭଲକ୍ଷଣ । ଆଧାତ୍ମିକ ଜଗତରେ ଚରମ ବିପ୍ଳବର ଶୁଭସଂକେତ ।

ଇତ୍ୟବସରରେ 'ଚରମ'ର ପ୍ରଥମ ପୁଷ୍ପର ପ୍ରଥମ ପାଖୁଡ଼ା (ପ୍ରଥମ ସଂଖ୍ୟା)ର ପୁନର୍ମୁଦ୍ରଣ ହୋଇ ଦ୍ୱିତୀୟ ମହକର ନୂତନ ଅଙ୍ଗସଜ୍ଜା ସହ ପ୍ରକାଶ ପାଇଯାଇଛି । ତାହା ମଧ୍ୟ ଶେଷ ହୋଇ ଆସିଲାଣି । 'ଚରମ'ର ପ୍ରଥମ ସଂଖ୍ୟାଠାରୁ ଏଯାବତ୍ ପ୍ରକାଶିତ ପ୍ରତ୍ୟେକ ସଂଖ୍ୟା ଅଧାତ୍ମପ୍ରେମୀ ପାଠକପାଠିକା ସେଟ୍ ଭାବରେ କିଣିବାକୁ ଆଗ୍ରହ ପ୍ରକାଶ କରି ପିଛିଲା ସଂଖ୍ୟା ଦାବି କରୁଥିବାରୁ ସେମାନଙ୍କର ଆଗ୍ରହପାଇଁ 'ଚରମ ପ୍ରକାଶନ ସଂସ୍ଥା' ତା'ର ତୃତୀୟ ମହକ କ୍ରମଶଃ ପ୍ରକାଶ କରିବାର ଦାୟିତ୍ୱ ବହନ କରୁଛି ।

ପ୍ରତିଟି ସଂଖ୍ୟାର ପୁନର୍ମୁଦ୍ରଣ ସମୟରେ ପ୍ରଚ୍ଛଦପଟର ନବୀକରଣ ସହିତ ଅଙ୍ଗ ସଜ୍ଜାରେ ନୂତନତ୍ୱ ପ୍ରତି ଲକ୍ଷ୍ୟ ଦିଆହୋଇଛି । ପାଠକ/ପାଠିକାମାନଙ୍କର ଆଗ୍ରହକୁ ସମ୍ମାନ ଦେଇ ଆମେ ଏହି ଅବସରରେ 'ଚରମ'ର ପ୍ରଥମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା (ଦ୍ୱିତୀୟ ସଂଖ୍ୟା)ର ତୃତୀୟ ମହକ ପ୍ରକାଶ କରୁଛୁଁ । ଏହା ଆପଣମାନଙ୍କୁ ଆନନ୍ଦ ଦେଇ ପାରିଲେ, ଆମର ଶ୍ରମ ସାର୍ଥକ ହେବ ।

— *ସଂପାଦକ* ॥

✪✪✪

# ଏତିକି ମୋର ମାଗୁଣି

*(''ଆମର ଲକ୍ଷ୍ୟ ଚରମ ପ୍ରାପ୍ତି'' ସ୍ତମ୍ଭରେ ବିଭିନ୍ନ ଶୀର୍ଷକର ବିଭିନ୍ନ ପାଖୁଡ଼ାରେ ଆମର ପରମାର୍ଥିକ ଦର୍ଶନ, ଜୀବନ ଦର୍ଶନ ଓ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ତତ୍ତ୍ୱ/ଦର୍ଶନ/ଭାବଧାରା ସମ୍ବଳିତ ଲେଖାମାନ ପ୍ରକାଶ ପାଇବ । ପ୍ରଥମ ପାଖୁଡ଼ାରେ ଦର୍ଶନର ଗୋଟିଏ ଦିଗ ବିଷୟରେ ଆଲୋଚନା କରାଯାଇଥିଲା । ଏହି ପାଖୁଡ଼ାରେ ''ଏତିକି ମୋର ମାଗୁଣି'' ମାଧ୍ୟମରେ ଅନ୍ୟ ଏକ ଦିଗର ଆଲୋକପାତ କରାଯାଇଛି । ଲକ୍ଷ୍ୟ ସ୍ଥିର କରିବା ମାତ୍ରେ ଲକ୍ଷ୍ୟ ପଥରେ ତୀବ୍ର ବେଗରେ ଗତିଶୀଳ ହେବା ମଣିଷର ପରମ କର୍ତ୍ତବ୍ୟ । ଏହି ପରମ କର୍ତ୍ତବ୍ୟରୁ ହିଁ ଚରମ ପ୍ରାପ୍ତି ହେବା ସମ୍ଭବ ।)*

ନିର୍ବେଦ କହେ, ଶକ୍ତି ଲିଙ୍ଗ ବାଚକ ନୁହେଁ । ଏହା ଏକ ପଦବିଶେଷ । ଏହା ବିଶେଷ୍ୟ କେତେବେଳେ ପୁଂଲିଙ୍ଗ, ପୁଣି କେତେବେଳେ ସ୍ତ୍ରୀଲିଙ୍ଗ ହୋଇପାରେ । ଉଦାହରଣ ସ୍ୱରୂପ : ମାତୃଶକ୍ତି, ପିତୃଶକ୍ତି, ଦୈବଶକ୍ତି, ଆସୁରୀ ଶକ୍ତି ଇତ୍ୟାଦି । ଆଜି ପୃଥିବୀ ପୃଷ୍ଠରେ ମାନବ ସମାଜ ମଧ୍ୟରେ ଯେପରି ଲକ୍ଷ୍ୟ କରାଯାଉଛି, ଏଥିପୂର୍ବେ ସେଭଳି ଆଲୋଚନା ପର୍ଯ୍ୟାଲୋଚନା ଧର୍ମଜଗତରେ ଏତେ ବେଶି ନଥିଲା । ବ୍ରାହ୍ମ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ ଆଦି ଏତେ ଭିନ୍ନ ଭିନ୍ନ ମତବାଦ ମଧ୍ୟ ସୃଷ୍ଟି ହୋଇନଥିଲା । ଏକମାତ୍ର ମାନବ ଧର୍ମ ଉପରେ ଧର୍ମ ଧାରଣା ଆଧାରିତ ଥିଲା । ଏହାହିଁ ଥିଲା ଧର୍ମର ମୌଳିକ ପରିଚିତି । ଏହି ମୌଳିକ ଧର୍ମର ନାମ ଥିଲା ସତ୍ୟ ସନାତନ ଧର୍ମ । ଏହି ସନାତନ ଶବ୍ଦ ନିଷ୍ପନ୍ନ ସନାତନୀ ଶକ୍ତି ''ଚଣ୍ଡୀ''ରେ ମୌଳିକ ଶକ୍ତି ରୂପରେ ପରିଚିତ ।

ସେ ସମୟରେ ମଣିଷ ମନରେ ଈଶ୍ୱରୋପଲବ୍ଧି ଓ ସ୍ୱକର୍ତ୍ତବ୍ୟର ଧାରଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । କେଉଁ ମନ୍ତ୍ର, କେଉଁ ନାମ ବା ପଥ ଧରି ଭଗବାନଙ୍କୁ ପାଇବାକୁ ହେବ; ଏହା ମଧ୍ୟ ତାର ଚିନ୍ତା ମଧ୍ୟରେ ନଥିଲା । କ୍ରମଶଃ ଶିକ୍ଷା ସଭ୍ୟତାର ପଥରେ ମନୁଷ୍ୟ ସମାଜ ଅଗ୍ରସର ହେଲା । ଏହା ସହିତ ସମ ତାଳରେ ନାନାପଥ, ନାନା ମତ ସୃଷ୍ଟି ହେଲା ଶିକ୍ଷିତ ସଭ୍ୟ ମନୁଷ୍ୟର ଅହଂସୃଷ୍ଟ ବୁଦ୍ଧିରୁ । ପର୍ଯ୍ୟାୟକ୍ରମେ ମନୁଷ୍ୟ ଈଶ୍ୱର ଉପଲବ୍ଧିର ଗୁରୁତ୍ୱ ହରାଇ ଧର୍ମୀୟ ଚିନ୍ତାକୁ ଏକ ଦଳୀୟ ବା ଗୋଷ୍ଠୀଗତ ଚିନ୍ତାରେ ପରିଣତ କଲା । ଏହାଠାରୁ ବଳି ଅଧିକ ସାଂଘାତିକ ସାମାଜିକ ବ୍ୟାଧି ଆଉ କିଛି ହୋଇନପାରେ ।

ସନାତନ ଧର୍ମର ଲକ୍ଷ୍ୟ ଗୋଟିଏ ଏବଂ ଏହାର ଅବୟବ ଦୁଇଟି । ଅବୟବ ମଧ୍ୟରୁ ଗୋଟିଏ ପ୍ରକୃତି ଓ ଅନ୍ୟଟି ପୁରୁଷ । ଏହି ପ୍ରକୃତି ପୁରୁଷଙ୍କୁ- ସୀତାରାମ, ରାଧେଶ୍ୟାମ, ବ୍ରହ୍ମାସାବିତ୍ରୀ, ଶିବଦୁର୍ଗା, ଆଦି ଅନାଦି - ନାନା ନାମରେ, ନାନା ରୂପରେ, ନାନାଦି ଭାବରେ ଆମ୍ଭେମାନେ ପୂଜାକରି ଆସୁଛୁ । ଏହି ପୂଜା ଉପାସନା ଏକ ପ୍ରକାର ଆନନ୍ଦ ଉତ୍ସବ ହେଲେ ମଧ୍ୟ, ଅନ୍ୟ ପକ୍ଷରେ ଏହା ଅଶେଷ ଦୁଃଖର ମୂଳ କାରଣ । ତାହାର ସ୍ୱରୂପ ଆଜିର ସମାଜରେ, ଧର୍ମୀୟ ଜୀବନରେ ସଦାସର୍ବଦା ସ୍ପଷ୍ଟ ପରିଲକ୍ଷିତ । ଗୋଟିଏ ମତବାଦ ଅନ୍ୟ ଏକ ମତବାଦକୁ ଦୃଢ଼ଭାବରେ ଖଣ୍ଡନ କରେ । ଗୋଟିଏ ମତବାଦରେ ବିଶ୍ୱାସୀ ଧାର୍ମିକ ସଦାତ୍ମାଗଣ ଅନ୍ୟଏକ ମତବାଦରେ ଆସ୍ଥାବାନ ସଦାତ୍ମାମାନଙ୍କର ପ୍ରତିରୋଧ ନିମନ୍ତେ ନାନାବିଧ ଉପାୟ ଅବଲମ୍ବନ କରନ୍ତି । ଅନେକେ ନିରୁପାୟ ହୋଇ ନୀରବ ଦର୍ଶକ ସାଜି ଗୋପନରେ ପୂଜା ଉପାସନାରେ ଲିପ୍ତ ରହନ୍ତି ସତ୍ୟ, ମାତ୍ର ସେମାନଙ୍କର ହୃଦ୍‌ଦେଶରେ ଅଶାନ୍ତି ଓ ବିଷାଦ ବନାଗ୍ନି ପରି ମନବନକୁ ପୋଡ଼ି ଛାରଖାର କରୁଥାଏ । ମାନବ ସମାଜରେ ଶିକ୍ଷା ସଭ୍ୟତା, ଜ୍ଞାନ ବିଜ୍ଞାନର ଯାବତୀୟ ଉନ୍ନତି ଓ ପ୍ରଗତି ସଂଘଟିତ ହୋଇଥିବା ବେଳେ ଜୀବନର ପରମ ଓ ଚରମ ଲକ୍ଷ୍ୟ ଈଶ୍ୱରୋପଲବ୍ଧି କ୍ଷେତ୍ରରେ ଏତାଦୃଶ ବାଦ ବି-ସମ୍ବାଦ ଓ ଏହି ମତପାର୍ଥକ୍ୟକୁ କେନ୍ଦ୍ର

କରି ଅସହିଷ୍ଣୁତା, ପରଶ୍ରୀକାତରତା, ଈର୍ଷା, ହିଂସା ଇତ୍ୟାଦିର ନାରକୀୟ ପାଶବ ତାଣ୍ଡବ ନୃତ୍ୟ ସନ୍ଦର୍ଶନରେ ତତ୍ତ୍ୱଦର୍ଶୀ ଦିବ୍ୟାତ୍ମାଗଣଙ୍କର ଦୟାର୍ଦ୍ର କୋମଳ ହୃଦୟ ବିଦୀର୍ଣ୍ଣ ହୁଏ । ପୁଣ୍ୟଭୂମି ଧର୍ମକ୍ଷେତ୍ର ଭାରତରେ ସୁଦୂର ଅତୀତରେ ଯାହାଥିଲା, ଧର୍ମର ସ୍ୱରୂପ ଯେପରି ମାନବ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା, ଭଲଭାବରେ ତାହା ନିରୀକ୍ଷଣ କରି, ଅନୁଧ୍ୟାନ କରି, ସାରବତ୍ତାକୁ ଜନସମାଜରେ ନିର୍ଭୁଲ ଓ ସତ୍ୟ ସ୍ୱରୂପରେ ଅବିକୃତ ଅବସ୍ଥାରେ ପହଞ୍ଚାଇଦେବା ନିମନ୍ତେ ଯଦି ପ୍ରବଳ ନିରଳସ ଉଦ୍ୟମ ଅବ୍ୟାହତ ରହନ୍ତା; ତେବେ ଆଜିର ପଣ୍ଡିତମନ୍ୟ ଜ୍ଞାନବୃଦ୍ଧି ଅହଂକାରୀ ସଭ୍ୟ ଶିକ୍ଷିତ ମନୁଷ୍ୟ ଏତେ ସନ୍ଦେହରେ ପଡ଼ନ୍ତା ନାହିଁ ।

ପୁନଶ୍ଚ ସେହି ମୂଳତତ୍ତ୍ୱରେ କେନ୍ଦ୍ରୀଭୂତ ହୋଇ ଲକ୍ଷ୍ୟ କଲେ ଅନୁଭବ କରି ପାରିବା ଯେ, ଆମେ ନିଜେ ଶକ୍ତିର ପ୍ରତୀକ । ଆମର ସକଳ ଅବୟବ ସେହି ଶକ୍ତି ଦ୍ୱାରା ପରିଚାଳିତ ଯେଉଁ ଶକ୍ତି ବ୍ରହ୍ମ ସନାତନ ରୂପରେ ଜଗତରେ ପରିଚିତ । ଦ୍ୱିତୀୟରେ ଯୋଗମାୟା ସନାତନୀ ରୂପରେ ପରିଚିତ ହେଲେ । ପ୍ରଥମରେ ପଞ୍ଚଭୂତର ସୃଷ୍ଟି ଏବଂ ଦ୍ୱିତୀୟରେ ସେହି ପଞ୍ଚଭୂତରୁ ସୃଷ୍ଟ ସକଳ ସୃଷ୍ଟି ମଧ୍ୟରେ ପୁରୁଷ ଓ ନାରୀ । ଏମାନଙ୍କ ମଧ୍ୟରେ ବିଦ୍ୟମାନ ତ୍ରିଗୁଣାତ୍ମିକା ମାୟାହିଁ ଦଶ ମହାବିଦ୍ୟା । ଏହି ସମସ୍ତ ଶକ୍ତି ତଥା ପୃଥିବୀକୁ ନିୟନ୍ତ୍ରଣ କରୁଛି ସ୍ୱର୍ଗ । ସ୍ୱର୍ଗ କହିଲେ ମହାକାଶ ବା ମହାଶୂନ୍ୟରେ ଥିବା ଗ୍ରହ, ଉପଗ୍ରହ ଓ ନକ୍ଷତ୍ର ମଣ୍ଡଳ । ଏହି ସ୍ୱର୍ଗକୁ ଯେଉଁ ଶକ୍ତି ନିୟନ୍ତ୍ରଣ କରେ ସେହିଁ ବ୍ରହ୍ମ ବା ଗୋଲକ ବିହାରୀ । ତାହାରନାମ ଶକ୍ତି ।

ଏହି ଶରୀର ହିଁ ଦଶଦ୍ୱାର । ଏହାହିଁ ଦଶଦ୍ୱାର, ଦଶମାୟା । ଏହି ଦଶମାୟାର ନିୟନ୍ତ୍ରଣ କାରିଣୀ ଦୁର୍ଗା ହିଁ ବ୍ରହ୍ମ । ଆମ୍ଭେମାନେ ସେହି ଏକେଶ୍ୱର ଶକ୍ତିର ପ୍ରତୀକ । କିନ୍ତୁ ସେ ଏକ ଏବଂ ଅଭିନ୍ନ । ସେହିଁ ଶିବଶକ୍ତି, ଜୀବଶକ୍ତି । ସେହି ଉଭୟ ଶକ୍ତିର ରୂପ ଆତ୍ମା । ସେହିଁ ସତ୍, ଚିତ୍, ଆନନ୍ଦ ସ୍ୱରୂପ ସଚ୍ଚିଦାନନ୍ଦ । ସେହିଁ ସତ୍ୟ, ଶିବ, ସୁନ୍ଦର । ଗୋଟିଏ ଆଲୋକ, ଗୋଟିଏ ସ୍ପର୍ଶ ବ୍ୟତୀତ ଅନ୍ୟ କିଛି ନାହିଁ । ତାହାହିଁ ଗୁରୁକୃପା । ଗୁରୁକୃପା ବ୍ୟତୀତ ଆତ୍ମତତ୍ତ୍ୱଦର୍ଶନ କରିବା ଅସମ୍ଭବ । ଏହି ଆତ୍ମାର ସାକ୍ଷାତ୍ ଉପଲବ୍ଧ କରିବାକୁ ହେଲେ, ସଦ୍‌ଗୁରୁଙ୍କ ଚରଣାଶ୍ରିତ ହେବା ଏକାନ୍ତ ଆବଶ୍ୟକ ।

ଜଗନ୍ନାଥ ଦାସଙ୍କ ବିରଚିତ ''ଚାରିଚୌପଦୀ''ରେ ଉଲ୍ଲେଖ ଅଛି:

''ଯନ୍ତ୍ରେ ନିଜେ ଅଙ୍ଗେ ହେଜ, ତନ୍ତ୍ର ଶାସ୍ତ୍ର ଦ୍ୱାରେ ମଜ,  
ମନ୍ତ୍ରରେ ଶ୍ରୀଗୁରୁଦେବ ମୁଖୁ ଶୁଣିବ; ନିଜ ଅନୁଭବ ଦ୍ୱାରେ,  
ମିଶାଇବ ବାରେ ବାରେ, ଶ୍ରୀସଙ୍ଗ ଗୋଷ୍ଠୀରେ ତାହା ପରମାଣିବ;  
ଅନୁଭବ ନିଷ୍ଠା ବିଧାନ, ସକଳ ବିଳାସୁ ଶୂନ୍ୟ ହୋଇବ ମନ ॥୧॥  
ଅନୁଭବ ନିଷ୍ଠା ହେବ, ସେହି ତୁଲ୍ୟ ଫଳ ହେବ,  
କଷ୍ଟ ପାଇଲେ ବା ଲାଭ ବଳିବ ନାହିଁ; କେବଳ ତ୍ରିଭଙ୍ଗୀ ଠାଣି,  
ପୀତାମ୍ବର ବେଣୁ ପାଣି, ମୟୂର ଚନ୍ଦ୍ରିକା ଚୂଡ଼ା ଦେଖ ହୋ ଯାଇ;  
ନିତ୍ୟ ଭାନୁଜେମା ଯୁଗଳ, କହେ ଜଗନ୍ନାଥ ମୋର ଧ୍ୟାନର ମୂଳ ॥୨॥''

''ଏହି ଜଗନ୍ନାଥ ମୂରତି ଚାରିବେଦେ ଗୁପତ । ସକଳ ଯନ୍ତ୍ର ମନ୍ତ୍ରେ ସାର ଗୁରୁକହିଲେ ତତ୍ତ୍ୱ ॥''

ଗୁରୁ ଆଶ୍ରୟ ବିନା ଜୀବ ଉଦ୍ଧାର ଅସମ୍ଭବ ।

''ଗୁରୁସେବା କଲେ ସବୁ ପାଇବୁ । ଅଦେଖା ଦେଖି ଭକତି ଲଭିବୁ ॥''

''ଗୁରୁଙ୍କୁ ନମଶିବ ନର । ଗୁରୁହିଁ ସାକ୍ଷାତେ ଈଶ୍ୱର ॥

ତାହାଙ୍କ ଦୋଷଗୁଣ ଯେତେ । ମନେ ନଧର କଦାଚିତେ ॥''

ଏହି ଶରୀର ଉତ୍ସର୍ଗ କରିବା ନିମିତ୍ତ ମୋ ମନରେ ଶକ୍ତିଦିଅ । ଗୁରୁଙ୍କଠାରେ ଅଟଳ ଭକ୍ତି ଓ ନିଷ୍ଠା ରହୁ । ଏହିପରି ଭାବରେ ନିମଗ୍ନ ରହି ଓ ବାସ୍ତବ କର୍ମକରି ଜରତ୍କାରୀ ଜଣେ ଶ୍ରେଷ୍ଠ ଋଷି ହୋଇ ଜଗତରେ ଧନ୍ୟ ହୋଇଛନ୍ତି । ବହୁଶିଷ୍ୟ ଏପରି ଗୁରୁଭକ୍ତିର ପରାକାଷ୍ଠା ଦେଖାଇ ଯାଇଛନ୍ତି । ଦିନେ ମା' ଅଞ୍ଜନାଙ୍କ ଆଜ୍ଞାରେ ହନୁମାନ ବିଦ୍ୟାଲାଭ କରିବା ଉଦ୍ଦେଶ୍ୟରେ ସୂର୍ଯ୍ୟଙ୍କ ନିକଟକୁ ଯାଇଥିଲେ । ସ୍ୱୟଂ ଦିବାକର ଚିରପ୍ରବାସୀ ଥିବାରୁ, ସେ କହିଲେ, **''ବତ୍ସ, ତୁମେ କିପରି ଭାବରେ ମୋ ଠାରୁ ବିଦ୍ୟାଲାଭ କରିବ ପ୍ରଥମେ କୁହ । ମୁଁ ସଦାସର୍ବଦା ଗତିଶୀଳ । ଉଦୟଗିରିରୁ ଅସ୍ତଗିରିକୁ ଶୂନ୍ୟ ମଣ୍ଡଳରେ ଗତାଗତ ମୋର ଅବ୍ୟାହତ । ତୁମେ କିପରି ମୋ ନିକଟରେ ବସି ବିଦ୍ୟାଲାଭ କରି ପାରିବ''** । ତହୁଁ ହନୁମାନ ଦୃଢ଼ ଆତ୍ମପ୍ରତ୍ୟୟ ଓ ବିନୟ ପୂର୍ବକ କହିଲେ, ''ହେ ମୋର ଅନ୍ତରର ପୂଜନୀୟ ଗୁରୁଦେବ, ଆପଣ ମୋତେ ଶିଷ୍ୟରୂପେ ଗ୍ରହଣ କରିବାକୁ ଯଦି ଆଜ୍ଞା କରନ୍ତି, ତେବେ ମୁଁ ଗୋଟିଏ ପାଦ ଉଦୟ ପର୍ବତରେ ଏବଂ ଅନ୍ୟ ଏକ ପାଦ ଅସ୍ତପର୍ବତରେ ରଖି ଆପଣଙ୍କ ଶ୍ରୀମୁଖକୁ ଚାହିଁ ଆପଣ ଯାହା ଶିକ୍ଷା ଦେବେ, ତାହା ଗ୍ରହଣ କରିବି ।'' ଏ ଉତ୍ତାରୁ ସୂର୍ଯ୍ୟଦେବ ଆଶ୍ଚର୍ଯ୍ୟ ହୋଇ କହିଲେ, ''ତୁମର ଏହି ରୂପ ମୋତେ ଦେଖାଇ ମୋର ସନ୍ଦେହ ମୋଚନ କଲେ, ମୁଁ ତୁମକୁ ସର୍ବବିଦ୍ୟା ଦାନ କରିବି ।'' ତତ୍ପରେ ହନୁମାନ ବିରାଟ ରୂପଧରି ଉଭା ହେଲେ । ତାଙ୍କର ପଞ୍ଚମସ୍ତକ ମହାଶୂନ୍ୟ ପର୍ଯ୍ୟନ୍ତ ଗତି କଲା । ଏହି ରୂପ ସର୍ବଦେବତା ଦର୍ଶନ କରି ଧନ୍ୟ ହେଲେ । ଏହାପରେ ସୂର୍ଯ୍ୟଦେବ ହନୁମାନଙ୍କୁ ବିଦ୍ୟାଦାନ କରିଥିଲେ ।

ଗୁରୁବାଦ ଯୁଗେ ଯୁଗେ ରହିଛି । ନୃସିଂହ ଶେଷଦେବ, ରାମଲକ୍ଷ୍ମଣ, କୃଷ୍ଣବଳରାମ ଇତ୍ୟାଦି ଅବତାର ମାନେ ଏହି ଧରାପୃଷ୍ଠରେ ମାନବ ଦେହ ଧରି ଅବତରଣ କରି ଗୁରୁଙ୍କ ନିକଟରେ ନିଜକୁ ସମର୍ପଣ କରିଥିଲେ । ଗୁରୁପୂଜା, ଗୁରୁସେବା, ବିନୟଭାବ, ଭକ୍ତିଭାବ ଇତ୍ୟାଦି ସେମାନେ ଯେପରି ଦର୍ଶାଇଯାଇ ଅଛନ୍ତି, ତାହା ଯୁଗେ ଯୁଗେ ଅତୁଳନୀୟ । ଗୁରୁ ସର୍ବଶାସ୍ତ୍ରର ନିଗୂଢ଼ ତତ୍ତ୍ୱଦର୍ଶୀ ବା ଆତ୍ମାର ପ୍ରତ୍ୟକ୍ଷଦର୍ଶୀ ଅଟନ୍ତି । ଶିଷ୍ୟମାନଙ୍କୁ ଆଧାତ୍ମିକ ମାର୍ଗରେ ଚଳାଇନେଇ ପ୍ରତ୍ୟକ୍ଷ ଆନନ୍ଦ ଲାଭର ପଥ ପରିଷ୍କାର କରନ୍ତି । ତାଙ୍କ ଦୟାରୁ ଶିଷ୍ୟ କର୍ମବାସନା ତ୍ୟାଗ କରି ସେହି ପରମବ୍ରହ୍ମଙ୍କ ସହ ମିଳିତ ହୁଏ । ସେତେବେଳେ ଗୁରୁଶିଷ୍ୟ ଅଭିନ୍ନ ।

''ଭକତ ଅଙ୍ଗଟି ପ୍ରଭୁ ଅଙ୍ଗ ଜାଣ ଗୁରୁ ରୂପେ କରି ବିଜେ,
ଗୁରୁଚରଣକୁ ଶିଷ୍ୟ ଭଜୁଥାଇ ଶ୍ରୀଗୁରୁ ଶିଷ୍ୟକୁ ଭଜେ ॥ (ବାୟାଗୀତା)

ଆଧାତ୍ମିକ କର୍ମମାର୍ଗରେ ଗତିକରି ତତ୍‌କ୍ଷଣାତ୍ କାହାରି ଆତ୍ମାର ସାକ୍ଷାତ୍‌କାର ହୁଏନା । ବିଭିନ୍ନ ସ୍ତର ଅତିକ୍ରମ କରି ପର୍ଯ୍ୟାୟକ୍ରମେ ତାହା ପ୍ରାପ୍ତ ହୋଇଥାଏ । ଯେପରି ନିମ୍ନପ୍ରାଥମିକ, ଉଚ୍ଚପ୍ରାଥମିକ, ନିମ୍ନମାଧ୍ୟମିକ, ଉଚ୍ଚମାଧ୍ୟମିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦି । ଏହି ଆଧାତ୍ମିକ ମାର୍ଗରେ କର୍ମ, ଉପାସନା, ଜ୍ଞାନ ଓ ସର୍ବଶେଷରେ ତ୍ୟାଗର ସ୍ତର ଅଛି । ଯେତେବେଳେ ଫଳଟି ପାଚେ, ନିଜର ସହାୟକାରୀକୁ ତ୍ୟାଗ କରି ଝଡ଼ିପଡ଼େ । ତ୍ୟାଗ ସ୍ୱରୂପ ଠିକ୍ ଏହାହିଁ । କର୍ମ ଦୈହିକ ସ୍ତରର, ଉପାସନା ମାନସିକ ସ୍ତରର, ଏବଂ ଜ୍ଞାନ ଆଧାତ୍ମିକ ସ୍ତରର । ଏହି ତିନି ସ୍ତର ଅତିକ୍ରମ କରିବା ପରେ ଆପଣା ଛାଏଁ ତ୍ୟାଗ ସ୍ତର ଉପନୀତ ହୁଏ ।

ଶ୍ରୁତିର ବାକ୍ୟ : ନାୟମାତ୍ମା ପ୍ରବଚନେନ ଲଭ୍ୟଃ । ନମେଧୟା ନ ବହୁନା ଶ୍ରୁତେନ''॥୨୪॥ ଏ ଆତ୍ମା ବହୁ ଶାସ୍ତ୍ର ବଚନ ପଢ଼ିଲେ ଜଣା ପଡ଼େନାହିଁ । ମେଧାବୀ ଲୋକର ମୁକ୍ତିରେ ଏ ଗମ୍ୟ ନୁହେଁ । ଅଷ୍ଟାଦଶ ବିଦ୍ୟାରେ ପଣ୍ଡିତ ପୁତ୍ରଙ୍କୁ ମାଣ୍ଡବ୍ୟ ଋଷି କହିଛନ୍ତି : ''ଆତ୍ମା ବା ଅରେଦ୍ରଷ୍ଟବ୍ୟଃ ଶ୍ରୋତବ୍ୟଃ, ମନ୍ତବ୍ୟଃ ବୋଧବ୍ୟଃ ନିଦିଧ୍ୟାସିତବ୍ୟଃ ॥'' ଅର୍ଥାତ୍, 'ହେ ପୁତ୍ର, ଆତ୍ମା ଏକାକୀ ଦେଖିବା, ଶୁଣିବା, ବିଚାରିବା, ବୁଝିବା ବା ଧ୍ୟାନ କରିବା ବସ୍ତୁ ।'' ଏହା ବ୍ୟତୀତ ଅନ୍ୟ

ସମସ୍ତ ବିଦ୍ୟା କିଛି ନୁହେଁ । ଏହାହିଁ ସର୍ବବିଦ୍ୟାର ବିଦ୍ୟା, ସକଳ ବିଦ୍ୟାର ଉପଯୋଗିତା । ଏହି ପର୍ଯ୍ୟନ୍ତ ଅର୍ଥାତ୍, ଯେ ଆତ୍ମାବାନ୍ ସେହିଁ ଏକା ସ୍ୱରାଟ୍ । ବ୍ରହ୍ମର୍ଷି ସତ୍ୟଦେବଙ୍କ କୃତ 'କୈବଲ୍ୟ ଉପନିଷଦ୍‌ର ୫୪ ଶ୍ଳୋକକୁ ଲକ୍ଷ୍ୟ କର :

'ଅପାଣି ପାଦୋହମ ଚିନ୍ତ୍ୟ ଶକ୍ତି,ସ ଶୃତ୍ୟାମ୍ କର୍ଣଂ ॥

ଅହଂ ବିଜାନାମି ବିବିକ୍ତ ରିପୋଃ, ନିରସ୍ତି ଗୁରୋଃ ମମଚିତ୍ ସଦା ଭଜଃ' ॥୫୪॥

ଯାହାଙ୍କର ହସ୍ତ, ପାଦ, ଶିର, ହୃଦୟ, କର୍ଣ୍ଣ, ମୁଖ ନାହିଁ ଓ ଯେ ସର୍ବଦା ଏକ ରୂପରେ ଅବସ୍ଥିତ, ପ୍ରକୃତିଦ୍ୱାରା ଯାହାଙ୍କର ସୃଷ୍ଟି ନୁହେଁ, ଯାହାଙ୍କର ଇଚ୍ଛାରୁ ପ୍ରକୃତିର ସୃଷ୍ଟି ଏବଂ ଜଗତ ରୂପରେ ଦୃଶ୍ୟମାନ, ଯାହା ସର୍ବଦା ତ୍ରିତାପ (ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ)ରୁ ଦୂରରେ; ସେହି ଗୁରୁବ୍ରହ୍ମଙ୍କୁ ମୁଁ ଭଜନ କରିଅଛି ଓ ହୃଦୟରେ ସ୍ମରଣ କରିଅଛି । ଗୁରୁଙ୍କ ବାକ୍ୟରେ ବିଶ୍ୱାସ ରଖି ନିଷ୍ଠାର ସହିତ ତାଙ୍କ ପ୍ରଦର୍ଶିତ ଏବଂ ନିର୍ଦ୍ଦେଶିତ କର୍ମ ମାର୍ଗ ନିୟମିତ ପାଳନ କଲେ, ସେ ଆମକୁ କୃପାକରି ଆତ୍ମାର ସାକ୍ଷାତକାର କରାଇ ପାରନ୍ତି ।

''ଗୁରୁସେବା ମୂଳ ଅଟେ କୁଳବାଳ
ଦୃଢ଼ ବିଶ୍ୱାସଟି ଜାଣ
ମୂଳ ମନ୍ତ୍ର ବାକ୍ୟ ପାଳିବୁ ଅବଶ୍ୟ
ରୂପେ ଅରୂପକୁ ଚିହ୍ନ ॥
ଗୁରୁ ପାଦ ଧ୍ୟାନ ବାକ୍ୟ ସୁଧାପାନ
ହୃଦେ କର ଜପାମାଳି ।
ଗୁରୁଙ୍କ ରୂପକୁ ସର୍ବଠାରେ ଦେଖି
ଏ ଭବରୁ ଯିବୁ ତରି ॥

(ସିଦ୍ଧାନ୍ତ ବିଚାର-ଅଚ୍ୟୁତାନନ୍ଦ)

ସୁଦୂର ଅତୀତର କଥା । ଶୈବଳ ଋଷି ଓ ଋଷିପତ୍ନୀଙ୍କ ସହିତ ପୁତ୍ର ଜରତ୍କାର ଘୋର ଜଙ୍ଗଲ ମଧ୍ୟରେ ଥାଆନ୍ତି । ପିତୃ ଆଦେଶରେ ଯଥାକାଳରେ ସେ ଶୃଙ୍ଗିଙ୍କ ନିକଟରୁ ବିଦ୍ୟାଲାଭ କରିବାକୁ ଗଲେ । କିନ୍ତୁ ତାଙ୍କ ଦ୍ୱାରା ବିଦ୍ୟାଲାଭ ହେଲାନାହିଁ । ତଥାପି ନିୟମିତ ଗୁରୁଙ୍କ ଆଜ୍ଞାପାଳନ ଓ ସେବା ଦ୍ୱାରା ଜରତ୍କାର ଗୁରୁଦେବ ଶୃଙ୍ଗିଙ୍କ ମନ ପରିତୋଷ କରିଥିଲେ । ଗୁରୁ ମଧ୍ୟ ଜରତ୍କାରଙ୍କ ପ୍ରତି ଅତିଶୟ ସନ୍ତୁଷ୍ଟ ଥିଲେ । ବହୁଦିନ ଗୁରୁଗୃହରେ ରହିଲେ ମଧ୍ୟ ଜରତ୍କାରଙ୍କର ବିଦ୍ୟାଶିକ୍ଷାରେ ମନୋନିବେଶ ହେଉନଥାଏ । ଗୁରୁଶୃଙ୍ଗି ଅନ୍ୟ ଶିଷ୍ୟମାନଙ୍କୁ ବିଦ୍ୟାଦାନ ଦେବା ସମୟରେ ଯାହାସବୁ ଶିକ୍ଷା ଦିଅନ୍ତି, ଜରତ୍କାର ତହିଁରୁ କିଛି କିଛି ମନେ ରଖନ୍ତି । ଏକଦା ଗୁରୁଶୃଙ୍ଗି ଶିଷ୍ୟଗଣଙ୍କୁ ଶିକ୍ଷାଦେବା ବେଳେ କହିଲେ: ''ଗୁରୁପାଦ ରୂପକ ନୌକା ଦ୍ୱାରା ଶିଷ୍ୟ ଭବ ସାଗରରୁ ପାର ହୋଇପାରେ ।'' ଜରତ୍କାର ଏହି ବାକ୍ୟଟି ମନରେ ସାଇତି ରଖିଥାଏ । ପ୍ରତିଦିନ ଋଷିପୁତ୍ର ଜରତ୍କାର ଗୁରୁଙ୍କ ଆଶ୍ରମରୁ ଗାଈମାନଙ୍କୁ ନେଇ ଜଙ୍ଗଲରେ ଚରାଇବାକୁ ଯାଆନ୍ତି ଏବଂ ସଂଧ୍ୟା ବେଳକୁ ଗାଈଗୋଠ ସହ ଆଶ୍ରମକୁ ଫେରି ଆସନ୍ତି । ଥରେ ଚତୁର୍ମାସ୍ୟା କାଳର ଘଟଣା । ଜଙ୍ଗଲରେ ବର୍ଷା ହେଉଥାଏ । ଘୋର ବର୍ଷା ହେବାର ସୂଚନା ମଧ୍ୟ ପୂର୍ବରୁ ଦିଆଯାଇଥାଏ । ଏକେତ ରୈବତ ପର୍ବତ ପାଦ ଦେଶରେ ରେବାନଦୀ ଦୁଇକୂଳ ଉଛୁଳାଇ ଭୀଷଣ ରୂପ ଧରିଛି । ଦ୍ୱିତୀୟତଃ ଘୋର ଜଙ୍ଗଲ ମଧ୍ୟରେ ବର୍ଷା ଓ ଘଡ଼ଘଡ଼ି ନିନାଦ ଭୟଙ୍କର ହୋଇ ଉଠିଛି । ଗାଈ ଗୋଠ ଚରୁଛନ୍ତି । କିଏ କିଏ ବା ଗଛମୂଳେ ପାକୁଳି କରୁଛନ୍ତି । ବର୍ଷା, ଘଡ଼ଘଡ଼ି, ଶୀତଳ ପବନର ପ୍ରକୋପ । କ୍ଳାନ୍ତ ଜରତ୍କାର ଅନ୍ୟ ଉପାୟ ନଦେଖି ଗୋଟିଏ ଚନ୍ଦନ ଗଛର କୋଟରରେ ଆଶ୍ରୟ ନେବାପାଇଁ ଆଗେଇ ଯାଉଛନ୍ତି । ଏହି ସମୟରେ ସେହି ବୃକ୍ଷମୂଳରେ ଆଶ୍ରୟ ନେଇଥିବା ଗୋଟିଏ ଅଜଗର ସର୍ପ ଜିଭ ଲହଲହ କରି ତାଙ୍କ ନିକଟକୁ ଧିରେ ଧିରେ ଆଗେଇ ଆସୁଛି । ଭୟଭୀତ ଜରତ୍କାର ସେ ସ୍ଥାନରୁ ପଳାଇଯିବା ପାଇଁ ବ୍ୟସ୍ତ ହୋଇ ପାଦ

ବଢ଼ାଇବାକୁ ଯାଉଛନ୍ତି, ଦେଖିଲେ ଗୋଠର ଗୋଟିଏ ଗାଈ ଭୟରେ ଦୌଡ଼ି ପଳାଉଛି । ତା'ପଛେପଛେ ମହାବଳ ବାଘଟିଏ ଭୀଷଣ ରୂପଧରି ଗୋଡ଼ାଇଛି । ଏମନ୍ତ ଅଦ୍ଭୁତ ଦୃଶ୍ୟ ଦେଖି ଜରତ୍କାର ବାଘର ପଥରୋଧ କରି ଛିଡ଼ାହୋଇ ନିର୍ଭୀକ ଭାବରେ ବିନୟର ସହିତ କହିଲେ: 'ହେ ପଶୁରାଜ, ଏହି ଗାଈଟି ମୋର ଗୁରୁଦେବ ଶୃଙ୍ଗିଙ୍କର । ମୁଁ ରଖୁଆଳ ମାତ୍ର । ଆପଣ ଏ ଗାଈଟିକୁ ମାରି ଖାଇଗଲେ, ଗୁରୁଦେବ ମୋ ଉପରେ କୋପ କରିବେ । ତେଣୁ ମୁଁ ଯୋଡ଼ହସ୍ତରେ ପ୍ରାର୍ଥନା କରି କହୁଛି, ଆପଣ ମୋ ଗୁରୁଦେବଙ୍କର ଗାଈମାନଙ୍କ ପ୍ରତି ହିଂସା ନକରି ବାହୁଡ଼ି ଯାଆନ୍ତୁ ।' ତହୁଁ ବ୍ୟାଘ୍ର କହିଲା: 'ହେ ଋଷିପୁତ୍ର, ମୋ ଅବସ୍ଥା ଥରେ ଶୁଣନ୍ତୁ । ମୁଁ ମୋର ଚାରିଗୋଟି ମାତୃହୀନ ସନ୍ତାନ ସହିତ ଆଜକୁ ସାତଦିନ ହେଲାଣି ଏହି ବର୍ଷାପବନରେ ଖାଦ୍ୟ ନପାଇ ଉପବାସ ଅଛି । ଏହିକ୍ଷଣି ଏହି ଗାଈଟିକୁ ମାରି ଏହାର ମାଂସ ମୋର ସନ୍ତାନମାନଙ୍କୁ ନଦେଲେ, ସେମାନେ ପ୍ରାଣତ୍ୟାଗ କରିବେ । ମୋ କଥା ଛାଡ଼ନ୍ତୁ । ଏ ଗାଈର ମାଂସ ଦ୍ୱାରା ମୁଁ ତଥା ମୋର ସନ୍ତାନ ଏହି ପଞ୍ଚପ୍ରାଣର ରକ୍ଷା ହେଲେ, ତୁମର ମଙ୍ଗଳ ହେବ । ଗୋଟିଏ ପ୍ରାଣୀ ବିନାଶରେ ପଞ୍ଚପ୍ରାଣ ରକ୍ଷା ପାଇବେ । ତହୁଁ ଜରତ୍କାର କହିଲେ: ଆପଣ ତ ଶୁଣିଲେ ଏ ଗାଈର କର୍ତ୍ତା ମୋର ଗୁରୁଦେବ । ମୁଁ ନୁହେଁ । ଗୁରୁଦେବଙ୍କ ଅନୁମତି ବା ଆଜ୍ଞା ନପାଇଲେ, ଏ ଗାଈଟିକୁ ମାରିବା ପାଇଁ ତୁମକୁ ଦେବା ମୋ ପକ୍ଷରେ ଅସମ୍ଭବ । ତେଣୁ ଅନ୍ୟ ମାଂସରେ ତୁମ୍ଭେମାନେ କ୍ଷୁଧା ନିବାରଣ କର । ଏ ଉତ୍ତାରୁ ବ୍ୟାଘ୍ର କହିଲା: 'ହେ ଋଷିପୁତ୍ର, ଯଦି ତୁମ୍ଭର ଗୁରୁଙ୍କ ଠାରେ ନିଷ୍ଠା ଭକ୍ତି ଥାଏ, ତେବେ ତୁମ୍ଭ ମାଂସରେ ମୋର କ୍ଷୁଧା ନିବାରଣ କରିବା ପାଇଁ ପ୍ରସ୍ତୁତ ହୁଅ' । ତତ୍କ୍ଷଣାତ୍ ଜରତ୍କାର କହିଲେ, (ମନ ମଧ୍ୟରେ ଚିନ୍ତା କରି— ''ଗୁରୁ ଆଜ୍ଞା ବଳବାନ୍ । ଏହି ପଶୁରାଜ ମୋ ମାଂସ ଭକ୍ଷଣ କରି ଗୁରୁଦେବଙ୍କ ଗାଈଗୁଡ଼ିକୁ ହତ୍ୟାନକଲେ ମୋ ଜୀବନ ଧନ୍ୟ ହେବ''।) 'ହେ ପଶୁରାଜ, ଯଦି ମୋ ମାଂସ ଭକ୍ଷଣ କରି ତୁମ ସନ୍ତାନମାନଙ୍କ ସହିତ ତୁମେ ତୃପ୍ତ ହେବ, ତେବେ ମୁଁ ପରମ ସନ୍ତୋଷରେ ତୁମର ଖାଦ୍ୟରୂପେ ତୁମ ସମ୍ମୁଖରେ ଦଣ୍ଡାୟମାନ । ତୁମେ ମୋତେ ଏହି ମୁହୂର୍ତ୍ତରେ ହତ୍ୟାକର ଓ ମୋର ଗୁରୁଦେବଙ୍କ ଗାଈଗୁଡ଼ିକ ପ୍ରତି ଲୋଲୁପ ଦୃଷ୍ଟି ପକାଅ ନାହିଁ ।''

ସହସା ଏକ ଅଦ୍ଭୁତ ଦୃଶ୍ୟ ସଂଘଟିତ ହେଲା । ବ୍ୟାଘ୍ର ଅନ୍ତର୍ହିତ ହେଲା ଓ ବିଦ୍ୟାଦାୟିନୀ ମା' ସରସ୍ୱତୀ ସେ ସ୍ଥାନରେ ଆବିର୍ଭୂତା ହେଲେ । ମା'ବୀଣାପାଣି କହିଲେ, **''ବତ୍ସ, ତୁମର ଅଟଳ ଗୁରୁଭକ୍ତିରେ ମୁଁ ସନ୍ତୁଷ୍ଟ ହୋଇଛି । ତେଣୁ ତୁମ ଇଚ୍ଛାନୁସାରେ ମୋଠାରୁ ବର ମାଗ ।'' ତହୁଁ ଜରତ୍କାର କହିଲେ, ''ମା', ମୁଁ ସର୍ବବିଦ୍ୟାରେ ପଣ୍ଡିତ ହୋଇ ଜଗତର କଲ୍ୟାଣ ଯେପରି କରିପାରିବି ସେହି ଶକ୍ତି ମୋତେ ଦିଅ । ଏତିକି ମୋର ମାଗୁଣି''** ॥

ଦିନଥିଲା ଯେତେବେଳେ ଈଶ୍ୱରୋପଲବ୍ଧି ଓ ଜଗତ କଲ୍ୟାଣ କାମନାରେ ଏତାଦୃଶ ଅତୁଳନୀୟ ଗୁରୁଭକ୍ତିର ପରାକାଷ୍ଠା ଏହି ଆର୍ଯ୍ୟଭୂମି ଧର୍ମକ୍ଷେତ୍ର ପୁଣ୍ୟଭୂମି ଭାରତରେ ସତ୍ୟ ଶିବ ସୁନ୍ଦର ସଚ୍ଚିଦାନନ୍ଦମୟ ଶକ୍ତି ସ୍ୱରୂପ ବ୍ରହ୍ମଙ୍କୁ ମର୍ତ୍ତ୍ୟଧାମରେ ଆବିର୍ଭୂତ କରାଇପାରିଥିଲା । କିନ୍ତୁ ଆଜିର ସାମାଜିକ ବ୍ୟବସ୍ଥାରେ ଆଧାତ୍ମିକ ଜୀବନଚର୍ଯ୍ୟାର ଅବସ୍ଥା ଅତୀବ ସଙ୍କଟାପନ୍ନ । ଏହି ସଙ୍କଟରୁ ମାନବ ସମାଜକୁ ଉଦ୍ଧାର କରିବା ପାଇଁ ଆଜି ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ବେନିବାହୁ ଟେକି ଆମ୍ଭମାନଙ୍କୁ ଉଦାତ୍ତ କମ୍ବୁକଣ୍ଠରେ ଆହ୍ୱାନ କରୁଅଛନ୍ତି । ଧର୍ମଜଗତରେ ଗୋଷ୍ଠୀ / ସମ୍ପ୍ରଦାୟ ବିଭେଦକୁ ପଛରେ ପକାଇ ନାନାମତ, ନାନାପଥ, ନାନାମନ୍ତ୍ର, ଯନ୍ତ୍ର, ତନ୍ତ୍ରକୁ ପାଶୋରି ଏକ ବ୍ରହ୍ମର ଉପାସନା କରି ଈଶ୍ୱର ଉପଲବ୍ଧିର ସହିତ ଜଗତ କଲ୍ୟାଣ ନିମନ୍ତେ ପ୍ରେରଣା ଦେଉଅଛନ୍ତି । ଅଗଣିତ ପାର୍ଶ୍ୱଦ, ପାରିଷଦ, ଅନୁଗତ, ଭକ୍ତ, ଶିଷ୍ୟ, ଦାସ, ସେବକ ତଥା ଜନସାଧାରଣଙ୍କ ନିକଟରେ ତାଙ୍କର ଏତିକି ମାଗୁଣି ॥

ଯଦି ଈଶ୍ୱରୀୟ ସତ୍ତା, ଅବ୍ୟକ୍ତ ବ୍ରହ୍ମସତ୍ତାର ସନ୍ଧାନରେ ଅଛ, ତେବେ ହେ ଅନୁସନ୍ଧିତ୍ସୁ ଦିବ୍ୟାତ୍ମାଗଣ ତାଙ୍କରି ବ୍ୟକ୍ତ ସ୍ୱରୂପକୁ ଲୟ କର, ତାଙ୍କରି ପୀୟୁଷ ବାଣୀ ଶ୍ରବଣ କର, ଓ ନିର୍ଦ୍ଦେଶିତ ଧାରା ଗ୍ରହଣ କରି କର୍ମଯୋଗରେ ନିରଳସ ଲାଗିପଡ଼ । ଧ୍ରୁବସତ୍ୟ, ତୁମେ ତୁମର ଇପ୍ସିତ ଲକ୍ଷ୍ୟସ୍ଥଳରେ ଉପନୀତ ହେବ, ବିଷୟାଜଞ୍ଜାଳର ଜ୍ୱାଳା ବିସ୍ମରିଯିବ, ଅମୀୟପୀୟୂଷ ଧାରାରେ ସତତ ନିମଜ୍ଜିତ ହୋଇ ରୋଗ, ଶୋକ, ଜରା, ମୃତ୍ୟୁକୁ ଅତିକ୍ରମ କରିଯିବ, ତୁମେ ଅମୃତ ହୋଇଯିବ, ପରମ ଆନନ୍ଦ ଉପଲବ୍ଧି କରି ସ୍ୱୟଂ ପରମାନନ୍ଦ ହୋଇ ବ୍ରହ୍ମାନନ୍ଦରେ ତଲ୍ଲୀନ ହୋଇଯିବ । ତମମାନଙ୍କୁ ଏତିକି ମାଗୁଣି ॥

❖❖❖




## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

*ଓଡ଼ିଶାର ସାହିତ୍ୟିକ ଓ ଆଧ୍ୟାତ୍ମିକ ଜୀବନରେ ପଞ୍ଚଦଶ ଶତାବ୍ଦୀର ପଞ୍ଚସଖାଙ୍କର ରଚନା ଅତୁଳନୀୟ । ସେମାନଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦଙ୍କର ସଙ୍କେତଧର୍ମୀ ଲେଖା ସ୍ୱତନ୍ତ୍ର । ଅଚ୍ୟୁତଙ୍କ ଲେଖନୀରୁ କ୍ରମରେ 'ଚରମ'ର ପ୍ରଥମ ପାଖୁଡ଼ାରେ 'ଚରମ'ର ମର୍ତ୍ତ୍ୟାବତରଣ ସମ୍ପର୍କରେ ଭବିଷ୍ୟବାଣୀ ଓ ତହିଁରେ ବ୍ୟବହୃତ କେତେକ ରହସ୍ୟାତ୍ମକ ଅବୋଧ୍ୟ ଶବ୍ଦ ଟୀକା ଦିଆଯାଇ ଥିଲା । ଦ୍ୱିତୀୟ ପାଖୁଡ଼ାରେ ଅଚ୍ୟୁତଙ୍କ କଳିକଳ୍ପ ଟୀକା ସପ୍ତମ ଖଣ୍ଡର ୧୫/୧୬ ପୃଷ୍ଠାରୁ କିଛି ଉଦ୍ଧୃତାଂଶ ଦିଆ ଯାଇଛି ।*

ପଚାରୁଛି ରାମମୃଢ଼ ଅଛୁତିକୁ ଚାହିଁ, କୁହମୋତେ କଳିଯୁଗ କାହାଣୀ ଏଠାଇଁ ।
ନଇମିଶା ଜଙ୍ଗଲରେ କେମିତି ଆସିଲା, କଳିଯୁଗେ ଦୁଇପାଦ ଏକାଠି ବାଇଲା ।
ରାଜାହେବେ କଳି ତେଣୁ ପାରିବକି ତୁହି, ସଚ୍ଛଜନ କେମିତି ହୋ ଧର୍ମ କରିବଇଁ ।
ତିନିଗୁଣ ଏକତିନି ଶଗଡ଼ା ମାଠିବ, ସାତ ଶଗଡ଼ାରେ ଯାଇ ବ୍ରହ୍ମଙ୍କୁ ଭେଟିବ ।
ରାମକଥା ଶୁଣି ଶୋକେ ଅଛୁତି ଗୋସାଇଁ, ଶପଥ କରି ପକାଇ ଦେଇଛି ବୁଝାଇ ।
ବେଳ ଶଙ୍କା ପାଦପରେ ବୁଣି ବୁଣି ଯିବୁ, ଶ୍ୟାମାବେଶୀ ରାମାବେଶୀ ବହନ ଆଣିବୁ ।
ନରଡ଼ା ଶାସନ ରାମ, କେଶବଙ୍କ ସଖା, ପୂର୍ଣ୍ଣ ସଖା ଅଙ୍ଗେ ବାଣେ ହୋଇବଟି ଦେଖା ।
ବାପା ନାମ ଜଗା ତନ୍ତି ମାଆ ତ ଅବନ୍ତୀ, ସଖା କହ୍ନେଇ ଯେ ରୁଗ୍‌ଣ ହୋଇଥାନ୍ତି ।
ପାଟିରୁ ବୁହାଏ ନାଳ ନାକରୁ ସିଙ୍ଘାଣି, ପେଟ ବଡ଼ ଗୋଡ଼ଛୋଟ ବାତ ନହୁରଣି ।
ଭେଟ ହେବ କେଶବଙ୍କୁ ମାଘ ଫଣି ବଣି, ଫଣି ମିଶାଇ ବଣିକୁ ବେନି ଦୁଇ ଗୁଣି ।
ସେହିଠାରେ କହ୍ନେଇଯେ କଳାଦାନ ନେବେ, କଳାନେଇ ପ୍ରଷ୍ଠିକ୍ଷାକୁ ଟିରିଣି ଥୋଇବେ ।
ରାଜଋଷି ବ୍ରହ୍ମଋଷି ଗୃହସ୍ଥା ଧର୍ମଇ, ତିନି ବରଷୁ କେଶବ ମୁକ୍ତିମାନ ଦେଇ ।
ପ୍ରଥମ ବରଷେ ଗଲା କିନ୍ନର ଯକ୍ଷଙ୍କୁ, ଦ୍ୱିତୀୟ ବରଷ ଗଲା ଗନ୍ଧର୍ବ ଦେବଙ୍କୁ ।
ଏଇଠାରେ ଅଚ୍ୟୁତି ଯେ ପଦ ଶେଷ କଲା, କଳିରେ ମୁରାରୀ ବାଣ ନିତାଇ ଖଞ୍ଜିଲା ।

(ଉକ୍ତ ପଦ୍ୟାଂଶର ସରଳ ବ୍ୟାଖ୍ୟା ଏହାର ପରବର୍ତ୍ତୀ ପାଖୁଡ଼ାରେ ପ୍ରକାଶ ହେବ ।।)

# 'ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ

## "ଏବଂ ସର୍ବମିଦଂ ଜଗଦଣ୍ଡୁଭ୍ୟଃ ସମ୍ଭବତି"

*('ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ ଦୁଇପଦ — ଶୀର୍ଷକରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଭାବଗମ୍ଭୀର ଲେଖା ସୀମିତ ପରିସର ମଧ୍ୟରେ ରହସ୍ୟଘନ ହୋଇ ପ୍ରକାଶ ହେଲା ପ୍ରଥମ ପାଖୁଡ଼ାରେ । ଅନେକଙ୍କ ପକ୍ଷରେ ତାହା ସୁବୋଧ୍ୟ ହୋଇ ପାରି ନଥିବ । ତେଣୁ ଶ୍ରୀଗୁରୁସ୍ୱାମୀଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ପାଖୁଡ଼ାରେ ତାହାର ସରଳ ବ୍ୟାଖ୍ୟା— 'ଏବଂ ସର୍ବମିଦଂ ଜଗଦଣ୍ଡୁଭ୍ୟଃ ସମ୍ଭବତି' ଶୀର୍ଷକରେ ପ୍ରକାଶ ହେଲା । ଆଶାକରୁ ପାଠକେ ଏଥିରୁ କିଛି ମର୍ମ ବୁଝିପାରିବେ । ପରବର୍ତ୍ତୀ ପାଖୁଡ଼ାରେ ଏହାର ଅନ୍ୟାନ୍ୟ ବହୁଦିଗ ସମ୍ପର୍କରେ ଆଲୋଚନାର ଅବସର ରହିଛି ॥)*

**ଯେ**ତେବେଳେ କିଛି ହିଁ ନଥିଲା, ଏପରିକି ଶୂନ୍ୟ ମଧ୍ୟ ସୃଷ୍ଟି ହୋଇନଥିଲା; ନାହିଁ ନାହିଁ ମଧ୍ୟ ନଥିଲା, ସେତେବେଳେ ମଧ୍ୟ ବ୍ରହ୍ମ ଅବ୍ୟକ୍ତ ମଣ୍ଡଳ ବା ଅନାଦି କାରଣଜଗତରେ ହରିଦ୍ରାବର୍ଣ୍ଣର ବିନ୍ଦୁଟିଏ ମାତ୍ର ହୋଇ ବିଦ୍ୟମାନ ଥିଲେ । ନାହିଁ, ନାହିଁ, କିଛି ନାହିଁ ମଧ୍ୟରେ ସେହି ଅବ୍ୟକ୍ତ ବ୍ରହ୍ମସତ୍ତା ସ୍ୱଇଚ୍ଛା ଅନୁସାରେ ସୂକ୍ଷ୍ମତମ କାରଣ ସ୍ୱରୂପରେ ଅବ୍ୟକ୍ତ ମଣ୍ଡଳ ବା ଅନାଦି କାରଣ ଜଗତରେ ଅବ୍ୟକ୍ତ ରୂପରେ ବ୍ୟକ୍ତ ହେଲେ । ଏଠାରେ ବିନା କାରଣରେ କାର୍ଯ୍ୟ ସମ୍ପାଦନ ହୋଇପାରେ । (ନକାରଣେନ କାର୍ଯ୍ୟାଣି ଭବିତବ୍ୟ) । ହରିଦ୍ରାବର୍ଣ୍ଣର ବିନ୍ଦୁ ଚତୁଃପାର୍ଶ୍ୱରେ ଏକ ଧବଳ ବର୍ଣ୍ଣର ବୃତ୍ତ ବା ବଳୟ ସୃଷ୍ଟିହେଲା । ଏହାମୂଳବୀଜ ବ୍ରହ୍ମସତ୍ତାକୁ ସତ୍ତ୍ୱଗୁଣରେ ଆଚ୍ଛାଦିତ କଲା । ମୂଳବୀଜ ରଜଗୁଣ ସହିତ ଏହି ସତ୍ତ୍ୱଗୁଣର ଇଚ୍ଛାନୁଯାୟୀ ମିଳନରୁ ସୂକ୍ଷ୍ମତମ ପାରମାଣିକ ଗୈରିକ ବର୍ଣ୍ଣର ଅସଂଖ୍ୟ କଣିକା ବିଚ୍ଛୁରିତ ହେଲା । ଏହି ସୂକ୍ଷ୍ମାତିସୂକ୍ଷ୍ମତମ ଗୈରିକ ପରମାଣୁ କଣିକା କ୍ରମଶଃ ପରିବ୍ୟାପ୍ତ ହେବାକୁ ଲାଗିଲା । ଏହି ବ୍ୟାପ୍ତିର ସୀମା ରହିଲା ନାହିଁ, ଅନ୍ତ ରହିଲା ନାହିଁ; ଏହା ଅସୀମ, ଅନନ୍ତର । ଚରମ ପତ୍ରିକାର ପ୍ରଚ୍ଛଦପଟ ସେହିହେତୁ ଗୈରିକ ବର୍ଣ୍ଣରେ ବିଭୂଷିତ । ବ୍ରହ୍ମସତ୍ତା ଯେ ଅନନ୍ତ, ଅସୀମ ଏବଂ ସମଗ୍ର ସୃଷ୍ଟିକୁ ଆବୋରିଛି, ତାହାର ପ୍ରତୀକ ରୂପେ ଚରମର ପ୍ରଚ୍ଛଦପଟ ଗୈରିକ ବର୍ଣ୍ଣ ସମ୍ଭାରରେ ସମ୍ଭୃତ । ଏହି ବ୍ରହ୍ମସତ୍ତା ହିଁ ସୃଷ୍ଟି ପ୍ରକରଣର ମୂଳବୀଜ । ଏହା ଶାଶ୍ୱତ, ସନାତନ ଓ ନିତ୍ୟ ବିଦ୍ୟମାନ । ପରମାଣୁଠାରୁ ଆରମ୍ଭକରି ସମଗ୍ର ବିଶ୍ୱ ସୃଷ୍ଟିର ପ୍ରତିଟି ବିଭାବରେ ଏହା ସତତ ବିଦ୍ୟମାନ ।

ଧବଳ ବଳୟର ମଧ୍ୟସ୍ଥିତ ହରିଦ୍ରାବର୍ଣ୍ଣର ବିନ୍ଦୁହିଁ ନିତ୍ୟରାଧା, ନିତ୍ୟକୃଷ୍ଣ ସନାତନ । ଯେତେବେଳେ କିଛି ନଥିଲା, ସେ ଥିଲେ । ଯେତେବେଳେ ସବୁ ଅଛି, ସେ ଅଛନ୍ତି । ପୁଣି ଯେତେବେଳେ କିଛି ନଥିବ, ସେ ଥିବେ । ପ୍ରଥମେ ସେ ଅବ୍ୟକ୍ତ ଥିଲେ, ଦ୍ୱିତୀୟରେ ସେ ଅବ୍ୟକ୍ତ ସ୍ୱରୂପରେ ବ୍ୟକ୍ତ ହେଲେ । ଫଳରେ ଅବ୍ୟକ୍ତ ମଣ୍ଡଳ ବା ଅନାଦିକାରଣ ଜଗତର ସୃଷ୍ଟି ହେଲା । ତାଙ୍କରି ନିଜ ଇଚ୍ଛାରୁ ଗୈରିକ ବର୍ଣ୍ଣ କଣିକା ପରମାଣୁ ରୂପରେ ସର୍ବତ୍ର ପରିବ୍ୟାପ୍ତ ହେଲା । ଏହି ପରମାଣୁହିଁ ସୃଷ୍ଟି ପ୍ରକ୍ରିୟାର ପ୍ରଥମ ଉତ୍ପାଦନ (ଏବଂ ସର୍ବମିଦଂ ଜଗଦଣୁଭ୍ୟଃ ସମ୍ଭବତି) । ଅବ୍ୟକ୍ତ ବ୍ରହ୍ମଙ୍କର ଏହାହିଁ ପ୍ରଥମ ଅଭିବ୍ୟକ୍ତି । ଏହା ଅବ୍ୟକ୍ତ ମଣ୍ଡଳ (ଅନାଦିକାରଣ ଜଗତ), ଓଁକାର ମଣ୍ଡଳ

(ସୂକ୍ଷ୍ମଜଗତ) ଏବଂ ଶକଟାକ୍ଷ ମଣ୍ଡଳ (ସ୍ଥୂଳଜଗତ)କୁ ପରିବ୍ୟାପ୍ତ କରି ରହିଛି ।

ଅନାଦି କାରଣ ଜଗତରେ ଅବ୍ୟକ୍ତ ସ୍ୱରୂପରେ ବ୍ୟକ୍ତ ବ୍ରହ୍ମଙ୍କର ନିଜଇଚ୍ଛାରୁ ଅବ୍ୟକ୍ତ କାରଣସତ୍ତା ମଧ୍ୟରେ ସୂକ୍ଷ୍ମ ସ୍ୱରୂପରେ ଆଠଗୋଟି ପାଖୁଡ଼ା ବିଶିଷ୍ଟ ମଣ୍ଡଳ ସୃଷ୍ଟି ହେଲା । ଚରମର ପ୍ରଚ୍ଛଦରେ ମୂଳ ହରିଦ୍ରା ବିନ୍ଦୁକୁ ପରିବେଷ୍ଟନ କରିଥିବା ଆଠଗୋଟି ପାଖୁଡ଼ା ବିଶିଷ୍ଟ ପଦ୍ମ ଏହାର ପ୍ରତୀକ ମାତ୍ର । କିନ୍ତୁ, ଏହା ଅବ୍ୟକ୍ତ । ଏହି ପଦ୍ମପାଖୁଡ଼ାର ପାର୍ଶ୍ୱରେ ବେଷ୍ଟିତ ଧବଳ ଅଂଶରେ ଅଷ୍ଟପାଟବଂଶୀ (ରୁକ୍ମିଣୀ, ସତ୍ୟଭାମା, ଜାମ୍ବବତୀ ଇତ୍ୟାଦି) ସୂକ୍ଷ୍ମ କାରଣରେ ଲୀଳା କରୁଥିବାର ସଙ୍କେତ ପ୍ରଦାନ କରୁଛି । ସର୍ବଦା ସ୍ମରଣ ରଖିବାକୁ ହେବ ଯେ, ପ୍ରଚ୍ଛଦରେ ଯେଉଁ ଚିତ୍ର ଦିଆଯାଇଛି, ତାହା ସ୍ଥୂଳ ଚକ୍ଷୁରେ ଦୃଶ୍ୟମାନ; ମାତ୍ର ଅନାଦି କାରଣ ଜଗତରେ ଏହା ସଂପୂର୍ଣ୍ଣ ଅବ୍ୟକ୍ତ । କେବଳ ପରିଚିତି ପାଇଁ ଏପରି ଚିତ୍ର ମାଧ୍ୟମରେ ପାଠକବର୍ଗଙ୍କୁ ଅବଗତ କରାଇବାର ସ୍ଥୂଳ ପ୍ରୟାସ କରାଯାଇଛି ମାତ୍ର ।

ଅବ୍ୟକ୍ତ ମଣ୍ଡଳ ବା ଅନାଦି କାରଣ ଜଗତ ସଂପୂର୍ଣ୍ଣ ଅବାଙ୍‌ମାନସ ଗୋଚର ଅଟେ । ଏହା ବାକ୍ୟରେ ପ୍ରକାଶ କରାଯାଇପାରେନା, ମନ ମଧ୍ୟରେ କଳ୍ପନା କରାଯାଇପାରେନା, ଏହା ଅଗୋଚର ଅଟେ । ବଚନ, ମନର ଅଗୋଚର ଏହି ମଣ୍ଡଳ ବା ଜଗତ କେବଳ ଅନାଦି ନାଥ ପରଂବ୍ରହ୍ମଙ୍କ ଗୋଚର ସାପେକ୍ଷ । ସେହିଁ କେବଳ ଏହି ଅବ୍ୟକ୍ତ ମଣ୍ଡଳର ବାର୍ତ୍ତା ଦେଇ ପାରନ୍ତି କାରଣ ସେହିଁ ଅନାଦି କାରଣ । ସେ ହିଁ ନରନାରାୟଣ କେଶବଚନ୍ଦ୍ର । ନର ଦେହରେ ଆମ ଗହଣକୁ ଓହ୍ଲାଇ ଆସି ବ୍ୟକ୍ତ ରୂପରେ ସ୍ଥୂଳ ଶରୀର ଧାରଣ କରିଅଛନ୍ତି । ଚରମର ପ୍ରଚ୍ଛଦ ସମ୍ପର୍କରେ ସେ ଚରମ ପ୍ରଥମ ସଂଖ୍ୟାରେ ସଙ୍କେତ ଦେଇ ଅଛନ୍ତି । କେବଳ ତାଙ୍କରି ପକ୍ଷରେ ଏହା ସମ୍ଭବ ।

ଅବ୍ୟକ୍ତ ମଣ୍ଡଳର ଷୋହଳ ଦଳ ପାଖୁଡ଼ା ବିଶିଷ୍ଟ ପଦ୍ମହିଁ କୈବଲ୍ୟ ମଣ୍ଡଳର ପ୍ରତୀକ । ଏଠାରେ ଅବ୍ୟକ୍ତ ବ୍ରହ୍ମର ସ୍ୱଇଚ୍ଛାରେ କାରଣ ଭାବରେ କୈବଲ୍ୟ ଅଂଶମାନ ଅଛି । ଏହି ଷୋହଳ ଦଳ ପଦ୍ମ ପାର୍ଶ୍ୱବେଷ୍ଟିତ ଧବଳାଂଶରେ ଅବତାରୀ ବ୍ରହ୍ମଅଂଶ ସ୍ଥିତ । ଏହାର ସ୍ଥିତି ବାଇଶିରୁ ଚଉରାଅଶି କୈବଲ୍ୟ ପଦ୍ମଦଳ ପର୍ଯ୍ୟନ୍ତ ଅବସ୍ଥିତ । ବତିଶ ଦଳ ପାଖୁଡ଼ା ବିଶିଷ୍ଟ ପଦ୍ମ ହେଉଛି ସନାତନ ଧର୍ମ ମଣ୍ଡଳ । ଏହି ମଣ୍ଡଳରେ ସୂକ୍ଷ୍ମ ସ୍ୱରୂପରେ ଧର୍ମପୁତ୍ର, ଉତ୍ତମ ପୁତ୍ରମାନଙ୍କର ବ୍ରହ୍ମ ଅବସ୍ଥାନ କରନ୍ତି । ସେମାନେ ଗୋତ୍ର, ପ୍ରବର, ଶାଖାଦିର ପ୍ରବର୍ତ୍ତକ ଭାବରେ ସଂଲଗ୍ନ ହୋଇ ଅବସ୍ଥାନ କରନ୍ତି । ବଶିଷ୍ଠ, ବିଶ୍ୱାମିତ୍ର, ଭରଦ୍ୱାଜ ଇତ୍ୟାଦି ଋଷିଗଣଙ୍କର କାରଣ ସତ୍ତା ଏହିଠାରେ ବିଦ୍ୟମାନ । ଏହି ବତ୍ରିଶଦଳ ପଦ୍ମପାର୍ଶ୍ୱରେ ଧଳାରଙ୍ଗର କୁଞ୍ଚୁକୁଞ୍ଚିଆ ଅଂଶରେ ସକଳ ଭାବ, ଭକ୍ତି, ପ୍ରେମ, ବ୍ରହ୍ମତତ୍ତ୍ୱ, ଜ୍ଞାନ ଓ ବିଜ୍ଞାନର କାରଣପୀଠ । ଏହି ଅଂଶରୁ ଏ ସକଳ ସୂକ୍ଷ୍ମମଣ୍ଡଳ ଦେଇ ସ୍ଥୂଳ ଜଗତକୁ କ୍ଷରିତ ହୁଏ ।

ଚଉଷଠି ଦଳ ବିଶିଷ୍ଟ ପଦ୍ମ ହିଁ ନିରଞ୍ଜନ ମଣ୍ଡଳ । ଏହି ପଦ୍ମର ହଳଦିଆ ପାଖୁଡ଼ାରେ ଯେଉଁ ଗୈରିକ ଗାର ପଡ଼ିଛି ତାହା ହେଉଛି କାରଣ ସତ୍ତା ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ତରଙ୍ଗାୟିତ ଢଳଢଳ ଅବସ୍ଥା । ଏହି ଅନାଦି ମଣ୍ଡଳରେ ବ୍ରହ୍ମା, ବିଷ୍ଣୁ, ଶିବ, ଗୋତ୍ର, ପ୍ରବର, ମହାଶକ୍ତି, ଯୋଗମାୟା ସମସ୍ତେ ସ୍ୱଇଚ୍ଛାରେ ସୂକ୍ଷ୍ମରେ ଗୋପନୀୟ ଭାବରେ ଥିଲେ । କାରଣ ଜଗତରୁ ସୂକ୍ଷ୍ମଜଗତକୁ ଆସି ବିନ୍ଦୁ, ଅର୍ଦ୍ଧ (ଓଁ)ର ବ୍ୟକ୍ତ ଭାବରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଗୁଣ ନାମ ସ୍ୱରୂପରେ ବ୍ୟକ୍ତ ହେଲା । ଏହା ସତ୍ତ୍ୱ, ରଜ, ତମ ତ୍ରିଗୁଣ ନାମରେ ବିଦିତ । ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା, ମହେଶ୍ୱର ସଂହାର କର୍ତ୍ତା- ସୃଷ୍ଟି, ପାଳନ ଓ ସଂହାର ନିମନ୍ତେ ସୂକ୍ଷ୍ମରେ ଓଁକାର ମଣ୍ଡଳରେ ସୂକ୍ଷ୍ମ କଳେବର ଲୀଳା

ପ୍ରକଟ ହେଲା । ପ୍ରଚ୍ଛଦ-ପଟରେ ଅବ୍ୟକ୍ତ ମଣ୍ଡଳର ନିମ୍ନରେ ଷୋହଳଦଳ ବିଶିଷ୍ଟ ପଦ୍ମ ଓ ତନ୍ମଧ୍ୟସ୍ଥ ଓଁକାର ହିଁ ଓଁକାର ମଣ୍ଡଳ ବା ସୂକ୍ଷ୍ମ ଜଗତର ପ୍ରତୀକ ।

ଓଁକାର ମଣ୍ଡଳ ହିଁ ସୂକ୍ଷ୍ମଜଗତ । ଏହିମଣ୍ଡଳ ବା ଜଗତରେ କାରଣ ସତ୍ତା ସୂକ୍ଷ୍ମ ରୂପରେ ପ୍ରକାଶିତ । ପ୍ରଚ୍ଛଦପଟର ଷୋହଳଦଳ ବିଶିଷ୍ଟ ପଦ୍ମ ଓଁକାର ମଣ୍ଡଳର ପ୍ରତୀକ । ଏହି ପଦ୍ମସ୍ଥ ଲୋହିତ, ଧବଳ ଓ କୃଷ୍ଣଗାର ହିଁ "ଅ,ଉ,ମ"ର ତରଙ୍ଗାୟିତ ଅବସ୍ଥା । ଏହା ବୃତ୍ତାକାରରେ କେନ୍ଦ୍ରବିନ୍ଦୁ ନିତ୍ୟବିଷ୍ଣୁଙ୍କର ତ୍ରିଗୁଣ, ତ୍ରିବିଧାତ୍ମିକାର ସୂକ୍ଷ୍ମ ପରିପ୍ରକାଶ । ମୂଳବୀଜ ସ୍ୱରୂପ ନିତ୍ୟ ବିଷ୍ଣୁଙ୍କ ନାଭିଚକ୍ରରୁ ସୂକ୍ଷ୍ମ ସ୍ୱରୂପରେ ରାଜସ ଗୁଣରେ ବ୍ରହ୍ମା ଓ ସାବିତ୍ରୀ ସମ୍ଭୂତ ହୋଇ ରଜଗୁଣରୁ ସୂକ୍ଷ୍ମଜୀବ ସୃଷ୍ଟି, ସତ୍ତ୍ୱଗୁଣରେ ଲକ୍ଷ୍ମୀନାରାୟଣ ସେହି ସୂକ୍ଷ୍ମଜୀବର ପାଳନ, ତମଗୁଣରେ ଶିବପାର୍ବତୀ ସଂହାର ଦାୟିତ୍ୱ ଗ୍ରହଣ କଲେ । ଏହି ଓଁକାର ମଣ୍ଡଳର ସୂକ୍ଷ୍ମଜଗତରେ କାରଣ ଓ ସୂକ୍ଷ୍ମ ଉଭୟ ସ୍ୱରୂପରେ ତତ୍ତ୍ୱର ଭାବ ସ୍ୱରୂପ ଜ୍ଞାନରୁ ରଜଗୁଣ ସମନ୍ୱିତ, ବ୍ରହ୍ମା ସକଳ ସୃଷ୍ଟିର ସୂକ୍ଷ୍ମ ଛାଞ୍ଚ ସୃଷ୍ଟି କରିଗଲେ । ଅନାଦିକାରଣ ଜଗତର ଛାୟାରେ ଆଦି ଜଗତରେ ମାୟାମଣ୍ଡଳ ମଧ୍ୟ ବ୍ରହ୍ମା ସୃଜନ କଲେ । ସତ୍ତ୍ୱଗୁଣାଧିଷ୍ଠିତ ବିଷ୍ଣୁ ପାଳନ ଓ ମୁକ୍ତିର ଦାୟିତ୍ୱ ବହନ କଲେ । ବିଷ୍ଣୁ ବୈଷ୍ଣବ ତତ୍ତ୍ୱର ଭାବ ଏହି ଜଗତରେ ସୂକ୍ଷ୍ମରେ ରଖିଲେ । ଶିବ ଏହି ଓଁକାର ତତ୍ତ୍ୱରେ ତମଗୁଣ ବିଭୂଷିତ ହୋଇ ସଂହାର ଭାର ବହନ କଲେ । ଜ୍ଞାନ ସ୍ୱରୂପ ମାର୍ଗ ଶିବଙ୍କ ଦ୍ୱାର ଦେଇ ସପ୍ତଲୋକକୁ ଆସେ । ଏ ସମସ୍ତ ସୂକ୍ଷ୍ମଲୀଳା । ଏହା ସୂକ୍ଷ୍ମଜଗତରେ ସର୍ବଦା ପ୍ରକଟିତ । ଏହା ଅନୁଭୂତି ସାପେକ୍ଷ ।

ଅନାଦିକାରଣ ଜଗତ ବା ଅବ୍ୟକ୍ତ ମଣ୍ଡଳ ଅବାଂଙ୍ମାନସ ଗୋଚର । ତାହା ଅନୁଭୂତିର ବହୁ ଊର୍ଦ୍ଧ୍ୱରେ । ତା'ର ସନ୍ଧାନ ସ୍ୱୟଂ ଅବ୍ୟକ୍ତ ବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କାହାରି ପକ୍ଷରେ ସମ୍ଭବପର ନୁହେଁ । ମାତ୍ର ଆଦିଜଗତର ଲୀଳା ଅନୁଭୂତିରେ ଦର୍ଶନ ହେବା ସମ୍ଭବ । କତିପୟ ଶୁଦ୍ଧାତ୍ମା ଏହି ଅନୁଭୂତି ସ୍ୱୟଂ ଦର୍ଶନ କରିପାରିଛନ୍ତି ଏବଂ ଏହା ସାଧନା ସାପେକ୍ଷ; ପ୍ରଭୁଙ୍କ ଇଚ୍ଛା ଓ କୃପା ସାପେକ୍ଷ । ଆଦି ଜଗତର ସୂକ୍ଷ୍ମଲୀଳା ଅନୁଭୂତି ବାକ୍ୟରେ ପ୍ରକାଶ କରିବା କିଛି ମାତ୍ରାରେ ସମ୍ଭବ; ମାତ୍ର ସବୁବେଳେ ମନେରଖିବାକୁ ହେବ ଯେ ଏହା ସଂପୂର୍ଣ୍ଣ ରୂପେ ବାକ୍ୟରେ ବ୍ୟକ୍ତ କରାଯାଇପାରେନା । ଅନାଦି କାରଣ ଜଗତରେ ବିନା କାରଣରେ ଅବ୍ୟକ୍ତ ବ୍ରହ୍ମଙ୍କ ଇଚ୍ଛା କାର୍ଯ୍ୟରେ ପରିଣତ ହୋଇପାରେ । ସେହି ଅବ୍ୟକ୍ତ ଲୀଳା ଆଦି ଜଗତରେ ସୂକ୍ଷ୍ମରେ ପ୍ରକାଶ ଲାଭ କରେ । କାରଣ ଜଗତର ସମସ୍ତ କାରଣସତ୍ତା ସୂକ୍ଷ୍ମ ଜଗତରେ କାରଣ ଓ ସୂକ୍ଷ୍ମସତ୍ତାରେ ବିରାଜମାନ । ତାହା ପୁଣି ସ୍ଥୂଳ ଜଗତରେ ସ୍ଥୂଳ ରୂପରେ ବ୍ୟକ୍ତ ।

ଅବ୍ୟକ୍ତ ମଣ୍ଡଳର କେନ୍ଦ୍ରବିନ୍ଦୁ ବା ହରିଦ୍ରାବର୍ଣ୍ଣର ମୂଳବିନ୍ଦୁ ନିତ୍ୟ ସନାତନ ପରଂବ୍ରହ୍ମଙ୍କର ଯେଉଁ ରଶ୍ମି କାରଣ ଜଗତ ଓ ଓଁକାର ମଣ୍ଡଳ ବା ସୂକ୍ଷ୍ମଜଗତକୁ ଭେଦ କରି ଓଁକାର ମଣ୍ଡଳ ନିମ୍ନରେ ଅବସ୍ଥିତ ପଇଁତ୍ରିଶ ସୂକ୍ଷ୍ମପାଖୁଡ଼ା ବିଶିଷ୍ଟ ପାଦପଦ୍ମ ଭେଦ କରିଛି, ସେ ପାଦପଦ୍ମ ବେଷ୍ଟିତ ପଞ୍ଚତ୍ରିଂଶ ପାଖୁଡ଼ା ବିଶିଷ୍ଟ ପଦ୍ମ ହିଁ ଶକଟାକ୍ଷ ମଣ୍ଡଳ ନା ସ୍ଥୂଳ ଜଗତ । ଏହା ସପ୍ତଲୋକର ଅଂଶ ବିଶେଷ । ଏହି ସପ୍ତଲୋକର ସର୍ବଶେଷ ମଣ୍ଡଳ ହିଁ ମର୍ତ୍ତ୍ୟଧାମ । ଏହି ଶକଟାକ୍ଷ ମଣ୍ଡଳରେ ବିରାଟ ପୁରୁଷ ମାନେ ଲୀଳା କରନ୍ତି । ଶକଟାକ୍ଷ ମଣ୍ଡଳର ପ୍ରତୀକ ସ୍ୱରୂପ ପଦ୍ମପାଖୁଡ଼ାରେ ଥିବା ତୀର୍ଯ୍ୟକ୍ (ତେରଛା) ଗାର ଗୁଡ଼ିକ ସିଦ୍ଧିର ସ୍ଥାନ ନିରୂପଣ କରେ । ଏହା ସିଦ୍ଧିର ପ୍ରତୀକ । ଏହି ସ୍ଥୂଳଜଗତର ପ୍ରତୀକ ସ୍ୱରୂପ ପଇଁତ୍ରିଶ ପଦ୍ମ ପାଖୁଡ଼ା ବିଶିଷ୍ଟ ଶକଟାକ୍ଷ ମଣ୍ଡଳର ମଧ୍ୟସ୍ଥ ଗୈରିକ ବର୍ଣ୍ଣର ବୃତ୍ତ ହିଁ କୈବଲ୍ୟ ଅଂଶଙ୍କର ବିଚ୍ଛେଦ୍ଧନୀ । ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଆସିଥିବା ଦିବ୍ୟ ସନ୍ଦେଶ ଏହି ସ୍ଥାନରେ ଠୁଳ ହୋଇ ନାଦବିନ୍ଦୁ

ସହିତ ଯୋଗ ହୋଇଅଛି ଅର୍ଥାତ୍ ମୂଳବୀଜ ବା ମୂଳବିନ୍ଦୁରୁ ହିଁ ଦିବ୍ୟ ସନ୍ଦେଶ କ୍ଷରିତ ହୋଇ ଶକଟାକ୍ଷ ମଣ୍ଡଳ ବା ସ୍ଥୂଳଜଗତରେ ଠୁଳ ହୋଇ ରହିଛି ।

ଶକଟାକ୍ଷ ମଣ୍ଡଳର ଚାରିପାଖରେ ଲହଡ଼ି ପରି ମାଳମାଳ ଗୋଲାକାର ଅର୍ଦ୍ଧବୃତ୍ତଗୁଡ଼ିକ ଚେତନ ଓ ତତ୍ତ୍ୱମାଳ । ଏହି ଚେତନ ଓ ତତ୍ତ୍ୱମାଳ ସ୍ଥୂଳଜଗତରେ ବିସ୍ତୃତଭାବରେ ଲୀଳା କରନ୍ତି । ଏହା କାରଣ ସତ୍ତା, ସୂକ୍ଷ୍ମ ସତ୍ତା ଓ ସ୍ଥୂଳ ବ୍ୟକ୍ତରେ ଲୀଳା ରଚନା କରନ୍ତି । ତେଣୁ ମାଳ ମାଳ ବ୍ରହ୍ମାଣ୍ଡ ଏହିଠାରେ ବିରାଜିତ । ଏହା ଅନୁଭବ, ଦର୍ଶନ, ସ୍ପର୍ଶ ଇତ୍ୟାଦିରେ ବ୍ୟକ୍ତ । ଏହି ମଣ୍ଡଳରେ ଥିବା ପାଦଚିହ୍ନ ଦିବ୍ୟସନ୍ଦେଶ ଓ ଅଭୟର ପ୍ରତୀକ । ଅବ୍ୟକ୍ତ ମଣ୍ଡଳର ପରଂବ୍ରହ୍ମଙ୍କର ଅଭୟ ଜୀବ ପରମାର୍ଥ ପ୍ରୟାସୀ ହୋଇ ଏହି ସ୍ଥୂଳ ଜଗତରେ ସ୍ଥୂଳ ଦେହରେ ବ୍ୟକ୍ତ ନରନାରାୟଣଙ୍କର ଶ୍ରୀପଦପଙ୍କଜ ଦର୍ଶନମାତ୍ରେ ହିଁ ଲାଭ କରେ ।

ସ୍ଥୂଳଜଗତ ବା ମର୍ତ୍ତ୍ୟଧାମରେ ବ୍ୟକ୍ତ ଅବ୍ୟକ୍ତ ବ୍ରହ୍ମଙ୍କର ସ୍ୱଇଚ୍ଛା ସୃଷ୍ଟି ହୁଏ ଆହ୍ଲାଦରୁ । ଏହି ଆହ୍ଲାଦ ହିଁ ହ୍ଲାଦିନୀ ଶକ୍ତି । ଫଳତଃ ବ୍ରହ୍ମ ଦ୍ୱିଧା ବା ଦୁଇ ଅଂଶରେ ପରଂବ୍ରହ୍ମ ଓ ମହତ ବ୍ରହ୍ମରେ ପ୍ରକାଶିତ ହୁଅନ୍ତି । ମହତ ବ୍ରହ୍ମଙ୍କର ଇଚ୍ଛା ହିଁ ଭଗ ଓ ପରଂବ୍ରହ୍ମଙ୍କର ଇଚ୍ଛା ହିଁ ବାନ । ଏଣୁ ସେହି ଅବ୍ୟକ୍ତ ବ୍ରହ୍ମଙ୍କର ଅବ୍ୟକ୍ତ ଅଭିବ୍ୟକ୍ତି ହିଁ ଭଗବାନ । ଭଗବାନ ତେଣୁ ଅବ୍ୟକ୍ତ ବ୍ୟକ୍ତିତ୍ୱ । ସେ ପୂର୍ଣ୍ଣବ୍ରହ୍ମ ସତ୍ତାରେ ମର୍ତ୍ତ୍ୟଧାମରେ ନର ବିଗ୍ରହରେ ବ୍ୟକ୍ତ ବ୍ୟକ୍ତିତ୍ୱ ଧାରଣ କରି ଜୀବ ଉଦ୍ଧାର ନିମନ୍ତେ ଓ ଧର୍ମ ସଂସ୍ଥାପନ ନିମନ୍ତେ ଆବିର୍ଭୂତ ହୁଅନ୍ତି ଓ ଆଜି ଆମ ଗହଣରେ ମଧ୍ୟ ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ରୂପରେ ସେ ଅମୃତ ଲୀଳା ଆଚରଣ କରି ପାପୀତାପୀମାନଙ୍କୁ ପୀୟୁଷ ଆଶିଷ ଦେଇ ଉଦ୍ଧାରର ପଥ ନିର୍ଦ୍ଦେଶ କରୁଅଛନ୍ତି ।

ଶ୍ରୀମଦ୍‌ଭଗବତ୍‌ଗୀତାରେ ପ୍ରଭୁ ଏ ଜଗତ ଉଦ୍ଧାର ନିମନ୍ତେ ଅଭୟ ବାଣୀଦେଇ ଯାଇଛନ୍ତି— ''ସମ୍ଭବାମି ଯୁଗେ ଯୁଗେ'' । ସେହିଁ ଅବ୍ୟକ୍ତ ବ୍ରହ୍ମ, ଅବ୍ୟକ୍ତ ମଣ୍ଡଳ ବା ଅନାଦି କାରଣ ଜଗତରେ ସେ ନିତ୍ୟ ସନାତନ, ମୂଳବୀଜ ସ୍ୱରୂପରେ ନାଦବିନ୍ଦୁ ରୂପରେ ଅବ୍ୟକ୍ତ ହୋଇ ରହିଛନ୍ତି । ସେହିଁ ଇଚ୍ଛାରୁ ''ଏକୋଽହଂ ବହୁସ୍ୟାମ'' ଭାବରେ ବ୍ୟକ୍ତ ହୋଇ ଇଚ୍ଛାନୁସାରେ ଜୀବ ବ୍ରହ୍ମ ସୃଷ୍ଟି କରି ସ୍ଥୂଳ ଜଗତ ବା ଅବ୍ୟକ୍ତ ମଣ୍ଡଳ ବା କାରଣ ଜଗତରୁ ଓଁକାର ମଣ୍ଡଳ ବା ସୂକ୍ଷ୍ମଜଗତ ମଧ୍ୟ ଦେଇ ଶକଟାକ୍ଷ ମଣ୍ଡଳ ବା ସ୍ଥୂଳ ଜଗତକୁ ଅବତରଣ କରି ଆସିଛନ୍ତି । ଆମେ ମୂଢ଼ଜୀବ ଜଡ଼ ଜଗତ୍‌ରେ ଏପରି ଆସକ୍ତି ପାଶରେ ବଦ୍ଧ ହୋଇ ପଡ଼ିଛୁ ଯେ, ତାହା ଉପଲବ୍ଧି କରିବା ଆମ ପକ୍ଷରେ ସମ୍ଭବପର ହୋଇପାରୁନାହିଁ । ଅବିଶ୍ୱାସ, ନିର୍ଭରହୀନତା, ସନ୍ଦେହ ଓ ଜଡ଼ ବୁଦ୍ଧି ଆମକୁ ଏହି ଅନୁଭୂତି ପଥରେ ବାଟବଣା କରିଦେଉଛି । ଅବିଶ୍ୱାସର ବହଳ ଅନ୍ଧାରରେ ସନ୍ଦେହର ବହଳ କୁହେଳିକା (କୁହୁଡ଼ି)ରେ ଆମେ ପଥହରା ହୋଇ ଘୂରିବୁଲୁଛୁ । ତେଣୁ ସୃଷ୍ଟିତତ୍ତ୍ୱକୁ ହୃଦୟଙ୍ଗମ କରିବା ଆମମାନଙ୍କର ସାଧ୍ୟ ସାଧନାର ଅତୀତ ବୋଲି ଆମେ ମନେ କରୁଛୁ । ମାତ୍ର, ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ରଙ୍କ ଭାଷାରେ ''ତ୍ୟାଗନିଷ୍ଠା ଓ ସେବା ସହିତ ଗଭୀର ଆଲୋଚନା କଲେ ସୃଷ୍ଟିତତ୍ତ୍ୱ ଜାଣିବା କଷ୍ଟସାଧ୍ୟ ନୁହେଁ'' । ପ୍ରଭୁପାଦ ଗୁରୁସ୍ୱାମୀ ନିଜେ ଏହି ସୃଷ୍ଟିତତ୍ତ୍ୱ ତାତ୍ତ୍ୱିକ ଭାଷାରେ 'ଚରମ'ର ପ୍ରଥମ ସଂଖ୍ୟାରେ ବ୍ୟକ୍ତ କରିଅଛନ୍ତି । ''ଚରମ''ର ପ୍ରଚ୍ଛଦପଟରେ ଆମମାନଙ୍କର ଅବଗତି ନିମନ୍ତେ ପ୍ରତୀକ ଓ ସଙ୍କେତ ମାଧ୍ୟମରେ ସହଜ ଓ ସରଳ ଭାବରେ ଉଲ୍ଲେଖ କରିଛନ୍ତି ।

ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶିତ ସାଙ୍କେତିକ ପ୍ରତୀକ ଅନୁସାରେ ଅବ୍ୟକ୍ତ ବ୍ରହ୍ମ

ଦୁଇଅଂଶରେ ଆତ୍ମା ଚେତନା ଓ ବ୍ରହ୍ମ ଚେତନା ରୂପରେ ସୂକ୍ଷ୍ମଜଗତକୁ ଅବତରଣ କରନ୍ତି । ସେହି ଅବ୍ୟକ୍ତ ବ୍ରହ୍ମ ପୁନଶ୍ଚ ପ୍ରକୃତି ପୁରୁଷ ସ୍ୱରୂପରେ ଶକଟାକ୍ଷ ମଣ୍ଡଳରେ ସ୍ଥୂଳଜଗତରେ ସୃଷ୍ଟି ପ୍ରକ୍ରିୟାର ମୂଳ ଉତ୍ସ ରୂପରେ ନିତ୍ୟ ବିଦ୍ୟମାନ ।

ଆସନ୍ତୁ ଏହି ସ୍ଥୂଳ ଜଗତର ସୃଷ୍ଟି ରହସ୍ୟ ଭେଦ କରିବା ପାଇଁ ଉଦ୍ୟମ କରିବା । କାରଣ ଜଗତ ଏବଂ ସୂକ୍ଷ୍ମ ଜଗତ ବା ଅବ୍ୟକ୍ତ ମଣ୍ଡଳ, ବ୍ରହ୍ମ ମଣ୍ଡଳ, ଓଁକାର ମଣ୍ଡଳର ସୂକ୍ଷ୍ମାତିସୂକ୍ଷ୍ମ ରହସ୍ୟ ଆମର ଦର୍ଶନ ଓ ଅନୁଭୂତିର ସୀମା । ତାହା ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ଯେତିକି ବ୍ୟକ୍ତ କରିଅଛନ୍ତି ତାହା ଆମ ପକ୍ଷରେ ଯଥେଷ୍ଟ ସନ୍ତୋଷର କାରଣ । ଆମେ ଜୀବମାନେ ଏତିକିରେ ସନ୍ତୁଷ୍ଟ ହୋଇ ଅଧିକରୁ ଅଧିକ ଜ୍ଞାନ ବା ତତ୍ତ୍ୱ ଜାଣିବା ନିମନ୍ତେ ପ୍ରଭୁକୃପା ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବା । ମାତ୍ର, ସ୍ଥୂଳ ଜଗତର ଅନୁଭୂତି ଆମ ହାତ ପାହାନ୍ତରେ ରହିଛି । ଏହି ସ୍ଥୂଳଜଗତର ଆଦ୍ୟସୃଷ୍ଟି ରହସ୍ୟ ବିଚାର କରିବା ଏଠାରେ ଆମ ପକ୍ଷରେ ସମ୍ଭବ । ଏହାଦ୍ୱାରା ଆମ୍ଭମାନଙ୍କର ଆସକ୍ତି, ଅହଂକାର, ଅସ୍ମିତା, ଶ୍ଳାଘା ଇତ୍ୟାଦି ପତଳା ହୋଇ କ୍ରମଶଃ ମିଳେଇଯିବ ଓ ବ୍ରହ୍ମସତ୍ତାକୁ ଉପଲବ୍ଧ କରିବା ସମ୍ଭବ ହୋଇ ପାରିବ ।

ହ୍ଲାଦ ବା ଆହ୍ଲାଦର ସୂକ୍ଷ୍ମାତିସୂକ୍ଷ୍ମ କାରଣ ସତ୍ତାରେ ଅବ୍ୟକ୍ତ ବ୍ରହ୍ମଙ୍କର ଇଚ୍ଛା ସୃଷ୍ଟି ହେଲା । ବ୍ରହ୍ମର ଇଚ୍ଛାତରଙ୍ଗ ଅଣୁ ପରମାଣୁ ରୂପରେ ସର୍ବତ୍ର ଦିଗବିଦିଗ ବିସ୍ତୃତ ହେଲା । ବ୍ରହ୍ମ ବ୍ୟକ୍ତ ହେଲେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ରୂପରେ । ଏହାହିଁ ଅବ୍ୟକ୍ତ ବ୍ରହ୍ମଙ୍କର ପ୍ରଥମ ସ୍ଥୂଳ ଅଭିବ୍ୟକ୍ତି । ବ୍ରହ୍ମ ଏବଂ ଶୂନ୍ୟ ସହିତ ଇଚ୍ଛାଶକ୍ତିର ମିଳନରୁ ବାୟୁର ସୃଷ୍ଟି ହେଲା । ବ୍ରହ୍ମ, ବ୍ୟୋମ, ମରୁତ ସହିତ ଇଚ୍ଛା ଶକ୍ତିର ମିଳନରୁ ତେଜର ସୃଷ୍ଟି ହେଲା । ବ୍ରହ୍ମ, ବ୍ୟୋମ, ମରୁତ, ତେଜ ସହିତ ଇଚ୍ଛା ଶକ୍ତିର ମିଳନରୁ ଅପ (ଜଳ)ର ସୃଷ୍ଟି ଓ ବ୍ରହ୍ମ, ବ୍ୟୋମ, ମରୁତ, ତେଜ, ଅପ ସହିତ ଇଚ୍ଛା ଶକ୍ତିର ମିଳନରୁ କ୍ଷିତି (ମାଟିର) ସୃଷ୍ଟି ହେଲା । ଏହି ପଞ୍ଚମହାଭୂତ କାରଣ ଜଗତରେ ଅବ୍ୟକ୍ତ ଅବସ୍ଥାରେ ଥିଲା । ଏହାପଞ୍ଚତନ୍ମାତ୍ରା ରୂପରେ ଓଁକାର ମଣ୍ଡଳରେ ସୂକ୍ଷ୍ମ ଭାବରେ ବିଦ୍ୟମାନ ଥିଲା । ପୁନଶ୍ଚ ତାହା ଶକଟାକ୍ଷ ମଣ୍ଡଳରେ ସ୍ଥୂଳ ଜଗତରେ ସ୍ଥୂଳଭାବରେ ପଞ୍ଚଭୂତରେ ପ୍ରକାଶ ପାଇଲା । ପଞ୍ଚଭୂତ (କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ୍) ସ୍ଥୂଳ ଜଗତରେ ବ୍ରହ୍ମଙ୍କର ବ୍ୟକ୍ତ ସ୍ୱରୂପ ଭାବରେ ପ୍ରକାଶିତ ହେଲା । ଏହି ପଞ୍ଚଭୂତର ପ୍ରତି ଅଣୁ ପରମାଣୁରେ ବ୍ରହ୍ମସତ୍ତା ନିତ୍ୟ ବିଦ୍ୟମାନ । କ୍ରମଶଃ ଅବ୍ୟକ୍ତ ବ୍ରହ୍ମଙ୍କର ସ୍ୱଇଚ୍ଛାନୁମତେ ରାସାୟନିକ ପ୍ରକ୍ରିୟାରୁ ଧରାଧାମରେ ଜୀବକୋଷର ସୃଷ୍ଟି ହେଲା । ଏହି ଜୀବକୋଷର କେନ୍ଦ୍ରସ୍ଥଳରେ ବ୍ରହ୍ମସତ୍ତା ପ୍ରାଣ ସ୍ୱରୂପରେ ବିଦ୍ୟମାନ ରହିଲେ । ପ୍ରଥମ ଜୀବସୃଷ୍ଟି ହେଲା ଏକକୋଷୀ ପ୍ରାଣୀ ଭାବରେ । କ୍ରମେ ଏହି ଏକକୋଷୀ ପ୍ରାଣୀରୁ ବୃକ୍ଷଜଗତ ଓ ଜୀବ ଜଗତର ସୃଷ୍ଟି । କାଳକ୍ରମେ ପରିବର୍ତ୍ତନଶୀଳ ସୃଷ୍ଟି ନାନା ପରିବର୍ତ୍ତନ ଦେଇ ଗତିକରି ଆଜି ଆମ ଚକ୍ଷୁ ସମ୍ମୁଖରେ ଯେଉଁ ଭାବରେ ଦୃଶ୍ୟମାନ ସେହି ସ୍ଥୂଳଜଗତକୁ ଆମେ ଦର୍ଶନ କରୁଛୁ। ଏହା ନିତ୍ୟ ପରିବର୍ତ୍ତନଶୀଳ । ଏହାର ପ୍ରତି ଅଣୁପରମାଣୁରେ ସେହି ଅବ୍ୟକ୍ତ ବ୍ରହ୍ମସତ୍ତା ହିଁ ବିଦ୍ୟମାନ । ସାମାନ୍ୟ ଧୈର୍ଯ୍ୟ ଓ ଏକାଗ୍ରତାର ସହିତ ଲକ୍ଷ୍ୟ କଲେ ଚାରିପାଖରେ ଥିବା ସ୍ଥୂଳଜଗତର ପ୍ରତି ଅଣୁ ପରମାଣୁରେ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ରଙ୍କୁ ଦର୍ଶନ କରିବା ଆମମାନଙ୍କ ପକ୍ଷରେ ଅତ୍ୟନ୍ତ ସହଜ ସୁଗମ ହୋଇ ପାରିବ ।

''ବନ୍ଦେଽଖିଳ ବିଶ୍ୱପତି ଶ୍ରୀ କେଶବ ପଦମ୍'' ॥

**ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତି !!!**

(ବାରାନ୍ତରେ ଆଲୋଚନା ସାପେକ୍ଷ)

OOO

# ଚରମର ମର୍ତ୍ତ୍ୟାବତରଣ

*ଅଚ୍ୟୁତଙ୍କ ଲେଖନୀରୁ ପ୍ରସଙ୍ଗରେ 'ଚରମ'ର ପ୍ରଥମ ପାଖୁଡ଼ାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭବିଷ୍ୟବାଣୀ 'ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍' ଶୀର୍ଷକରେ 'ଚରମ' ପତ୍ରିକା ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ ଆଜକୁ ପାଞ୍ଚଶହ ବର୍ଷତଳେ ଯେଉଁ ଭବିଷ୍ୟତ ବାଣୀ ତାଙ୍କ ରଚିତ ମହାଭବିଷ୍ୟ ଗ୍ରନ୍ଥ ଷଷ୍ଠ ଖଣ୍ଡର ୧୭/୧୮ ପୃଷ୍ଠାରେ ଲେଖି ଯାଇଥିଲେ ତାହାର ଉଦ୍ଧୃତାଂଶ ପ୍ରକାଶ ହୋଇଥିଲା । ଏହାକୁ ବୁଝିବା ପାଇଁ କେତେକ ରହସ୍ୟାତ୍ମକ ଅବୋଧ୍ୟ ଶବ୍ଦର ବିଶଦ ବ୍ୟାଖ୍ୟା ଦିଆଯାଉଛି । ଆଶାକରୁ, ପାଠକେ ଏହାର ସଦୁପଯୋଗ କରି ଆନନ୍ଦ ଲାଭ କରିବେ ॥*

ନିରାକାର କହନ୍ତି ଅଚ୍ଛୁତ ମୁଖ ଚାହିଁ
ଗୁପତ କଥାଟି ତୋତେ କହୁଛି ବୁଝାଇ ॥୧॥

ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧୀରୁ ଫେରିଲେ । ସେହି ସମୟରେ ବତ୍ରିଂଶ କୈବଲ୍ୟରେ ରହି ବ୍ରହ୍ମଙ୍କୁ ନିରୀକ୍ଷଣ କରିଥାଆନ୍ତି । ଧବଳ ରଙ୍ଗ ଓ ହରିଦ୍ରାରଙ୍ଗ ଅନୁଭବ କରି ପରମବ୍ରହ୍ମଙ୍କ ସହିତ ବିଭୂତି ୪୨ ପାହାଚରେ ପହଞ୍ଚି ଦେଖିବାକୁ ପାଇଲେ ଯେ, ଘୋର କଳିର ଶକଟକ ମଣ୍ଡଳରେ ସୃଷ୍ଟିର ଲୀଳା ମର୍ତ୍ତ୍ୟଧାମକୁ ଗତି କରୁଛି । ସେହି ଗତିର ପଥ ସୂତ୍ରାବଳୀ ଗୁପ୍ତରେ କହିବା ପାଇଁ ନିରାକାର ଅଚ୍ୟୁତାନନ୍ଦ ମହାପୁରୁଷଙ୍କୁ ଶକଟକ ବୈବର୍ତ୍ତ ଗୁମ୍ଫାରେ ରହି ଶପଥ କରାଇଲେ ।

ପୁରୁଷ ଜନମ କଥା ପଚାରୁଛ କେତେ
ମୂରୁଖ ଜନଙ୍କ ଆଗେ ନ କହିବୁ ଯେତେ ॥୨॥

ଶୁଣରେ ଅଚ୍ଛୁତ, ଯେଉଁ ପୁରୁଷଙ୍କର ଜନ୍ମ ରହସ୍ୟ କଥା ପଚାରୁଛୁ, ତୁ ମୂର୍ଖଲୋକମାନଙ୍କ ଆଗରେ ତାହା କହିବୁ ନାହିଁ । ନିରାକାର ଏବଂ ଅଚ୍ଛୁତ ଶକଟକ ବ୍ରହ୍ମ ମଣ୍ଡଳଯୋଗରେ ରହି ଅନୁଭବ ସୂକ୍ଷ୍ମାଦି ଶବ୍ଦଭେଦ ସୂତ୍ରରେ କଥାବାର୍ତ୍ତା ହେଉଥାଆନ୍ତି । ଯେଉଁ କ୍ଷର ଶବ୍ଦ ମହାପୁରୁଷଙ୍କ ଆଜ୍ଞାଚକ୍ରରେ ଆସି ବୈଖାରୀ ଗୃହମଧ୍ୟରେ ପ୍ରବେଶ କରି ମୁଖରେ ସ୍ୱର ଏବଂ ହସ୍ତରେ ଅକ୍ଷରକୁ ଆଜ୍ଞା ଦେଉଥାନ୍ତି, ସେହି ଆଦେଶକୁ ମହାପୁରୁଷ ପାଳନ କରୁଥାଆନ୍ତି ।

ପଣ୍ଡିତ ଜନଙ୍କୁ ତୁହି କହିଲେ ବୁଝାଇ
ଜାଣିଥା ଅଚ୍ଛୁତ ତୋତେ କରିବେଟି ଟାହି ॥୩॥

ଯେଉଁ କ୍ଷର ଶବ୍ଦ ଆସି ତୋତେ ପ୍ରାପ୍ତ ହେଉଛି, ତୁ ପଣ୍ଡିତମାନଙ୍କୁ ସେକଥା କହିବୁ ନାହିଁ । କହିଲେ ଏ କଳିରେ ସେମାନେ ତୋତେ ଟାହି ଟାପରା ବ୍ୟଙ୍ଗ ବିଦ୍ରୁପ କରିବେ ।

ମହୁରା ଶାସନ ନାମ ମାହାଙ୍ଗା ଯେ ଘର,
ବ୍ରହ୍ମ ଅଣ ଅକ୍ଷରରୁ କେଶବଙ୍କ ଘର ॥୪॥

ଶକଟକ ମଣ୍ଡଳରେ ଯେଉଁ ଶବ୍ଦ ଆଲୋକ ରଶ୍ମି ଦେଖାଯାଏ, ସେହି ଆଲୋକ ରଶ୍ମିର ବର୍ଣ୍ଣନୀଳ ଅଟେ । ନୀଳବର୍ଣ୍ଣର

ସୂକ୍ଷ୍ମାଦି ଅକ୍ଷର ଗୁଡ଼ିକ ଭବିଷ୍ୟତ ସୂଚନା ପ୍ରାକ୍‌ପରା ପଥଦେଇ ସୁଷୁମ୍ନା କାଣ୍ଡରେ ରହି ବ୍ରହ୍ମ ଅଣୁର ସୂକ୍ଷ୍ମାତିସୂକ୍ଷ୍ମ ଚକ୍ରିକା ସହିତ ଯୁକ୍ତ ହୁଏ । ସେତେବେଳେ କ+ଈଶ+ଅବର ବ୍ରହ୍ମା+ବିଷ୍ଣୁ+ଶିବ, କଣ୍ଠ, ହୃଦ, ନାଭି ଚକ୍ରର ପୁଙ୍ଗମ୍ ପର୍ଯ୍ୟନ୍ତର ସୂକ୍ଷ୍ମ ଅନୁଭବ କରି, ଆଭାସ ଚୈତନ୍ୟରେ ପହଞ୍ଚି ମ, ଶ, ହ, ଙ୍ଗ ଅକ୍ଷରକୁ ଯୋଗ କରି ସ୍ଥୂଳ, ସୂକ୍ଷ୍ମ ଭାବରେ ସଜାଇ ଅକ୍ଷରକୁ ପଦ ଦ୍ୱାରା ଥୋଇଲେ । ତେଣୁ ପରମ ପୁରୁଷ ''କେଶବ'' ''ମାହାଙ୍ଗା''ରେ ଆବିର୍ଭୂତ ହୋଇ ଲୀଳା ରଚନା କରୁଛନ୍ତି ।

ପିତା 'ଲ' କାରରୁ ଅଣ ଅକ୍ଷରୁ ଝରୁଛି,
ଗୁପତରେ କେଶବ ଯେ ଲୀଳା କରୁଅଛି ॥୫॥

ଲଲାଟ ବା ଆଜ୍ଞାଚକ୍ରଠାରୁ ସୂକ୍ଷ୍ମାତିସୂକ୍ଷ୍ମ ସ୍ନାୟୁକୋଷ ଲମ୍ବି ନାଭିକୁ ଭେଦ କରିଅଛି । ଏହାକୁ ଲୟାଙ୍ଗ (ଲୟ ଅଙ୍ଗ) ବା ଷୋହଳ ସୂତ୍ର ଭୂମି କୁହାଯାଏ । ଏହି ଭୂମିରେ ଯ, ସ ଅକ୍ଷର ମାନ ରଖା ଯାଇଛି । ଶବ୍ଦ ଅଣ ଅକ୍ଷର ମଣ୍ଡଳରେ ସେ ଅକ୍ଷର ଯାତାୟତ କରନ୍ତି, ଯୋଗ ହୁଅନ୍ତି; ଏହି ଅକ୍ଷରରୁ ମର୍ତ୍ତ୍ୟଧାମର ବ୍ୟକ୍ତି ବିଶେଷର ନାମ ଥୁଆ ହୋଇଯାଏ । ସୂକ୍ଷ୍ମରେ ଅକ୍ଷର ଅନୁଭୂତ ହୁଏ । ସ୍ଥୂଳ ଅକ୍ଷର ଦ୍ୱାରା ଥୁଆହୁଏ । ଏହି ସୂତ୍ର ଅନୁସାରେ 'ଯ' ସୂତ୍ର ଧରି 'ଯ'ରୁ ଯଦୁନାଥ ଏବଂ 'ସ' ସୂତ୍ରଧରି 'ସ'ରୁ ସୁକାନ୍ତି । ପରମ ପୁରୁଷ କେଶବଙ୍କର ପିତାଙ୍କ ନାମ ଯଦୁନାଥ ଏବଂ ମାତାଙ୍କ ନାମ ସୁକାନ୍ତି ।

ଶବଦ ସୂତର ନାଦ ''ଚରମ'' ଖସିବ,
ଅକ୍ଷର ତାରକ ବ୍ରହ୍ମ ସଦା ଜପୁଥିବ ॥୬॥

ଶବ୍ଦସୂତ୍ର ବା ନାଦବ୍ରହ୍ମରୁ ଯେଉଁ ଅକ୍ଷର ଶରୀରକୁ ଖସିଆସି ଅନାହତ ଚକ୍ର ଭେଦ କରେ ତାହାକୁ ସୂକ୍ଷ୍ମ ନାଦ ବ୍ରହ୍ମ କହନ୍ତି । ଆଭାସ ଚୈତନ୍ୟରୁ ସୂକ୍ଷ୍ମ କୋଷ ତ୍ରିବେଣୀ ଦ୍ୱାରରେ ମିଶି ''ମହାମନ୍ତ୍ର'' ଅକ୍ଷରକୁ ଦିବ୍ୟ ଦୃଷ୍ଟି ଦ୍ୱାରା ସମଗ୍ର ଦେହକୁ ଶବ୍ଦଭାବ ଆଚ୍ଛନ୍ନ କରେ । ପୁରୁଷ ସଦାସର୍ବଦା ଜପସୂତ୍ରରେ ରହିଥାଏ । ଦେହ ଜଗତକୁ ଭାବ ସ୍ଥୂଳରେ ଆସେ ନାହିଁ । ବାହ୍ୟଜ୍ଞାନ ଶୂନ୍ୟ ଥାଏ । ଅହରହ ଅଜପା ଶାନ୍ତି ଚୈତନ୍ୟରେ ରହି ଦର୍ଶନ କରେ ।

ଏକରୁ ଅକ୍ଷର ଖସି ଅନେକ ଯେ ହେବ
ବହୁମାତ୍ରା ଅକ୍ଷରରୁ କ୍ଷରଟି ଝରିବ ॥୭॥

ପ୍ରତ୍ୟେକ ଚକ୍ରକୁ ଅନୁଭବ କରି ମହାପୁରୁଷ ପୁଣୟ ମଧ୍ୟମାରେ ଭାବକୁ ଠୁଳ କରି, ଏକରୁ ବହୁ ସୂତ୍ର ଅକ୍ଷରର ମାତ୍ରା ମାନ ସୂକ୍ଷ୍ମ ଜିହ୍ୱା ଓ ହସ୍ତ ଚାଳନାର ଆଙ୍ଗୁଷ୍ଠି ବିନ୍ଦୁଳ କୋଷକୁ ଆଣି ଲେଖନୀ ଦ୍ୱାରା ତାଳପତ୍ରରେ ଅକ୍ଷର ଲେଖିଲେ । ସେହି ସମୟରେ ମନଚୈତନ୍ୟର ଭାବ ଏକ ଲୟରେ କେନ୍ଦ୍ରୀଭୂତ ହୋଇଥାଏ । ଯାହା କ୍ଷରେ ତାହା ପତ୍ରରେ ଅକ୍ଷର ସ୍ୱରୂପରେ ଲେଖା ହୋଇଯାଏ । ଏଠାରେ ଚିନ୍ତା ବା ଭାବନାର ଭୂମିକା ନଥାଏ । ବହୁମାତ୍ରା ଅକ୍ଷର ଓ ସ୍ୱର ଆପେ ଆପେ ହୋଇଥାଏ ।

ଚରମ ସୁଧା ବାରତା କାଗଜରେ ହବ
ଅଦ୍ଭୁତ ଜାଣିଥା ମୋର ଗୁପତ ଦରବ ॥୮॥

ମହାପୁରୁଷଙ୍କ ଚୈତନ୍ୟ ଜଗତରେ ବିରୂପାକ୍ଷ ମାନସ ପଟହ ଅଛି । ଏହି ଅବସ୍ଥା ନିର୍ବିକଳ୍ପରେ ସିଦ୍ଧି ଦର୍ପଣ ଅକ୍ଷର ଆଜ୍ଞାଚକ୍ରରେ କ୍ରମ ଅନୁଯାୟୀ 'ଚ' ଅକ୍ଷର ଆସି ପୁଣି ଆଭାସ ଚୈତନ୍ୟକୁ ପ୍ରତ୍ୟାବର୍ତ୍ତନ କରେ । 'ର' ଅକ୍ଷର ଆସି ମଧ୍ୟମା ସୂତ୍ର କୋଷରେ ଠୁଳ ହୋଇ ଶୂନ୍ୟରେ ମିଳାଇ ଯାଏ । ତାପରେ 'ମ' କାର ବ୍ରହ୍ମ ଅଣସୂତ୍ର ମଣ୍ଡଳରୁ 'ମ' ଅକ୍ଷର

ଅବତରଣ କରି ମାନସରେ ଅଦୃଶ୍ୟ ହୋଇଯାଏ । ପ୍ରତ୍ୟେକ ଅକ୍ଷରକୁ ଚୈତନ୍ୟ ଯୋଗ କରି ସ୍ଥୂଳ ଶରୀରରେ ଭାବ ଅକ୍ଷର ଲେଖେ । ଏହି ତିନି ଅକ୍ଷର ମାନସ ପଟହରେ ସଂଯୁକ୍ତ ହୋଇ 'ଚରମ' ବୋଲାଇଥାଏ । ମହାପୁରୁଷ ଅଚ୍ୟୁତାନନ୍ଦ ସେହି ସମୟରୁ ଜଣାଇ ଅଛନ୍ତି ଯେ କାଗଜରେ ''ଚରମ'' ପ୍ରକାଶ ପାଇବ । ପୂର୍ବାପର ଅମୀୟ ବାର୍ତ୍ତା ଓ ଅମୃତ ବାଣୀ ''ଚରମ'' ମାଧ୍ୟମରେ ପ୍ରକାଶ ପାଇବ ।

ଖଣ୍ଡ, ତସକର, ଚୋର, ଟାଉଟର ମେଣ୍ଟ
ବଡ଼ ବଡ଼ କଥା କହି, ମାରୁଥିବେ ଅଣ୍ଟ ॥୯॥

ମହାପୁରୁଷ ଅଚ୍ୟୁତାନନ୍ଦ ଥିଲେ ସିଦ୍ଧଯୋଗୀ, ଦୂରଦ୍ରଷ୍ଟା । ସେ କହିଯାଇଛନ୍ତି ଯେ, ଚରମ ଓହ୍ଲାଇଲେ ଖଣ୍ଡ, ତସ୍କର, ଚୋର, ଟାଉଟରଦଳ ଆସି ମେଣ୍ଟ ବାନ୍ଧି ବଡ଼ ବଡ଼ କଥା କହି, କାର୍ଯ୍ୟତଃ ବାସ୍ତବ କର୍ମ ନକରି ଅର୍ଥ ଶୋଷଣ କରିବେ । ମହାପୁରୁଷ ଅଚ୍ୟୁତାନନ୍ଦ ସାଧନା ଦ୍ୱାରା ବ୍ରହ୍ମ ଶକଟକ ସୂତ୍ର କୈବଲ୍ୟରେ ପହଞ୍ଚି ଦେଖିଲେ ଯେ, ଆଗାମୀ ପାଇଁ ଘୋର କଳିର ଦଣ୍ଡାଦୀୟ ସୂତ୍ର ରେଖାରେ ଅକ୍ଷରଗୁଡ଼ିକ ଯାତାୟତ କରୁଛି । ବ୍ରହ୍ମ ଶକଟକ ମଣ୍ଡଳରେ କଳ୍ପଯୁଗରୁ ଭବିଷ୍ୟତ ବାଣୀ ସତ୍ୟ, ତ୍ରେତୟା, ଦ୍ୱାପର, କଳିଯୁଗ ଚତୁଷ୍ଟୟ ମଧ ଦେଇ ମହାଭବିଷ୍ୟ ଗ୍ରନ୍ଥ, ବାଣୀ, ଆଲୋକଚିତ୍ର ହୋଇ ସୁସଜ୍ଜିତ ଅନ୍ୟ ଅନୁଭବ ସୂତ୍ରଦ୍ୱାରା ଦେଖାଯାଉଛି । କଳିର ସୂତ୍ରାଦୀୟ କୋଷ ମହାଶୂନ୍ୟରେ ଏକଶହ ବତ୍ରିଂଶ (୧୩୨) ଦଣ୍ଡରେ ତଳୁ ଉପରକୁ ଅକ୍ଷର ଗୁଡ଼ିକ ଧଳା ଓ ହଳଦିଆ ରଙ୍ଗ ମାଳମାଳ ହୋଇ ଦେଖାଯାଉଛି । ତେଣୁ ମହାପୁରୁଷ ଦର୍ଶାଇ ଅଛନ୍ତି ଯେ, ମର୍ତ୍ତ୍ୟଧାମକୁ କୁପଥଗାମୀ ଜୀବ ଦ୍ୱିଗୁଣ ଭାବେ ଆସିବେ । ଆସୁରିକ ଶକ୍ତି ମଧ୍ୟରୁ ଖଣ୍ଡ, ତସ୍କର, ଚୋର, ଟାଉଟର ଦଳ ଆଧ୍ୟାତ୍ମିକ କ୍ଷେତ୍ରରେ ମିଳିତ ହୋଇ କ୍ଷେତ୍ର ଉପରେ ତାଙ୍କ ଇଚ୍ଛା ବଳବତ୍ତର କରିବେ । ମହାପୁରୁଷଙ୍କ ଭାଷାରେ ଖଣ୍ଡର ଅର୍ଥ: ହୃଦୟରେ ଦୟାଭାବ ନ ରଖି ଅନ୍ୟର ଧନ ଯେ ଶୋଷଣ କରେ । ଜନ୍ମରୁ ଶରୀର ଥିବା ପର୍ଯ୍ୟନ୍ତ ତା'ର ଦାରିଦ୍ର୍ୟ କର୍ମ ଦେଖା ଯାଇଥାଏ । ସେ ଖଣ୍ଡ ରୂପ ଧାରଣ କରେ । ତସକରର ଅର୍ଥ: ଜୀବ ପୂର୍ବଜନ୍ମରୁ ଭୋଗ ଐଶ୍ୱର୍ଯ୍ୟ ଆଣିଥାଏ । ଏ ଜନ୍ମରେ ଅଳ୍ପସୂତ୍ରରେ ମିଥ୍ୟାବାର୍ତ୍ତା କହି ଅନ୍ୟ ଧନ ଶୋଷଣ କରି କୁଟୁମ୍ବ ପ୍ରତିପୋଷଣ କରେ । ନରକ ଭୋଗ ଯଥା: ରୋଗ, ଶୋକ, ଦୁଃଖରେ କାଳ କାଟୁଥାଏ । ବିରଳ ଜୀବ ପ୍ରତି ଦୟାଭାବ ଥାଏ ବହୁଳ ଜୀବ ପ୍ରତି ଅହଂକାରରେ ଜଳୁଥାଏ । ଉପରେ ମିଠା କଥା କହି ସ୍ୱାର୍ଥ ହାସଲ କରୁଥାଏ । ଏମନ୍ତ ଜୀବଙ୍କୁ ତସ୍କର କୁହାଯାଏ । ଚୋର: ରାତ୍ରିରେ ଗୋପନରେ ଧନ ହରଣ କରେ । ଦିନରେ ଯେ ନିଦ୍ରାଯାଏ ହକ ଚୋରର ପ୍ରମାଣ ଅଟେ । ମାନ ଲଗାଣ ଚୋର— ଏ ଯୁଗର ବିଦ୍ୟା ଅର୍ଜନ କରି, ଉଚ୍ଚ ଶିକ୍ଷିତ ହୋଇ, ଭଦ୍ରପୋଷାକ ପିନ୍ଧି, ଅକ୍ଷର ଖଞ୍ଜି ଯେ ଧନ ହରଣ କରେ, ତାହାକୁ ମାନ ଲଗାଣ ଚୋର ବୋଲାଯାଏ । ଟାଉଟର— ଟାଉଟାଉକା କଥା କହି, ଆଙ୍ଗୁଠି ହଲାଇ, ଫୁପୁରୁ ଫୁସୁରୁ ହୁଏ ଯିଏ; ଟାଉଟର ବୋଲି ଜାଣ ସିଏ । ଟାଉଟର ପରସ୍ତ୍ରୀ ପ୍ରତି ସଦାସର୍ବଦା କୁଦୃଷ୍ଟି ରଖେ । ପର ସମ୍ପତ୍ତି ଲୁଣ୍ଠନ କରେ । ଧର୍ମ ଦ୍ୱାରରେ, ଗୁରୁଦ୍ୱାରରେ ଗୁରୁଙ୍କ ଆଜ୍ଞାନମାନି, ସାମାଜିକ, ରାଜନୈତିକ ମାମଲତ୍‌କାର ସାଜି, ଟାଉକା କଥା କହି ଅନ୍ତର ଭିତରେ ଶୋଷଣ ଭାବ ରଖେ । ଯେଉଁ ଜୀବ ମୁଖ୍ୟ ଆସନ ଭୋଗ କରିବା ପାଇଁ ଭାବଗଦଗଦ ହୋଇ ଉଦ୍‌ବେଗରେ ଅନ୍ତର୍ଦ୍ୱନ୍ଦ୍ୱରେ ପଡ଼ି ମିଠା କଥା କହେ; ମାତ୍ର ଧରା ପଡ଼ିଲେ ବା ଜଣାଗଲେ ଚରଣି ମାରି ପଳାୟନ କରେ, ସେ ହିଁ ଟାଉଟର ପଦବାଚ୍ୟ । ଯେଉଁ ବାବଦରେ ଅନ୍ୟଠାରୁ ଧନ ଆଣିଥାଏ, ତାହା ଆଦୌ ସେ କାର୍ଯ୍ୟରେ ଲଗାଇ ପାରେ ନାହିଁ ।

ଏମାନଙ୍କର ମେଣ୍ଟ ବା ମେଳ କଳିଯୁଗରେ ଧର୍ମକ୍ଷେତ୍ର, ଧର୍ମପୀଠ, ଧାମ, ଗୁରୁଦରବାର, ମଠ, ଆଶ୍ରମମାନଙ୍କରେ ପ୍ରବଳ ଭାବରେ ହୁଏ । ଏମାନେ ପ୍ରବଳ ଭିଡ଼ ବା ମେଣ୍ଟ କରି ପଦବୀ ପାଇଁ ତୀବ୍ର ଲାଳସା ପୋଷଣ କରି ପଦବୀ ଲାଳାୟିତ ହୁଅନ୍ତି । ଟାଉକା ଭାବ ପୋଷଣ କରନ୍ତି; ଟାଉକା ନୀତି ଧରି ଅଣ୍ଟ ମାରନ୍ତି, ଖୁମ୍ପି ପକାନ୍ତି; ଶୋଷଣ କରନ୍ତି ।

ମଉନେ ରହି କେଶବ ଦେଖିବ ଭିଆଣ,
ମେଣ୍ଟ ବାନ୍ଧି ଆଜ୍ଞାଦେବେ ଚରମକୁ ଜାଣ ।।୧୦।।

ମହାପୁରୁଷ ଜଣାଇଛନ୍ତି ଯେ, ମର୍ତ୍ତ୍ୟଧାମରେ କଳ୍କୀ ଯୁଗର ପ୍ରକାଶ ବେଳକୁ ଅମାନୁଷିକ କାର୍ଯ୍ୟ, ବର୍ବର ପ୍ରକୃତି, ଅବ୍ୟବହାର, ଗୁରୁ ଗୁରୁଜନମାନଙ୍କ ବାକ୍ୟକୁ ଅବମାନନା କରି ଅପ୍ରୀତିକର ଦ୍ୱନ୍ଦ, ବ୍ୟକ୍ତି, ଦମ୍ପତି, ଗୃହ, ପରିବାର, ସମାଜ, ରାଷ୍ଟ୍ର ଇତ୍ୟାଦି  ପ୍ରତିକ୍ଷେତ୍ରରେ ବିଶ୍ୱବ୍ୟାପୀ ହୋଇଯିବ । ଅବ୍ୟକ୍ତ ପୁରୁଷ ବ୍ୟକ୍ତବ୍ରହ୍ମ: ବ୍ରହ୍ମା, ବିଷ୍ଣୁ, ମହେଶ୍ୱର : ଶ୍ରୀକେଶବ ସବୁଦେଖି, ସବୁଶୁଣି, ସବୁଜାଣି ମଧ ମୌନ ରହିବେ । ନୀରବଦ୍ରଷ୍ଟା ଶ୍ରୀଶ୍ରୀଶ୍ରୀ ଠାକୁର କେବଳ ମୂକସାକ୍ଷୀ ହୋଇ ରହିବେ । କାଳ କଳ୍ପ ସୂତ୍ରାଦି ଭୋଗ ଶେଷ ହେଲେ, କଳ୍କୀ ଯୁଗରେ ଲୀଳା ମୀମାଂସା ଆରମ୍ଭ ହୋଇ ଶେଷ ହେବ । ସେ ସମୟକୁ କେଶବ ସ୍ୱୟଂ ଚରମକୁ ଆଜ୍ଞା ଦେବେ ।।

ଜ୍ଞାନ ବିଜ୍ଞାନ ଚରଚା ନାଗାନ୍ତ ଯେ ଲେଖା
ଯୋଗାନ୍ତ ବେଦାନ୍ତ କଥା ସିଦ୍ଧାନ୍ତକୁ ଦେଖା ।।୧୧।।

ମହାପୁରୁଷ ଜଣାଇଛନ୍ତି ଯେ, ଅନନ୍ତ କୋଟି ବ୍ରହ୍ମାଣ୍ଡ ବା ଶିବମଣ୍ଡଳରୁ ସୃଷ୍ଟି ହେଉଥିବା ବ୍ରହ୍ମଜ୍ଞାନ, ଯନ୍ତ୍ରବିଜ୍ଞାନ, ତନ୍ତ୍ର ବିଜ୍ଞାନ, ମନ୍ତ୍ର ବିଜ୍ଞାନ, ନାଗ ବିଦ୍ୟାର ଅନ୍ତ, ଯୋଗର ଅନ୍ତ, ବେଦର ଅନ୍ତ ଓ ସିଦ୍ଧିର ଅନ୍ତିମକୁ ଯେଉଁମାନେ ଯାଇଥିବେ, ଏ ଘୋର କଳିଯୁଗରେ ନିଜକୁ ନିଜେ କର୍ମଦ୍ୱାରା ଚିହ୍ନିପାରି ନିଜ ନିଜ ଆତ୍ମାକୁ ଊର୍ଦ୍ଧ୍ୱଗାମୀ କରାଇବେ, ଅର୍ଥାତ୍ ନିଜ ନିଜ ମଣ୍ଡଳକୁ ଗତି କରିବେ । ଯେଉଁମାନେ ସାତ୍ତ୍ୱିକ ଭାବେ କାର୍ଯ୍ୟ କରୁଥିବେ ସେହିମାନଙ୍କର ଏହି ଗତି ହେବ । ଏପ୍ରକାର ଜୀବାତ୍ମା ମହାକାଳ ସୂତ୍ର ଗ୍ରହରେ ନପଡ଼ି ଷଡ଼ ଚକ୍ର ଭେଦକରି ବ୍ୟକ୍ତ ବ୍ରହ୍ମରେ ପହଞ୍ଚି, ସିଦ୍ଧିର ପୂର୍ଣ୍ଣସ୍ତର ତପମଣ୍ଡଳକୁ ଯାଇ ଏକଶହ ଆଠ (୧୦୮) ଧ୍ୱନି ଉଚ୍ଚାରଣ ଦ୍ୱାରା ବ୍ରହ୍ମତାରକ ମନ୍ତ୍ରକୁ ଚୈତନ୍ୟ ଚୟନରେ ଲଗାଇ ଦେଖି ପାରନ୍ତି । ସେହିମାନେ ହିଁ ସିଦ୍ଧିରସ୍ତୁରେ ଉପନୀତ ହୁଅନ୍ତି ।

ଶୂନ୍ୟରେ ଦେଖିବୁ ରହି ସୂକ୍ଷମର ବାଣୀ,
ଜଗତେ ବାଜିବ ବାଜା ଦେଖିବୁରେ ଗଣି ।।୧୩।।

ଅଚ୍ୟୁତାନନ୍ଦ କହୁଛନ୍ତି ଯେ, ମହାଶୂନ୍ୟରେ ରହିଥିବା, ଚୈତନ୍ୟ-ବ୍ରହ୍ମ-ଅବ୍ୟକ୍ତ ବାଣୀ ଜଗତକୁ 'ଚରମ' ମାଧ୍ୟମରେ ହିଁ ଅବତରଣ କରିବ । ଏଠାରେ ''ଗଣି'' ଶବ୍ଦର ଅର୍ଥ ଗଣନା ନୁହେଁ, ଚେତା ପ୍ରମଭକୁ ''ଗଣି'' କୁହାଯାଏ । ଯୋଗୀ ଯେତେବେଳେ ଯୋଗରେ ସିଦ୍ଧ ହୁଏ ଜ୍ଞାନ କ୍ଷରଣ ସେବା ପର୍ଯ୍ୟନ୍ତ ସେ ଅପେକ୍ଷାରେ ଥାଏ । ଚକ୍ରଭେଦ ପରେ ଚୈତନ୍ୟରେ ଜ୍ଞାନ ଉଦୟ ହୁଏନାହିଁ । ଦେହ ସଂସ୍କାରିତ ତଥା ଶୁଦ୍ଧ ଅବସ୍ଥାରେ ଥାଏ । ପୁରୁଷାନୁକ୍ରମେ ଚେତାପ୍ରମଭକୁ ଫେରିଆସେ । ସେହିଠାରେ ନବଧା ଭକ୍ତିର ବୟାଳିଶ (୪୨) ପ୍ରମଭର ଦ୍ୱାର ଅଛି । ବାଇଶ ପାବଚ୍ଛ ଦ୍ୱାରକୁ ଗଣିପ୍ରମଭଜ୍ଞାନଦ୍ୱାର କୁହାଯାଏ । ଉତ୍ତମଯୋଗୀ ଏକୋଇଶ କୈବଲ୍ୟ, ମଧ୍ୟମଯୋଗୀ ଦ୍ୱାଦଶ କୈବଲ୍ୟ, ଅଧମ ଯୋଗୀ ସପ୍ତ କୈବଲ୍ୟରେ ଯୁକ୍ତ ହୋଇ ବ୍ରହ୍ମ ପ୍ରମଭରୁ ଓହ୍ଲାଇ ''ଗଣି'' ବ୍ରହ୍ମପ୍ରମଭରେ ପହଞ୍ଚିଥାନ୍ତି । ଏ କଳିଯୁଗରେ  ପୁରୁଷୋତ୍ତମ ଆସିବା ପୂର୍ବରୁ ଉତ୍ତମ, ମଧ୍ୟମ, ଅଧମ ଯୋଗୀମାନେ ମର୍ତ୍ତ୍ୟକୁ ଆସି ତାଙ୍କ ଅପେକ୍ଷାରେ ଥାଆନ୍ତି । ସପ୍ତଲୋକର ସୂକ୍ଷ୍ମ ''ଗଣି'' ପାହାଚରେ ମଧ କଳ୍ପ ପ୍ରାରମ୍ଭରୁ ଗୁରୁଙ୍କ ଆତ୍ମାମାନେ ମଧ ମର୍ତ୍ତ୍ୟାବତରଣ କରିଥାଆନ୍ତି । ସାଧାରଣ ଚକ୍ଷୁରେ ସେମାନଙ୍କୁ ଚିହ୍ନିବା ସମ୍ଭବପର ହୁଏ ନାହିଁ । ତେଣୁ ସେ ମହାତ୍ମାମାନେ ସମାଜରେ ହାସ୍ୟାସ୍ପଦ ହେବେ ।

ଅନ୍ତକଳି ଠାରେ ଅଛି କାଗଜ ଆସିବ
ତସ୍କର ଦଳ କାଗଜକୁ ଭିଆଇବ ।।୧୪।।

''ଅନ୍ତକଳି''ପୂର୍ବରୁ ମର୍ତ୍ତ୍ୟଧାମରେ ତାଳପତ୍ରରେ ଲୌହ ଲେଖନୀ ମୂନରେ ମହାତ୍ମାମାନେ ବହୁ ଦୁଃଖକଷ୍ଟ ସହି ପୋଥିପୁରାଣ ଶାସ୍ତ୍ରାଦି ଲେଖି ଯାଇଅଛନ୍ତି । ପରବର୍ତ୍ତୀ କାଳରେ ଜ୍ଞାନବିଜ୍ଞାନର ବିକାଶ ଓ ପ୍ରଗତି ହେଲା, ପ୍ରକୃତିର ସହାୟତାରେ ଯନ୍ତ୍ର ବିଜ୍ଞାନ ବଳରେ କାଗଜ ପ୍ରସ୍ତୁତିର ସୂତ୍ର ବୈଜ୍ଞାନିକମାନେ ଗବେଷଣା କରି ଉଦ୍ଭାବନ କଲେ । ଏଠାରେ ଅଚ୍ୟୁତ ମହାପୁରୁଷ ଟସକର (ତସ୍କର) ଶବ୍ଦ ବ୍ୟବହାର କରି ଲେଖିଛନ୍ତି ଯେ, ଜୀବ ପ୍ରାରବ୍ଧ କର୍ମଫଳର ଐଶ୍ୱର୍ଯ୍ୟଭୋଗ କରେ । ଯେତେବେଳେ ଶରୀର ବୟସାନୁକ୍ରମେ ବର୍ଦ୍ଧିତ ହୁଏ ବୁଦ୍ଧି, ବିବେକ ଓ ଧନର କୋଷ ମଧ୍ୟ ବୃଦ୍ଧି ପାଉଥାଏ । ବୁଦ୍ଧିଗୃହର କୋଷ ସ୍ନାୟୁ କର୍ମାନୁଯାୟୀ ବୃଦ୍ଧି ପାଇଲେ ଅଧିକମାତ୍ରାରେ ଉନ୍ନତ ଚିନ୍ତାଧାରା ଉଦ୍ରେକ ହୁଏ । ସେ ସ୍ଥଳେ ଜୀବ ଜୀବନଧାରଣ କରିବା ସହିତ ସମାଜର ଉନ୍ନତ କଳ୍ପେ ବିଭିନ୍ନ ଧରଣର ମଙ୍ଗଳ କାମନା ସୂତ୍ର ଧରି ବିଭିନ୍ନ ଯୋଜନା କରିବସେ । ଏହି ସୂତ୍ରରେ କାଗଜର ଉଦ୍ଭାବନ ସମ୍ଭବ ହେଲା । ତେଣୁ ଏଠାରେ ଟସକର ଶବ୍ଦ ବ୍ୟଞ୍ଜନା ଭିତ୍ତିକ ।

କାଗଜ ଉପରେ ନାମ ଚରମଟି ଥିବ
ଶୂନ୍ୟରେ ରହି ଅଚ୍ୟୁତ କାମନା ପୂରିବ ॥୧୫॥

ମହାପୁରୁଷ ଅଚ୍ୟୁତାନନ୍ଦ ନିରାକାରଙ୍କଠାରୁ ଆଜ୍ଞାପାଇଥିଲେ ଯେ, ସେ ଶୂନ୍ୟମଣ୍ଡଳରେ ରହି କାଗଜ ଉପରେ 'ଚରମ' ନାମଟି ପ୍ରକାଶ ପାଇବାର ଦେଖିବେ ଓ ତାଙ୍କର ମନସ୍କାମନା ପୂର୍ଣ୍ଣ ହେବ । ଆଜି କାଗଜ ଉପରେ କାଳିରେ 'ଚରମ' ପତ୍ରିକା ପ୍ରକାଶ ପାଇଛି ଓ ମହାପୁରୁଷଙ୍କର କାମନା ପୂର୍ଣ୍ଣ ହୋଇଛି । ଅଚ୍ୟୁତ ବାରମ୍ବାର ଚରମ ଶବ୍ଦ ଉଚ୍ଚାରଣ କରିବା ତାତ୍ପର୍ଯ୍ୟପୂର୍ଣ୍ଣ । ଆଭାସ ଚୈତନ୍ୟରୁ ଭାସୀନ୍ନ ଚିତ୍ତ ତଥା ବ୍ୟକ୍ତ ବ୍ରହ୍ମରୁ ଅବ୍ୟକ୍ତ ବ୍ରହ୍ମ ପର୍ଯ୍ୟନ୍ତ ପର୍ଯ୍ୟାୟ ବା ଧାରାକୁ ଚରମ ବୁଝାଏ । ଜୀବ ଷଡ଼ଚକ୍ର ଭେଦ କରି ଯେତେବେଳେ ବ୍ୟକ୍ତ ବ୍ରହ୍ମରେ ପହଞ୍ଚେ, ସେହିଠାରେ ଅନୁଭବ ସୂତ୍ରଧାର ତଥା ଚୈତନ୍ୟ ଚିତ୍ତ, ଭାସୀନ୍ନ ଚିତ୍ତ ଦ୍ୱାରା ଚରମ ଲକ୍ଷ୍ୟ ପ୍ରାପ୍ତ ହୁଏ ।

ନୂଆ ନୂଆ ଶବ୍ଦ ଭେଦି ଆସିବଟି କଥା
ଜଗତେ ଘୂରିବ ମୁଣ୍ଡ ଜାଣିଥାଟି ବ୍ୟଥା ॥୧୬॥

ମହାପୁରୁଷଙ୍କ ମତାନୁଯାୟୀ ନୂତନ ଶବ୍ଦକୋଷ ବା ଶବ୍ଦ ସମୂହ ନାଗାନ୍ତକ ତତ୍ତ୍ୱଜ୍ଞାନ, ଯୋଗାନ୍ତ ଶବ୍ଦ ବ୍ରହ୍ମ, ବେଦ ତତ୍ତ୍ୱ, ଚକ୍ରଭେଦରେ ଯନ୍ତ୍ର ସାହାଯ୍ୟରେ ଶରୀରରେ କିପରି ଭାବରେ କାର୍ଯ୍ୟ କରୁଛି ତାହାର ବ୍ୟାଖ୍ୟା ଶୂନ୍ୟରୁ ଖସିବ । ଏହି ସୂତ୍ରରେ ନୂତନ ଶବ୍ଦ ଚରମ ମାଧ୍ୟମରେ ପ୍ରକାଶ ପାଇ ପ୍ରଚଳିତ ହେବ । ଜଗତରେ ବହୁଜୀବ ଏହାର ତତ୍ତ୍ୱ ବୁଝି ନପାରି ଭ୍ରମରେ ପଡ଼ିବେ । ତାଙ୍କର ମସ୍ତିଷ୍କ ଘୂରିଯିବ । ଏହି ବ୍ୟଥାରୁ ତ୍ରାହି ବା ପରିତ୍ରାଣ ନିମନ୍ତେ ଓ ଭ୍ରମ ସଂଶୋଧନ ନିମନ୍ତେ ସାଧୁସଙ୍ଗ, ସତ୍‌ସଂଙ୍ଗ ଲାଭ କରିବା ଏକାନ୍ତ ପ୍ରୟୋଜନ ।

ମନମୂନ ଦେଇ ଶୁଣୁଥାଅ ମୋ କଥାଟି
ଜ୍ଞାନାଞ୍ଜନ ମୁକତ ରଖିବୁ ତୁ ସାଇତି ॥୧୭॥

ଜୀବ ଯେତେବେଳେ ଚରମ ପ୍ରାପ୍ତ ହୋଇଯାଏ, ସେତେବେଳେ ସେ ତାର ମନ ଚୈତନ୍ୟ ଚିତ୍ତମୁନଙ୍କୁ ସୂକ୍ଷ୍ମଯୋଗଦ୍ୱାରା ବ୍ରହ୍ମ ସହିତ ଜଡ଼ିତ କରାଇ ବ୍ରହ୍ମାନନ୍ଦ ପ୍ରାପ୍ତ ହୋଇ ଜ୍ଞାନରୂପକ ଅଞ୍ଜନ ଓ ଅମୃତଧାରା ଗ୍ରହଣକରି ସେହିଠାରେ ନୀରବ ହୋଇଯାଏ, ମୌନତା ଅବଲମ୍ବନ କରେ । ସେ ପୂର୍ଣ୍ଣତ୍ୱ ସହିତ ସ୍ଥିତପ୍ରଜ୍ଞ ଅବସ୍ଥାରେ ପହଞ୍ଚି ଧର୍ମଧନ ସାଇତି ରଖେ ।

ବେଳ ଥାଉଁ ଅଣାକ୍ଷର ଭଜନ କରିବୁ ,
ତେବେତୁ ପାଇବୁ ବ୍ରହ୍ମବଟେ ଭେଟିଥିବୁ ॥୧୮॥

ବ୍ରହ୍ମ ଅଣମଣ୍ଡଳରେ ଯେଉଁ ଅକ୍ଷରର ଉଚ୍ଚାରଣ ନାହିଁ ତାହା ଯନ୍ତ୍ର ସାହାଯ୍ୟରେ ଚୈତନ୍ୟର ଅନୁଭବରେ ଆସି ମାନସ ପଟହରେ ଠୁଳବ୍ରହ୍ମଃରେ ସ୍ୱରୂପଦର୍ଶନ ଅଣାକ୍ଷରର ସ୍ଥୂଳ ରୂପ ଦେଖିହେବ । ତାହାର ପ୍ରତ୍ୟେକ ବର୍ଣମାଳା ବ୍ୟାଖ୍ୟାକଲେ ଶକଟକ ବ୍ରହ୍ମମଣ୍ଡଳ, ଶୂନ୍ୟ ସଭାର ଅଛି ବୋଲି ବାସ୍ତବ ସୂକ୍ଷ୍ମରେଖା ଗୃହୀତ ଅଛି । ସଂପୂର୍ଣ୍ଣ ବିବରଣୀ, ଜୀବର ପିଣ୍ଡରେ ମୁଖମଣ୍ଡଳ, ବକ୍ଷ, ଉଦର ଓ ପାଦ ପର୍ଯ୍ୟନ୍ତ ଲମ୍ବି ଅଛି । ଏଠାରେ ସନ୍ଥ ଅଚ୍ୟୁତାନନ୍ଦ ''ବ୍ରହ୍ମବଟ'' ଭାବେ ପ୍ରତ୍ୟେକ ଜୀବର ଆଜ୍ଞାଚକ୍ରରେ ଠୁଳବ୍ରହ୍ମଙ୍କୁ ବୁଝାଇଛନ୍ତି । ଏହି ଶରୀରରେ ସୂକ୍ଷ୍ମଅଣୁର ହରିଦ୍ରାବର୍ଣ୍ଣର ଚକ୍ରିକା ଦୃଶ୍ୟମାନ ହୋଇ ନିରଞ୍ଜନରେ ସ୍ଥାନ ପାଇଥାଏ । ଚେତନ ନେଇ ପୁରୁଷ ହୋଇ ନରତନୁ ଧାରଣ କଲେ ତାହାଙ୍କୁ ବ୍ରହ୍ମବଟ ବୋଲାଯାଏ ।

ସେଇଠାରେ ଚରମ ଯେ ପୂଜା କରାଯିବ
ଅଣସୂତ୍ରନାଦ ତ୍ରିଯାମାଚାକ୍ଷର ଥିବ ॥୧୯॥

ମହାପୁରୁଷ ଏଠାରେ ଜଣାଇଛନ୍ତି ଯେ, ଅବ୍ୟକ୍ତରୁ ଖସି ବ୍ୟକ୍ତ ବ୍ରହ୍ମ ଯେତେବେଳେ ଠୁଳ ହେଲା, ସେହି ଠୁଳରୁ ଜୀବାତ୍ମା ରୂପରେ ବ୍ରହ୍ମ ଜରାୟୁରେ ସ୍ଥାନ ପାଇଁ ଅଣସୂତ୍ର ନାଦ (ଅବ୍ୟକ୍ତ ସ୍ଥାନରୁ ଓଁକାର ଉତ୍ପତ୍ତି-କାରଣ ଜଗତରୁ ସୂକ୍ଷ୍ମ ଜଗତ ଉତ୍ପତ୍ତି) କାଳରୁ ସୂକ୍ଷ୍ମନାମ ଭଜନକଲା । ସେହି ସୂକ୍ଷ୍ମ ଭଜନ ସୂତ୍ରରେ ଗଣେଶ ବିନ୍ଦୁଦୋନ ସୂତ୍ରରୁ ଲିଙ୍ଗ ଚକ୍ରରେ ଥିବା 'ମ' ଅକ୍ଷର, ଲଲାଟରେ 'ହ' ଅକ୍ଷର, ହୃଦୟରେ 'ଗ' ଅକ୍ଷରକୁ ତୋଳି, ମାତ୍ରା ଯୋଗକରି, ଅଣାକ୍ଷର ବ୍ରହ୍ମର ସ୍ୱରୂପ ଦର୍ଶନ କଲେ । ଯେଉଁମାନେ ଜରାୟୁଭୋଗରେ ଦର୍ଶନ କରନ୍ତି, ସେହିମାନେ ହିଁ ଯାମାଚା ଋଷିଙ୍କର ବରପ୍ରାପ୍ତ ହୁଅନ୍ତି । ଚରମର ପ୍ରଥମ ସଂଖ୍ୟାର ପ୍ରମାଣ ସୂତ୍ରାନୁଯାୟୀ ପାଠକେ ଲକ୍ଷ୍ୟକଲେ ଜାଣି ପାରିବେ ଯେ, ଲିଙ୍ଗଚକ୍ରର 'ମ' ଅକ୍ଷରର ବ୍ରହ୍ମାଣ୍ଡ ନାମ ଏକ ଯାମା ବୋଲି ସନ୍ଥ ଅଚ୍ୟୁତାନନ୍ଦ ରଖିଛନ୍ତି । ଲଲାଟ ଚକ୍ରର 'ହ' ଅକ୍ଷରକୁ ଦ୍ୱିଯାମା ସୂକ୍ଷ୍ମକୋଷ ଓ ହୃଦୟ ଚକ୍ରର ''ଙ୍ଗା''କୁ ତ୍ରିଯାମା ସୂତ୍ରକୋଷ କୁହାଯାଏ । ବ୍ରହ୍ମାଣ୍ଡରେ (ଶୂଦ୍ରାଦି ଦିବସ ବେଳେ ଏକୋନବିଂଶ (୧୯) କଣିକା) ଏକ କ୍ଷୁଦ୍ର ଗ୍ରାମର ନାମକୁ (ମାହାଙ୍ଗା) ବୁଝାଇ ଅଛନ୍ତି । ଏହା ଚରମର ପ୍ରଥମ ସଂଖ୍ୟାରେ ପ୍ରଦତ୍ତ ।

ଏକାକ୍ଷର କାଳ ସୌଷ୍ଠ ବେଳ ଘଟିକା
ସୂତ୍ରାଦି ଦିବସ ବେଳେ ଏକୋନବିଂଶ କଣିକା ॥୨୦॥

ଏକାକ୍ଷର—ଓଁ, ଓଁ ର ବ୍ୟକ୍ତରେ କାଳ ଲାଗିବ ନାହିଁ । କାରଣ ଯୁଗ, ଦିନ, ବାର ପୂର୍ବରୁ ସୂକ୍ଷ୍ମରେ କଳ୍ପ ଚାଲିଥିଲା । ସେଥିପାଇଁ କାଳ ଏଠାରେ ବ୍ୟବହାର କରାଯିବ ନାହିଁ । ସୌଷ୍ଠ ଋଷି କଳ୍କୀଯୁଗ ପାଇଁ ବର ମାଗିଥିଲେ । ମୂଳବସ୍ତୁ ସନାତନ ଧର୍ମ ଏ ଘୋର କାଳରେ ଯେପରି ବଞ୍ଚି ରହିବ, ସେଥିପାଇଁ ପରମେଶ୍ୱରଙ୍କ ନିକଟରୁ ପୁରୁଷାନୁକ୍ରମେ ବରପ୍ରାପ୍ତ ହୋଇଥିଲେ ।

ତ୍ରିସୂତ୍ରାଦି ଗୁଣିବାକୁ ପଦିକା ମାଠିବୁ
ବାରଅଣା ତେରପଦି ଦୋପଇସି ନବୁ ॥୨୧॥

ତ୍ରି ଅର୍ଥ ତିନି । ସୂତ୍ର ଆଦିର ଅର୍ଥ ବ୍ରହ୍ମା, ବିଷ୍ଣୁ, ଶିବ । ଗୁଣିବାକୁ ଅର୍ଥାତ୍ ୩x୩=୯ । ୯ ତାରିଖ । ପଦିକା ମାଠିବୁ ଅର୍ଥାତ୍, ବ୍ରହ୍ମାଙ୍କ ମାନସପୁତ୍ର ପଦି ଜଣେ ମୁନି ଅଟନ୍ତି । ପଦିଙ୍କ ପତ୍ନୀ ତୈତକ । ପଦି ଓ ତୈତକଙ୍କ ପୁତ୍ର କୌଳକ । ପୌତ୍ର (ନାତି) କୌଳକ ବ୍ରହ୍ମାଙ୍କ ଅଭିଶାପରୁ ସତ୍ୟଯୁଗ ପୂର୍ବରୁ କଳ୍ପରେ କାଳଭୋଗ କରୁଥିଲେ ଶନି ନାମରେ । ତେଣୁ ମାଠିବା ବା ହିସାବ କରିବାରୁ ଶନିବାର; ୯ ତାରିଖ (ଇଂରାଜୀ ମତରେ) ଅର୍ଥ ହେଉଛି । ବାରଅଣା— ଅଣା କଳ୍ପସୂତ୍ର ଭୋଗରେ ପୁନର୍ବସୁ ନକ୍ଷତ୍ର ୪୧ ଦଣ୍ଡ ୨୩ ଲିତା ଉନ୍ମିଳନ ବେଳା ସୂକ୍ଷ୍ମ ଚନ୍ଦ୍ର ଦିନାର୍ଦ୍ଧ ଗତେ ମୁଦ ଉଦ୍‌ଘାଟନ କାଳ ଅର୍ଥାତ୍ ଦିବା ଘ ୧।୩୭ ମିନିଟ୍ ସମୟରେ ଚରମ ମୁଦ ଖୋଲାଯିବା ସମୟ । ଏହାହିଁ ବାରଅଣା ତେରପଦିର ଅର୍ଥ । ଦୋ ପଇସି ଅର୍ଥାତ୍

ସେହିଦିନ ପୁଣି ଦୂତୀବାହନଙ୍କ ପୂଜାଦିନ ହୋଇଥିବ ।

ପନ୍ଦରଣା ପାହୁଲାଟି ଥୋଇବୁ ତ୍ରିକୂଟେ
ସେତେବେଳେ କେଶବଙ୍କୁ ଲାଖିବୁ ଆକଟେ ॥୨୨॥

ପନ୍ଦରଣା ହେଉଛି ଅଣାକାର ଯନ୍ତ୍ର । ସାଧକ ଯେତେବେଳେ ତ୍ରିକୂଟ ବା ଆଜ୍ଞାଚକ୍ରରେ ଲୟ ଲଗାଇବ ଠିକ୍ ସେହି ସମୟରେ ଅଣାକାର ଯନ୍ତ୍ରସ ( ωm// ) ଦ୍ୱାରା ବ୍ରହ୍ମପୁରୁଷଙ୍କ ଦର୍ଶନ ଚୈତନ୍ୟ ମାନସରେ ଅନୁଭବ କରିବ ।

ଧ୍ରୁବବତୀ ଜଳାଇବ ସପ୍ତଲୋକ ଜାଣି ।
ଚରମ ଆସିଛି ବାଣାସୁର ଦେବ ଠାଣି ॥୨୩॥

ଧ୍ରୁବବତୀ ଜଳାଇବ ଅର୍ଥାତ୍ ଧ୍ରୁବ ସତ୍ୟରୂପେ ସଂକଳ୍ପ କରିବ । ଏହା ସପ୍ତଲୋକରେ ଥିବା ଦେବ, ଅସୁର, ନର, ନାଗ, କିନ୍ନର ଆଦି ଜାଣିବେ । ବାଣ ପାଞ୍ଚଗୋଟି (ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା, ନୀଳୋତ୍ପଳ) ଏହାର ଅର୍ଥ ପାଞ୍ଚ ଅଣା ଭୋଗ ହୋଇ ଅଣାଏ ବିୟୋଗ ହେବ । ବାଣାସୁରଙ୍କର କୈବଲ୍ୟ ମଣ୍ଡଳର ନାମ "କନ୍ୟାଶ୍ୱିନ" । କନ୍ୟାଶ୍ୱିନ ମଣ୍ଡଳ ଅର୍ଥାତ୍ ବାଣାସୁର ମଣ୍ଡଳ । କନ୍ୟାରାଶି, ଆଶ୍ୱିନ ମାସକୁ ବୁଝାଉଛନ୍ତି । ନକ୍ଷତ୍ରରନାମ "ଠାଣି" । ଚରମ ପତ୍ରିକାର ପ୍ରଥମ ଶୁଭ ଉନ୍ମୋଚନ ଏପ୍ରକାର ତିଥି, ବାର, ନକ୍ଷତ୍ର, ରାଶି ଓ ମାସରେ ହୋଇଅଛି । ଏହା ପଞ୍ଚଦଶ ଶତାବ୍ଦୀ (୧୪୦୦ରୁ ୧୪୯୯ ମସିହା)ରେ ସନ୍ଥ ଅଚ୍ୟୁତଙ୍କ ଲେଖନୀ ଦ୍ୱାରା ପ୍ରକାଶ କରିଯାଇଅଛି ।

ମଉଜ ଶଉଚ ମଜ୍ଜିଲିସିରେ ଏ ଗତି
ଭଲା ପାଗଳ ପାହୁଲା କିସ କରିବ ଅଛୁତି ॥୨୪॥

ମହାପୁରୁଷ ସିଦ୍ଧସାଧକ ସନ୍ଥ ଅଚ୍ୟୁତାନନ୍ଦ ଦାସଙ୍କ କୃତ "ମହାଭବିଷ୍ୟଗ୍ରନ୍ଥ" ଷଷ୍ଠ ଖଣ୍ଡର ୧୭/୧୮ ପୃଷ୍ଠାରେ ଏହା ସ୍ପଷ୍ଟ ଭାବରେ ଲିପିବଦ୍ଧ ହୋଇଅଛି । ଏଠାରେ ଅଚ୍ୟୁତ କହୁଛନ୍ତି ଯେ, ଚରମ ଉନ୍ମୋଚନ ସମୟରେ ପ୍ରତ୍ୟେକେ ସତ୍‌ଚିନ୍ତାରେ ନିମଜ୍ଜିତ ହୋଇ ଆନନ୍ଦିତ ହେବେ । ସତ୍‌ଚିନ୍ତା ଦ୍ୱାରା କାୟମନବାକ୍ୟରେ ଶୁଦ୍ଧପୂତ ପବିତ୍ର ହୋଇ ମଜ୍ଜିଯିବେ । ପାଗଳ ପାହୁଲା ଅର୍ଥାତ୍ ଅବ୍ୟକ୍ତ ବ୍ରହ୍ମ । ପା+ଗଳ ର ଅର୍ଥ ସତ୍‌ମାର୍ଗରେ ଚଳିବା ଏବଂ ପା+ହୁଲାର ଅର୍ଥର ସତ୍ ଚିନ୍ତାରେ ସନ୍ତରଣ କରିବା । ସତ୍‌ପଥରେ ସତ୍ ଚିନ୍ତାରେ ସତ୍ କର୍ମରେ ମନୋନିବେଶ କରିବା । ଅର୍ଥାତ୍: ୧୪୦୧ ସାଲ କନ୍ୟାରାଶି, ଆଶ୍ୱିନମାସ, ୨୪ଦିନ, ମୂଳାଷ୍ଟମୀ ପୁନର୍ବସୁ ନକ୍ଷତ୍ର, ଦୂତୀବାହନ ପୂଜାଦିନ ଅର୍ଥାତ୍ ଇଂରାଜୀ ମତେ ୧୯୯୩ ମସିହା ଅକ୍ଟୋବର ୯ ତାରିଖ ଶନିବାର ଦିବା ଘ.୧/୩୭ମି: ସମୟରେ ଜଗତପୁରଠାରେ "ଚରମ" ପ୍ରଥମ ସଂଖ୍ୟାର ମୁଦ୍ର ଉଦ୍‌ଘାଟିତ ହେବ ॥

ହରିଭଜନ କର ଧିଆନ ।
ହରିଭଜନେ ହେବୁ ମହାନ ॥

ମୂଢ଼ ମତି କାଳ ଗତି ।
ସଦ୍‌ମତି ଗୁରୁ ଗତି ॥

ଶ୍ରୀମଦ୍ ଭାଗବତ ଗୀତା ବୋଧ

# ଚରମ ଦୃଷ୍ଟିରେ ଗୀତା ଅଧ୍ୟୟନ

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ''ଗୀତା ମୋ ହୃଦୟ, ଗୀତା ମୋର ସାରସର୍ବସ୍ୱ ।'' ଗୀତାଧ୍ୟୟନରେ ମଧ୍ୟ ଉଲ୍ଲେଖ ଅଛି, ସକଳ ଉପନିଷଦ୍ ଗାଭୀ ସ୍ୱରୂପ, ସେହି ଗାଭୀମାନଙ୍କର ଦୋହାଁଳି ଶ୍ରୀକୃଷ୍ଣ, ଅର୍ଜୁନ ବା ଆମେ ପ୍ରତ୍ୟେକ ଜୀବ ବତ୍ସାତୁଲ୍ୟ, ଗୀତାର ଅମୃତ ତୁଲ୍ୟବାଣୀ ଉତ୍କୃଷ୍ଟ ଦୁଗ୍ଧ ସଦୃଶ ଏବଂ ବିବେକୀ ସଦାତ୍ମାଗଣ ଏହି ଦୁଗ୍ଧପାନ କରନ୍ତି ।''

ଗୀତାର ଅଭିନୟ ଦୃଶ୍ୟଟି ଯୁଦ୍ଧକ୍ଷେତ୍ର । ସେହି ଯୁଦ୍ଧକ୍ଷେତ୍ର ପୁଣି ଧର୍ମକ୍ଷେତ୍ର କୁରୁକ୍ଷେତ୍ର । ଉଭୟ ପକ୍ଷରେ ଅଛନ୍ତି ଆତ୍ମୀୟ ସ୍ୱଜନ ଓ ଜ୍ଞାତି ବନ୍ଧୁଗଣ । ଏକ ପକ୍ଷରେ କୌରବ ଶତ ଭ୍ରାତା ଓ ସେମାନଙ୍କର ପକ୍ଷଭୁକ୍ତ ବହୁରଥୀ, ଧନୁର୍ଦ୍ଧର, ବୀର ଯୋଦ୍ଧାଗଣ । ଅନ୍ୟପକ୍ଷରେ ପାଣ୍ଡବ ପଞ୍ଚଭ୍ରାତା ଓ ସେମାନଙ୍କର ପକ୍ଷଭୁକ୍ତରଥୀ, ଧନୁର୍ଦ୍ଧର, ବୀର ଯୋଦ୍ଧାଗଣ । ଏକପକ୍ଷରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ; ଅନ୍ୟ ପକ୍ଷରେ ପୌତ୍ରଗଣ, ଶିଷ୍ୟଗଣ । ବିପକ୍ଷ କୌରବ ଦଳରେ ଜ୍ଞାତି ବନ୍ଧୁ ଆତ୍ମୀୟମାନଙ୍କୁ ଦେଖି ଓ ସେମାନଙ୍କ ବିରୁଦ୍ଧରେ ଶସ୍ତ୍ର ପ୍ରୟୋଗ କରି ସେମାନଙ୍କୁ ବଧ କରିବା ଚିନ୍ତାକରି ପାଣ୍ଡବ ସେନାପତି ଅର୍ଜୁନ ବିମର୍ଷ ହେଲେ ଏବଂ ଅସ୍ତ୍ର ତ୍ୟାଗ କରିବାକୁ ସ୍ଥିର କଲେ । ବସ୍ତୁତଃ ଏହିଠାରୁହିଁ ଶ୍ରୀମଦ୍ ଭଗବତ୍ ଗୀତା ଅୟମାରମ୍ଭ ।

ଶେଷରେ ବ୍ୟାସଦେବ ସଞ୍ଜୟଙ୍କ ମୁଖରେ କହିଛନ୍ତି :

''ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ରପାର୍ଥୋଧନୁର୍ଦ୍ଧରଃ

ତତ୍ର ଶ୍ରୀର୍ବିଜୟୋଭୂତି ର୍ଧ୍ରୁବା ନୀତିର୍ମତିର୍ମମ ।୭୮/୧୮।''

ଯେଉଁ ପକ୍ଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଏବଂ ଗାଣ୍ଡିବଧାରୀ ପାର୍ଥ । ସେ ପକ୍ଷରେ ହିଁ ସ୍ଥିରା ରାଜଲକ୍ଷ୍ମୀ, ସଂପୂର୍ଣ୍ଣ ଜୟ ପ୍ରାପ୍ତି, ନିଶ୍ଚିତଭୂତି ଅର୍ଥାତ୍ ଅଭ୍ୟୁଦୟ ଏବଂ ଧ୍ରୁବନୀତି । ଏହି ମୋର ନିଃସଂଶୟ ଧାରଣା । ସେତେବେଳେ ମଧ୍ୟ ଯୁଦ୍ଧ ବିରତିର ଆଶା ପୋଷଣ କରି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହୁଛନ୍ତି, ଏବେ ମଧ୍ୟ ନିଜର ପୁତ୍ରମାନଙ୍କର ପ୍ରାଣରକ୍ଷାର ସମୟ ଅଛି, ଆପଣ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇ ଯୁଦ୍ଧ ବନ୍ଦ କରନ୍ତୁ— ଏହାହିଁ ସଞ୍ଜୟଙ୍କର ଅଭିପ୍ରାୟ ।

ଶ୍ରୀମଦ୍ ଭଗବତ ଗୀତା ଅଠର ଗୋଟି ଅଧ୍ୟାୟରେ ଲିଖିତ । ବ୍ୟାସଙ୍କ କୃତ ଏବଂ ରଚିତ ଗୀତାର ସର୍ବମୋଟ ଶ୍ଳୋକ ସଂଖ୍ୟା ଏବଂ ବର୍ତ୍ତମାନ ପ୍ରାପ୍ତ ଓ ପଠିତ ଗୀତାର ଶ୍ଳୋକ ସଂଖ୍ୟା ସମ୍ବନ୍ଧରେ ପରସ୍ପର ବିରୋଧୀ ନାନା ମତ ପାର୍ଥକ୍ୟ ଅବଶ୍ୟ ରହିଛି । ତଥାପି, ଗୀତା ହିଁ ଗୀତା । ଗୀତାର ଅମୃତତୁଲ୍ୟ ବାଣୀ ସଦୃଶ ଉତ୍କୃଷ୍ଟ ଦୁଗ୍ଧପାନ କରିବା ଆମର ଲକ୍ଷ୍ୟ । ଆମର ଉପଲବ୍ଧି ଏହିଯେ, ମଣିଷ ଶରୀରର ଷଡ଼ଚକ୍ରକୁ ଲକ୍ଷ୍ୟକରି ଗୀତାର ଅଷ୍ଟାଦଶ ଅଧ୍ୟାୟ ସଂରଚିତ । ମୂଳାଧାର ଚକ୍ରରୁ ଆରମ୍ଭ କରି ସହସ୍ରାର ପର୍ଯ୍ୟନ୍ତ ବିଷାଦଯୋଗରୁ ମୋକ୍ଷ ସନ୍ନ୍ୟାସ ଯୋଗ ପର୍ଯ୍ୟନ୍ତ ଏହା ସୁବିନ୍ୟସ୍ତ ଓ ବିସ୍ତୃତ ।

ଗୀତାତତ୍ତ୍ୱ ଓ ଶରୀରତତ୍ତ୍ୱ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ବୈଦିକ ସାହିତ୍ୟରେ ବର୍ଣ୍ଣିତ ଅଛି:-

''ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବଚ । ବୁଦ୍ଧିଂ ତୁ ସାରଥିଂ ବିଧି ମନଃ ପ୍ରଗ୍ରହମେବଚ ।।''

ଇନ୍ଦ୍ରିୟାଣି ହୟାନାହୁ-ର୍ବିଷୟାଂସ୍ତେଷୁ ଗୋଚରାନ୍ । ଆତ୍ମେନ୍ଦ୍ରିୟ ମନୋଯୁକ୍ତୋ ଭୋକ୍ତେତ୍ୟାହୁର୍ମନୀଷିଣଃ ।।''

ଏହି ଶରୀର ରୂପକ ରଥରେ ଆତ୍ମା ହେଉଛି ରଥୀ ଏବଂ ବୁଦ୍ଧି ହେଉଛି ସାରଥି । ମନ ହେଉଛି ଲଗାମ ଏବଂ ଇନ୍ଦ୍ରିୟମାନେ ଘୋଡ଼ା । ଏହିପରି ଭାବରେ ଜୀବାତ୍ମା, ମନ ଏବଂ ଇନ୍ଦ୍ରିୟମାନଙ୍କର ସଂସ୍ପର୍ଶରେ ଆସି ସୁଖ ବା ଦୁଃଖ ଭୋଗ କରେ । ବୁଦ୍ଧିମନକୁ ନିର୍ଦ୍ଦେଶ ଦେବାର କଥା, ମାତ୍ର ମନ ଏତେ ବଳବାନ୍ ଓ ଅବାଧ ଯେ, ଏହା ଅଧିକାଂଶ ସମୟରେ ବୁଦ୍ଧିର ନିର୍ଦ୍ଦେଶକୁ ମାନେ ନାହିଁ । ଏତାଦୃଶ ବଳିଷ୍ଠ ମନକୁ ଯୋଗାଭ୍ୟାସ ଦ୍ୱାରା ସଂଯତ କରାଯିବାର କଥା, କିନ୍ତୁ ଅର୍ଜୁନଙ୍କ ଭଳି ଏକ ସଂସାରୀଲୋକ ପକ୍ଷରେ ଯୋଗାଭ୍ୟାସ ସମ୍ଭବପର ନୁହେଁ । ଏଠାରେ ଯେଉଁ ଉପମା ଦିଆଯାଇଛି ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଅତୀବ ଉପଯୁକ୍ତ । ପ୍ରବହମାନ ବାୟୁକୁ କେହି ଧରିରଖି ପାରିବେ ନାହିଁ । ବାୟୁ ଅପେକ୍ଷା ଅଧିକ ଚଞ୍ଚଳତୁଲ୍ୟ ପ୍ରତୀୟମାନ ମନକୁ ସଂଯତ କରିବା ଅଧିକ କଠିନ ଅଟେ ।

କିନ୍ତୁ, ମନ କ'ଣ ? ମନର ସ୍ୱରୂପ କ'ଣ ? ଆତ୍ମାର ପ୍ରତିବିମ୍ବ ବା ଛାୟା ହିଁ ମନ । ତେଣୁ, ଆତ୍ମା ଯେଣୁ ସ୍ଥିର, ମନ ମଧ୍ୟ ସ୍ଥିର; ମାତ୍ର ତାହା ଅସ୍ଥିରତୁଲ୍ୟ ପ୍ରତୀୟମାନ । ଏହି ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ପରିଚାଳିତ ହୋଇ ବିଷୟ ସହିତ ଯୁକ୍ତ ହେଲେ ଯେଉଁ ଭୋଗପିପାସା ଜନ୍ମନିଏ ତାହା ହିଁ ମନକୁ ଚଞ୍ଚଳ କରି ତୋଳେ । ଫଳତଃ ଜୀବାତ୍ମା ଦୁଃଖ ବା ସୁଖ ଭୋଗ କରି ବିକାରଗ୍ରସ୍ତ ହୁଏ । ପ୍ରଥମ ଅଧ୍ୟାୟରେ ଅର୍ଜୁନ ସ୍ୱରୂପ ଜୀବର ସେହି ଅବସ୍ଥା ଉପୁଜିଛି । ବିଷାଦଗ୍ରସ୍ତ ଅର୍ଜୁନ କର୍ମଯୋଗରୁ ନିବୃତ୍ତ ହେବା ପାଇଁ ଇଚ୍ଛା ପ୍ରକାଶ କରୁଛି ।

କର୍ମଯୋଗ କ'ଣ ? କର୍ମଯୋଗରୁ କ'ଣ ମିଳେ ? ଇଷ୍ଟନିର୍ଦ୍ଦେଶିତ ବା ଗୁରୁ ପ୍ରଦତ୍ତ କର୍ମଧାରା ଓ ଧର୍ମଧାରା ହିଁ କର୍ମଯୋଗ । ଯୁଗାନୁପାତିକ କର୍ମଯୋଗ ଯୁଗେ ଯୁଗେ ଗୁରୁ ହିଁ ଦେଇଥାଆନ୍ତି । ଯୁଗାନୁକାରୀ କର୍ମଯୋଗ ପାଳନ ନକଲେ କୌଣସି ଫଳ ମିଳେ ନାହିଁ । ଏହି କର୍ମଯୋଗ ବା କର୍ମଧାରା ପାଳନ ଦ୍ୱାରା ଶ୍ରେୟସ୍କର ଯାହା, ତାହାହିଁ ମିଳିଥାଏ । ଏହାଦ୍ୱାରା ଅଭ୍ୟାସଯୋଗ ହୁଏ ଓ ଇନ୍ଦ୍ରିୟଗୁଡ଼ିକ କ୍ରମପର୍ଯ୍ୟାୟରେ ସଂଯତ, ଶୃଙ୍ଖଳିତ ଏବଂ ଆୟତ୍ତାଧୀନ ହୋଇଯାଆନ୍ତି । ଫଳତଃ ମନକୁ ବିଷୟମୁଖୀ କରିବା ପାଇଁ ଅଯଥା ଆକର୍ଷଣ କରନ୍ତି ନାହିଁ । ତେଣୁ ମନ ସ୍ଥିର ଓ ନିଶ୍ଚଳ ହୁଏ ଓ ଜୀବାତ୍ମା ଦୁଃଖ ବା ସୁଖରେ ବିଷାଦଗ୍ରସ୍ତ ବା ଆନନ୍ଦ ମୁଖର ହୁଏ ନାହିଁ । ଅନୁରାଗ, କ୍ରୋଧ, ଭୟ, ଲଜ୍ଜା ଇତ୍ୟାଦିରୁ ମୁକ୍ତ ହୋଇ ଜୀବ ସ୍ଥିତଧୀ ଓ ସ୍ଥିରମତି ହୁଏ ।

ଇନ୍ଦ୍ରିୟ ଲାଳସା ଚରିତାର୍ଥ ନିମନ୍ତେ ଭୋଗ ପିପାସା ବିରୁଦ୍ଧରେ ଶସ୍ତ୍ରଧାରଣ କରି ସଂଗ୍ରାମ କରିବା ନିମନ୍ତେ ଜୀବ ପରାଂମୁଖ । ବିରୋଧୀଶକ୍ତି କୌରବପକ୍ଷ ଯୁଦ୍ଧ କରିବା ନିମନ୍ତେ ଅର୍ଜୁନ ତଦ୍ରୂପ ଗାଣ୍ଡିବ ଧାରଣ କରିବାକୁ ବୀତସ୍ପୃହ ହୋଇଛନ୍ତି । ବିଷୟାବିଷ ଜର୍ଜରିତ ଜୀବ ଦୁଃଖକୁ ସୁଖ ମଣି, ପ୍ରକୃତ ସୁଖ ପ୍ରାପ୍ତି ନିମନ୍ତେ ଅନୁରାଗୀ ନ ହେବା ଭଳି ଅର୍ଜୁନ ବିପକ୍ଷ ପକ୍ଷରେ ସ୍ୱଜନଗଣଙ୍କୁ ଯୁଦ୍ଧରେ ହତ୍ୟାକରି ବିଜୟ ଆକାଂକ୍ଷା ବା ରାଜ୍ୟସୁଖ ଭୋଗରେ ଅନୁରାଗୀ ହୋଇ ନାହାନ୍ତି ।

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନର ଏତାଦୃଶ ମନୋଭାବ ଓ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହୋଇ କହିଛନ୍ତି, ''ହେ ଅର୍ଜୁନ, ଏହି ସଙ୍କଟମୟ ମୁହୂର୍ତ୍ତରେ ତୁମର ଏପରି ଅନାର୍ଯ୍ୟଜନୋଚିତ, ସ୍ୱର୍ଗୀୟ ଆନନ୍ଦରହିତ ଅପକୀର୍ତ୍ତିମୟ ମୋହ କେଉଁଠାରୁ ଉପସ୍ଥିତ ହେଲା ? ହେ ଅର୍ଜୁନ, ଏପରି କାତର ହୁଅନାହିଁ । ଏପରି କାପୁରୁଷତା ତୁମ ପକ୍ଷରେ ଶୋଭା ପାଏ ନାହିଁ । ହେ ଶତ୍ରୁତାପନ, ଏପରି ତୁଚ୍ଛ ହୃଦୟ ଦ୍ରୌର୍ବଲ୍ୟ ତ୍ୟାଗ କରି ବିରୋଧୀ ଶକ୍ତି ବିରୁଦ୍ଧରେ ଯୁଦ୍ଧପାଇଁ କୃତନିଶ୍ଚୟ ହୋଇ ସଂକଳ୍ପ କର ।''ଦୁଶ୍ଚିନ୍ତାପ୍ରସୂତ ଚିତ୍ତର ଦୀନତାରେ ଅଭିଭୂତ ଅର୍ଜୁନ ପ୍ରକୃତ ଧର୍ମ କ'ଣ ଓ କେଉଁ କର୍ମରେ ମଙ୍ଗଳ ନିହିତ ତାହା ଜାଣିବା ପାଇଁ ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଶରଣାଗତ ହୋଇ ଯଥାର୍ଥ ଉପଦେଶବାଣୀ ଜାଣିବାକୁ ପ୍ରାର୍ଥନା କଲେ । ଅର୍ଜୁନ ନୀରବ ହୁଅନ୍ତେ ହୃଷୀକେଶ ଅର୍ଜୁନଙ୍କୁ ପରିହାସ ଛଳରେ ସ୍ମିତ ହସି କହିଲେ, ''ଯେଉଁମାନଙ୍କ ପାଇଁ ଶୋକ

କରିବାର କୌଣସି କାରଣ ନାହିଁ, ତୁମେ ସେମାନଙ୍କ ପାଇଁ ଶୋକ କରୁଛ । ଏଣେ ଜ୍ଞାନୀ ଭଳି କଥା ମଧ କହୁଛୁ । କିନ୍ତୁ ଯେଉଁମାନେ ପ୍ରକୃତ ଜ୍ଞାନୀ ଏବଂ ତତ୍ତ୍ୱଜ୍ଞାନୀ ସେମାନେ ମୃତ ବା ଜୀବିତ କାହାରି ପାଇଁ ଶୋକ କରନ୍ତି ନାହିଁ ।''

ଇନ୍ଦ୍ରିୟବୃତ୍ତି ସହିତ ବିଷୟାଦିର ସଂଯୋଗରେ ହିଁ ଶୀତୋଷ୍ଣ ସୁଖଦୁଃଖାଦିର ଦ୍ୱନ୍ଦ୍ୱ ଅନୁଭୂତ ହୁଏ । କିନ୍ତୁ ଏ ସମସ୍ତ ଅନୁଭୂତିର ଉତ୍ପତ୍ତି ହିଁ ବିନାଶଶୀଳ, ସେଥିପାଇଁ ଅନିତ୍ୟ । ତେଣୁ ନିର୍ବିକାର ଚିତ୍ତରେ ଏସବୁ ସହ୍ୟ କରିବା ବିଧେୟ । ସ୍ଥିର ବୁଦ୍ଧି ସମ୍ପନ୍ନ ବ୍ୟକ୍ତି  ଓ ତତ୍ତ୍ୱଜ୍ଞାନୀ ଏହିସବୁ ବିଷୟସ୍ପର୍ଶ ଜନିତ ସୁଖଦୁଃଖ ଅବିଚଳିତ ଚିତ୍ତରେ ସମଭାବରେ ଗ୍ରହଣ କରିଥାଆନ୍ତି, ଏବଂ ଅମୃତତ୍ୱ ଲାଭର ଯୋଗ୍ୟ ଅଧିକାରୀ ହୋଇଥାଆନ୍ତି ।

ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନର ଶରଣାଗତିରେ ସନ୍ତୋଷ ପ୍ରକାଶ କରି ଆତ୍ମାର ସ୍ୱରୂପ ସମ୍ବନ୍ଧରେ ଆତ୍ମତତ୍ତ୍ୱ ବ୍ୟାଖ୍ୟା କରିଛନ୍ତି । ଦେହର ଅନିତ୍ୟତା ଓ ଆତ୍ମାର ଅମରତ୍ୱ ବୁଝାଇ ଉପଦେଶ ଦେଇ ସ୍ୱଧର୍ମ ପାଳନର ମହତ୍ତ୍ୱ ଦର୍ଶାଇଛନ୍ତି । ନିଷ୍କାମକର୍ମ, ଜ୍ଞାନ ଓ ଭକ୍ତିର ଫଳ ସ୍ୱରୂପ ବ୍ରହ୍ମପ୍ରାପ୍ତି ଓ ସ୍ଥିତପ୍ରଜ୍ଞ ଅବସ୍ଥା ବ୍ରାହ୍ମୀସ୍ଥିତି ନାମରେ କଥିତ ।

ନିଷ୍କାମ କର୍ମଯୋଗର ମର୍ମ ହେଉଛି, **ଶ୍ରୀକୃଷ୍ଣ ହିଁ କର୍ତ୍ତା, ତାଙ୍କରି ହାତରେ ଯନ୍ତ୍ର ହୋଇ ମୁଁ ତାଙ୍କର କାର୍ଯ୍ୟ କରୁଛି । ଏଭଳି ବିଚାର କରି ସମସ୍ତ କର୍ମଫଳ ଶ୍ରୀକେଶବଙ୍କୁ ଅର୍ପଣ କରି କାମନା ଓ ମମତା ଶୂନ୍ୟ ଏବଂ ଶୋକ ମୋହ ବିବର୍ଜିତ ହେବା ।** ସ୍ୱଧର୍ମ ଅର୍ଥାତ୍ ନିଜ ଆଶ୍ରମୋଚିତ କର୍ମ କିଞ୍ଚିତ୍ ଦୋଷଯୁକ୍ତ ହେଲେ ମଧ ତାହା ଉତ୍ତମ ରୂପେ ଅନୁଷ୍ଠେୟ । ନିର୍ଦ୍ଦୋଷ ପରଧର୍ମ ଅପେକ୍ଷା ଅସଂପୂର୍ଣ୍ଣ ଭାବରେ ଅନୁଷ୍ଠିତ ସ୍ୱଧର୍ମରେ ନିଧନ ମଧ କଲ୍ୟାଣ କର । ସ୍ୱଧର୍ମରେ ସ୍ଥିତ ବ୍ୟକ୍ତିର ମରଣ ମଧ ପରଧର୍ମରେ ସ୍ଥିତ ଜୀବନ ଅପେକ୍ଷା ଶ୍ରେୟ ।

ଗୀତାର ଚତୁର୍ଥ ଅଧ୍ୟାୟରେ ଯେଉଁ ଚତୁଃ ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) କଥା ଉଲ୍ଲେଖ ଅଛି ତାହା ସତ୍ତ୍ୱରଜଃତମ ଗୁଣ  ପ୍ରଧାନ ମାନବ ଗୋଷ୍ଠୀକୁ ବୁଝାଏ । ସତ୍ତ୍ୱ ପ୍ରଧାନ ବ୍ୟକ୍ତିଗଣ ଶମଦମ ଆଦି ସମ୍ପନ୍ନ ଅଟନ୍ତି । ସେମାନଙ୍କୁ ବ୍ରାହ୍ମଣ କୁହାଯାଏ । ସତ୍ତ୍ୱରଜଃ ପ୍ରଧାନ ବ୍ୟକ୍ତିଗଣ ଶୌର୍ଯ୍ୟ ବୀର୍ଯ୍ୟ ପ୍ରକାଶ କରନ୍ତି । ସେମାନେ କ୍ଷତ୍ରିୟ । ରଜଃ ଓ ତମ ପ୍ରଧାନ ବ୍ୟକ୍ତିଗଣ କୃଷି ବାଣିଜ୍ୟ ଆଦି କର୍ମ ନିପୁଣ । ସେମାନେ ବୈଶ୍ୟ ଅଟନ୍ତି । ତମ ପ୍ରଧାନ ବ୍ୟକ୍ତିଗଣ ଶୂଦ୍ରଗଣ । ସେମାନଙ୍କର ପ୍ରଧାନ କାର୍ଯ୍ୟ ହେଉଛି ସେବା କରିବା । ସତ୍ୟ ଯୁଗରେ ସମସ୍ତେ ବ୍ରାହ୍ମଣ ଥିଲେ, ତ୍ରେତାଯୁଗରେ ବର୍ଣ୍ଣ ବିଭାଗ ପ୍ରବର୍ତ୍ତିତ ହେଲା । ମହାଭାରତର ଶାନ୍ତି ପର୍ବର ''ଭୃଗୁ ଭରଦ୍ୱାଜ ସମ୍ବାଦ''ରୁ ପ୍ରମାଣ ମିଳେ — ଋଷି ଭରଦ୍ୱାଜଙ୍କ ପ୍ରଶ୍ନର ଉତ୍ତର ଛଳରେ ଭୃଗୁ କହିଛନ୍ତି—

''ନ ବିଶେଷୋଽସ୍ତି ବର୍ଣ୍ଣାନାଂ ସର୍ବଂ ବ୍ରାହ୍ମମିଦଂ ଜଗତ ।

ବ୍ରହ୍ମଣା ପୂର୍ବ ସୃଷ୍ଟଂହି କର୍ମଭିର୍ବର୍ଣ୍ଣତାଂଗତମ ।''

ଏବଂ ପରେ ''ତେଦ୍ୱିଜାଃ କ୍ଷତ୍ରତାଂ ଗତାଃ'' । 'ତେ ଦ୍ୱିଜାଃ ବୈଶ୍ୟତାଂ ଗତାଃ' । 'ତେ ଦ୍ୱିଜାଃ ଶୂଦ୍ରତାଂ ଗତାଃ' ।'' ''ତେ ଦ୍ୱିଜାଃ ବର୍ଣ୍ଣାନ୍ତରଂ ଗତାଃ ।'' ତେଣୁ ବାସ୍ତବରେ ଜାତିଭେଦ ନାହିଁ । ଦିନେ ଯେଉଁମାନେ ବ୍ରାହ୍ମଣ ଥିଲେ, ସମୟର ଆହ୍ୱାନରେ ସେହିମାନେହିଁ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ହେଲେ । ଏହି ସମଗ୍ର ପୃଥିବୀହିଁ ବ୍ରହ୍ମା ସାବିତ୍ରୀଙ୍କ ରଜଃ ଗୁଣରେ ସୃଷ୍ଟ । ତେଣୁ ଏହା ବ୍ରାହ୍ମଣମୟ ଓ ଏକବର୍ଣ୍ଣ । ବ୍ରାହ୍ମଣମାନଙ୍କର ଗୋଟିଏ ଗୋଷ୍ଠୀ କ୍ଷତ୍ରିୟ । ଅନ୍ୟ ଗୋଷ୍ଠୀ ବୈଶ୍ୟ ଓ ଅନ୍ୟ ଏକ ଗୋଷ୍ଠୀ ଶୂଦ୍ର ହୋଇଛନ୍ତି । ବ୍ରାହ୍ମଣଗଣହିଁ ବର୍ଣ୍ଣାନ୍ତର ପ୍ରାପ୍ତ ହୋଇଛନ୍ତି । ତେଣୁ ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଜାତିଭେଦର ବିରୋଧ ହିଁ କରିଛନ୍ତି । ଶ୍ରୀକୃଷ୍ଣଙ୍କର ଭକ୍ତ ଅନୁଗତମାନେ ପ୍ରଭୁପାଦରେ ବିଶ୍ୱାସ ରଖି ପ୍ରଭୁ ବାକ୍ୟରେ

ବିଶ୍ୱାସ ନରଖିବା ଠାରୁ ହାସ୍ୟାସ୍ପଦ ବ୍ୟାପାର ଆଉ କ'ଣ ହୋଇ ଥାଇପାରେ ???

ଆଜି ନରନାରାୟଣ ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର ଦଶମୋଦକ ରୂପେ ଧର୍ମାଚରଣର ବିଧି ଓ ସମାଜରେ ଥିବା ଜାତିଭେଦକୁ ଭାବରେ ନ ରଖିବା ନିମନ୍ତେ ଉପଦେଶ ଦେଇଅଛନ୍ତି । ଏହା ଶାସ୍ତ୍ର ସମ୍ମତ ଓ ତତ୍ତ୍ୱ ସମ୍ବଳିତ । ଏହା ପାଳନ କରିବାହିଁ କର୍ମଯୋଗ । ଅନନ୍ତକର୍ମ ଓ ତା'ର ଫଳପ୍ରତି ଦୃଷ୍ଟି ନରଖି ମନପ୍ରାଣ ସବୁ ତାଙ୍କ ଶ୍ରୀରଙ୍ଗା ପାଦତଳେ ଥୋଇ ପାରିଲେ କର୍ମଯୋଗହୁଏ । କିନ୍ତୁ ସାଧନ ଭଜନ ନ କଲେ କର୍ମଯୋଗ ହେବ ନାହିଁ । ଚତୁର୍ବିଧ ଯୋଗର ସାମଞ୍ଜସ୍ୟ ଦରକାର । ତା ନହେଲେ ମନ ପ୍ରାଣ କିପରି ଶ୍ରୀଗୁରୁସ୍ୱାମୀଙ୍କ ପାଦତଳେ ରକ୍ଷି ହେବ ? ଭଗବଦ୍ ପ୍ରୀତ୍ୟର୍ଥେ କୃତ କର୍ମ ହିଁ ନିଷ୍କାମ କର୍ମ । ନିଷ୍କାମକର୍ମର ଫଳ ଚିତ୍ତ ଶୁଦ୍ଧି ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି :- କର୍ମତ୍ୟାଗ କରିବାକୁ ହେବ ନାହିଁ । ନିଷ୍କର୍ମା ନ ହୋଇ କର୍ମ ତତ୍ପର ହେବାକୁ ହେବ । କର୍ମଫଳ ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର କୃତାଞ୍ଜଳି ଅର୍ଘ୍ୟରୂପରେ ଗ୍ରହଣ କରିନେବେ । ଏହି ଅଭ୍ୟାସ ଯୋଗ ନିଷ୍ଠ ହେଲେ ଭକ୍ତ ଅନୁଗତ କର୍ମଫଳର ବନ୍ଧନରୁ ମୁକ୍ତ ହେବ । ଆଜିର ସମାଜରେ ବିଷୟାସକ୍ତ ବଦ୍ଧଜୀବମାନଙ୍କର ଉଦ୍ଧାର ନିମନ୍ତେ ଶ୍ରୀଗୁରୁସ୍ୱାମୀଙ୍କର ଏହାହିଁ ସର୍ବୋତ୍ତମ ଅଭୟ ଓ ଭରସା । ଶ୍ରୀଗୁରୁସ୍ୱାମୀଙ୍କୁ ଚିନ୍ତନ, ତାଙ୍କରି ଗୁଣ କୀର୍ତ୍ତନ, ତାଙ୍କ ପ୍ରଦତ୍ତ ବୀଜମନ୍ତ୍ରର ମନନ, ଧ୍ୟାନ, ଧାରଣା, ପ୍ରାର୍ଥନା, ମହାମନ୍ତ୍ରପାଠ, ସାଷ୍ଟାଙ୍ଗ ପ୍ରଣାମ ଓ କୃତାଞ୍ଜଳି ଅର୍ଘ୍ୟ ପ୍ରଦାନ ସହିତ ସତ୍‌ସଂଗରେ ଯୋଗଦାନ ବିଧିବଦ୍ଧ ପାଳନ କଲେ, ଫଳ କାମନା ନକରି ନିଶ୍ଚିନ୍ତ ଭାବରେ ତାଙ୍କୁ ଲାଭ କରାଯାଇପାରେ ।

ନିଷ୍କାମ କର୍ମଫଳରେ ଚିତ୍ତଶୁଦ୍ଧି କ୍ରମେ ଆତ୍ମାନୁଭୂତି ଯାହାକି ବ୍ରାହ୍ମୀସ୍ଥିତି ମିଳିଥାଏ । ନିଷ୍କାମକର୍ମ ଚିତ୍ତଶୁଦ୍ଧିର ହେତୁ ମାତ୍ର । ଅତଏବ ବ୍ରାହ୍ମୀସ୍ଥିତିରେ ସୁପ୍ରତିଷ୍ଠିତ ହେଲେ ଚିତ୍ତଶୁଦ୍ଧିର ହେତୁ ଭୂତ ନିଷ୍କାମକର୍ମ ତ୍ୟାଗ ହୋଇଯାଏ । ଯେପରି ଗୋଟିଏ କଣ୍ଟା ପାଦରେ ଗଳିଗଲେ ଅନ୍ୟ ଏକ କଣ୍ଟାଦ୍ୱାରା କାଢ଼ିବାକୁ ପଡ଼େ-ତାପରେ ଦୁଇଟିଯାକ କଣ୍ଟାପକାଇ ଦିଆଯାଏ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ପ୍ରଭୃତି ଅଷ୍ଟାଙ୍ଗଯୋଗର ସହାୟତାରେ ଯୋଗୀ ବ୍ରହ୍ମରେ ସମାହିତ ହୋଇଥାଏ । ସାଷ୍ଟାଙ୍ଗ ପ୍ରଣାମ ସାଧନା ଦ୍ୱାରା ଏହି ଅଷ୍ଟାଙ୍ଗ ଯୋଗ ସାଧନ ସହଜ ଓ ସୁଗମ ହୋଇଥାଏ । ଶ୍ରୀଗୁରୁସ୍ୱାମୀ ଏହିଯୁଗ ପାଇଁ ସାଷ୍ଟାଙ୍ଗ ପ୍ରଣାମବିଧି ପ୍ରବର୍ତ୍ତନ କରି ଅଛନ୍ତି । ତତ୍ ବିଧି ଓ ପ୍ରଣିପାତ ପାଳନଦ୍ୱାରା ଆଜି ବହୁଜୀବ ମୁକ୍ତିପଥର ଯାତ୍ରୀ । ପବନରେ ପାଣି ଚହଲି ତରଙ୍ଗାୟିତ ହେଲେ ଯେପରି ପ୍ରତିବିମ୍ବ ଦେଖା ଯାଏନାହିଁ, ଠିକ୍ ସେହିପରି ଇନ୍ଦ୍ରିୟ ପରିଚାଳିତମନ ଚଞ୍ଚଳ ଓ ଅସ୍ଥିର ହେଲେ ଭଗବାନଙ୍କର ପ୍ରକାଶ ଅନୁଭୂତ ହୁଏନାହିଁ । ମନକୁ ବିଷୟଠାରୁ ଦୂରେଇ ନିର୍ବିଷୟ କରିପାରିଲେ ଯୋଗସ୍ଥ ହେବା ସମ୍ଭବ ହୁଏ ।

*ସତସଙ୍ଗ ଅଟେ ଭକତ ମେଳା*
*ଏହାକୁ ଛୁଡ଼ିଲେ ବୁଡ଼ଇ ଭେଳା*

*ମନରେ ବସି ଭାବରେ ରସି*
*କରମ ହୀନା ପାପରେ ପଶି ।*

*ଆସ୍ୱାଦନ ପାଇଁ କର ସାଧନ ।*
*ଯତନେ ମିଳଇ ଅମୂଲ୍ୟ ଧନ ॥*

*ମତି ମୂଷା ଗୋଟି ବଡ଼ ଚତୁର । ବିବେକ ଗଣେଶ ଚଢ଼ି ସବାର ॥*

# ଜ୍ଞାନ ମୁଦ୍ରାୟ କୃଷ୍ଣାୟ ଗୀତାମୃତ ଦୁହେ ନମଃ

**ଓଁ ନମୋ ଭଗବତେ କେଶବାୟନମଃ—**

କେ କୈବଲ୍ୟଦାତାଣ୍ଟ ଶ ଶରଣାଗତିମ୍ ।
ବ ବ୍ରହ୍ମାଣ୍ଡ ନାଥାୟ କେଶବାୟ ନମୋନମଃ ॥

ଜ୍ଞାନ ବୋଇଲେ ଅସ୍ତି, ଭାତି ଓ ଚେତି । ''ଅସ୍ତି'' ଅର୍ଥ ସଦାସର୍ବତ୍ର ବିଦ୍ୟମାନ ଜନ୍ମ ମୃତ୍ୟୁ ରହିତ ନିତ୍ୟ ଶୁଦ୍ଧ ବୁଦ୍ଧ ଚୈତନ୍ୟ ପରମବ୍ରହ୍ମ କାରଣ ସତ୍ତାକୁ ବୁଝାଏ । ''ଭାତି'' କହିଲେ ସ୍ୱଅନ୍ତର୍ଗତ ଦ୍ରଷ୍ଟା ବ୍ୟକ୍ତି ନିଜମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ଅବାଂମାନସ ଗୋଚର ଭାବେ ଅବସ୍ଥିତ । ''ଅସ୍ତି'' ନିଜର ଅନ୍ତର୍ମନକେନ୍ଦ୍ରିତ ସଂକୁଚିତ ବିନ୍ଦୁ ରୂପକ ଲୟ ଦୃଷ୍ଟି ଦ୍ୱାରା ଦେଖିପାରେ । ''ଚେତି'' ତାହାହିଁ ନିଜର ଅନ୍ତର୍ଗତ ଜାଗ୍ରତ ଚେତନାର ଅନୁଭାବାତ୍ମକ ସୂକ୍ଷ୍ମାତିସୂକ୍ଷ୍ମ ପରିପ୍ରକାଶ ''ଚିତ୍'' ରୂପକ ପ୍ରଜ୍ଞା (ସ୍ଥିର ଶକ୍ତି)ର ଉନ୍ମେଷ ଅଟେ । ଚିତ୍ ଶକ୍ତି ହିଁ ମହତୀଜ୍ଞାନର ଅସୀମ ଭଣ୍ଡାର, ସଚ୍ଚିଦାନନ୍ଦ ଘନ ପୁରୁଷ ସତ୍ତା କେଶବ ବା ଶ୍ରୀକୃଷ୍ଣ । ଏହା ସବୁଠାରେ ଓ ପ୍ରାଣୀମାନଙ୍କ ମଧ୍ୟରେ ତଟସ୍ଥ ଦ୍ରଷ୍ଟା ରୂପେ ବିଦ୍ୟମାନ । ଶ୍ରୀମଦ୍ଭଗବତ ଗୀତାର ତୃତୀୟ ଅଧ୍ୟାୟ ୨୨ ଶ୍ଳୋକର ପ୍ରଥମପାଦରେ ଶ୍ରୀକୃଷ୍ଣ କହିଛନ୍ତି:—

''ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଂଚନ'' ।

ଗୀତା ସୃଷ୍ଟି ଏବଂ ଏହାର ସ୍ଥିତି ଓ ପରିଚାଳନା ଜନିତ ସ୍ୱୟଂକ୍ରିୟ ପ୍ରକ୍ରିୟାର ଇତିକଥା । ଏହାର ପ୍ରଭାବ ମନୁଷ୍ୟ ଓ ପ୍ରାଣୀମାନଙ୍କ ମଧ୍ୟରେ ସଂବେଦିତ ଓ ଜଡ଼ସୃଷ୍ଟି ମଧ୍ୟରେ ସୁପ୍ତ । ଏଣୁ ଗୀତାର ପ୍ରତିଟି ଶ୍ଳୋକ ଜ୍ଞାନଗର୍ଭକ ତଥା ଅନୁଭବ ସାପେକ୍ଷ କିନ୍ତୁ ବାଚନିକ ନୁହେଁ । ଏହାର ଶ୍ଳୋକମାଳା ପ୍ରଭାବଶାଳୀ ଅନ୍ତର୍ଦ୍ରାବକ ଓ କ୍ରିୟାତ୍ମକ ଦୃଷ୍ଟିରୁ ଦ୍ରବଣକ୍ରିୟା ଧର୍ମୀ ଅଟେ । ପରମାତ୍ମା ସ୍ୱରୂପ ପରମ ବିଶୁଦ୍ଧ ପରଂବ୍ରହ୍ମ ସ୍ୱଚ୍ଛ ଜ୍ଞାନମୟ ନିଷ୍କ୍ରିୟ ସତ୍ତାରୁ କ୍ଷରିତ କ୍ରିୟାଶୀଳ ଚଞ୍ଚଳା ପ୍ରକୃତି ରୂପିଣୀ ପରମାତ୍ମମୟୀର ଆବର୍ତ୍ତନୀ କ୍ରିୟାର ପ୍ରଭାବରେ ଆବିଳ ଅଜ୍ଞାନ ରୂପକ ସୃଷ୍ଟି କ୍ଷରଣ ମାଧ୍ୟମରେ ଜନ୍ମ ନିଏ । ଚଞ୍ଚଳା ପ୍ରକୃତି ଜ୍ଞାନ ରୂପକ ପରଂବ୍ରହ୍ମର ଇଚ୍ଛାଶକ୍ତି । ବ୍ରହ୍ମ ସଚରାଚର ଅଦୃଷ୍ଟ ଭାବେ ବିଦ୍ୟମାନ । ସେହିପରି ପରାପ୍ରକୃତି, ମହାଶକ୍ତି ରୂପିଣୀ ମହାମାୟା ମଧ୍ୟ ଅଦୃଷ୍ଟ । ଏହାର ପ୍ରଚ୍ଛନ୍ନ କ୍ରିୟା ଯୋଗୁଁ ତ୍ରିଗୁଣର ସୃଷ୍ଟି । ତ୍ରିଗୁଣର ସଂଯୋଜନାରେ ପଞ୍ଚଭୂତ ଉଦ୍ଭବ ହୋଇ ପ୍ରାଣୀ ଓ ସମସ୍ତ ସୃଷ୍ଟି, ଦୃଶ୍ୟ ପ୍ରକୃତି ରୂପେ ସର୍ବତ୍ର ସଚିତ୍ର ଓ ଦୃଶ୍ୟମାନ ଅଟେ ।

ପ୍ରକୃତି ଓ ପୁରୁଷର ଯୁଗ୍ମସ୍ଥିତି ପ୍ରତ୍ୟେକ ସୃଷ୍ଟିରେ ନିରବଚ୍ଛିନ୍ନ ଭାବେ ବିଦ୍ୟମାନ । ଗୀତାରେ ଶ୍ଳୋକମାଳାର ସଂଚୟନ ମାଧ୍ୟମରେ ଏହା ସୁନିୟୋଜିତ ଏବଂ ଯଥାର୍ଥ ଭାବେ ବର୍ଣ୍ଣିତ ହୋଇଅଛି । ଏଣୁ ଗୀତା ସମସ୍ତ ଉପନିଷଦର ନିର୍ଯ୍ୟାସ ଓ ସାରସଂଗୃହୀତ ଏକ ଅଦ୍ୱିତୀୟ ଭଗବଦନ୍ୱେଷୀ ମାର୍ଗଦର୍ଶକ ପୁସ୍ତକ ଅଟେ ।

ଗୀତାର ପ୍ରଥମ ଅଧ୍ୟାୟ ବିଷାଦଯୋଗ । ସୃଷ୍ଟମନୁଷ୍ୟ ମଧ୍ୟରେ ନିବଦ୍ଧ ଇନ୍ଦ୍ରିୟ ଓ ପ୍ରକୃତି ତାହାର ମନକୁ ଆୟତ୍ତ କରି ଜାଗତିକ ସୃଷ୍ଟିରେ ମଜାଇରଖେ । ଫଳରେ ଜାଗତିକ ମାୟା ମୋହ ଓ ଭ୍ରାନ୍ତି କଳବଳର ହୋଇ ବହିଉଲ୍ଲାସ ଓ ଉଦ୍ଦୀପନାର ପ୍ରବାହ ବଳରେ ମନୁଷ୍ୟକୁ ଉଦ୍‌ବେଳିତ କରେ । ଗୀତାର ଉକ୍ତ ଅଧ୍ୟାୟର ୪୭ଗୋଟି ଶ୍ଳୋକ ମାଧ୍ୟମରେ ଏହା ବିଶ୍ଳେଷିତ ହୋଇଛି । ଏହି ଅଧ୍ୟାୟରେ ଯେଉଁ ସୁରବୀରମାନଙ୍କ ନାମ ଉଲ୍ଲେଖ ଅଛି ତାହା ଗୁଣଧର୍ମଯୋଗୁଁ ସାଙ୍କେତିକ ଅଟେ । କୌରବପକ୍ଷ ମନ, ଇନ୍ଦ୍ରିୟ ଓ ପ୍ରକୃତି ଗଣ । ଅପର ପାଣ୍ଡବପକ୍ଷ ଆତ୍ମା, ବିବେକ, ବୁଦ୍ଧି ଓ ଚେତନାଗଣ । କାରଣ ଆଖ୍ୟାୟିକ ଦୃଷ୍ଟିରୁ ଗୋଟିଏ ପରିବାର ଦୁଇପକ୍ଷ ଯଥା କୌରବ ପକ୍ଷ ଏବଂ ପାଣ୍ଡବ ପକ୍ଷ ପରସ୍ପର ଭାଇଭାଗନେଇ

କୁରୁକ୍ଷେତ୍ର ନାମକ ସ୍ଥାନରେ ପରସ୍ପର ସହ ଯୁଦ୍ଧ କରିଥିଲେ । ଗୀତାର ଏହି ଅଧ୍ୟାୟରେ ଉଭୟ ପକ୍ଷର ବିଶିଷ୍ଟ ସୁରବୀରମାନଙ୍କ ସମରସଜ୍ଜା ସମ୍ବନ୍ଧରେ ବର୍ଣ୍ଣନା ହୋଇଛି ମାତ୍ର । ସ୍ରଷ୍ଟା ଆତ୍ମକୃଷ୍ଣ ପାଣ୍ଡବପକ୍ଷର କର୍ଣ୍ଣଧାର ଅର୍ଜ୍ଜୁନ ରଥର ସାରଥି । ଅର୍ଜ୍ଜୁନ ଆତ୍ମକୃଷ୍ଣଙ୍କର ବନ୍ଧୁ ଓ ସଖା ଭାବେ ସମ୍ବୋଧିତ । ଏହି ଅଧ୍ୟାୟରେ ଉଭୟ ପକ୍ଷର ପ୍ରତିଷ୍ଠିତ ସୁରବୀରମାନଙ୍କର କୌରବ ପକ୍ଷ ଦୁର୍ଯ୍ୟୋଧନଙ୍କ ଦ୍ୱାରା ଗୁରୁଦ୍ରୋଣଙ୍କୁ ଦେଖାଇବାପରେ ପାଣ୍ଡବପକ୍ଷୀୟ ପ୍ରଖ୍ୟାତ ଯୋଦ୍ଧା ଅର୍ଜ୍ଜୁନ ଜାଗତିକ ମାୟା ମୋହ ଭ୍ରାନ୍ତିରେ ପଡ଼ି ତାଙ୍କ ବିପକ୍ଷରେ ଏକତ୍ରିତ ଯୁଦ୍ଧପାଇଁ ଉଦ୍ୟତ ସ୍ୱଜନବାନ୍ଧବମାନଙ୍କୁ ଯୁଦ୍ଧରେ ହତ୍ୟା କରିବେ ନାହିଁ କହି ବିଷାଦିତ ଓ ଅସ୍ତ୍ରତ୍ୟାଗ କରି ରଥଉପରେ ବସିରହିଲେ । ଏହାର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଉକ୍ତଯୁଦ୍ଧର କ୍ରମ ସମ୍ବନ୍ଧରେ ବର୍ଣ୍ଣନା ନ ହୋଇ ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଜ୍ଞାନଗର୍ଭକ ଆତ୍ମତତ୍ତ୍ୱ ତଥା ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ କ୍ରମରେ ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରାଞ୍ଜଳ ଭାବେ ବର୍ଣ୍ଣିତ ହୋଇଛି ।

ଗୀତାର ପ୍ରଥମଅଧ୍ୟାୟ ବିଷାଦଯୋଗର ପ୍ରଥମଶ୍ଳୋକ ଅନୁଧ୍ୟାନ ଯୋଗ୍ୟ । ଧୃତରାଷ୍ଟ୍ର ସଞ୍ଜୟଙ୍କୁ ପ୍ରଶ୍ନ ପଚାରିବା ଆଳରେ ଏହି ଶ୍ଳୋକ କୁହାଯାଇଛି ।

''ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ । ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।''

ଧୃତରାଷ୍ଟ୍ର ଅନ୍ଧ । ଏହା ମାୟାଗ୍ରସ୍ତ ଅନ୍ଧମନର ପ୍ରତୀକ । ମନ ପରିସ୍ଥିତି ଓ ପରିବେଶର ଆନୁକୂଲ୍ୟରେ ଶରୀର ମଧ୍ୟରେ ସଂକ୍ରମିତ ଭାବର ଗ୍ରହଣ ଓ ସଂପ୍ରସାରଣ କରିଥାଏ ଅର୍ଥାତ୍ ଯତ୍ପ୍ରାପ୍ତମ୍ ତଦ୍ ଗୁରୁବେ ନିବେଦିତମ୍ । ମନ ମଧ୍ୟରେ ପ୍ରଶ୍ନ ଆସେ କୁରୁକ୍ଷେତ୍ର ନାମକ ସ୍ଥାନରେ ଉଭୟ ଭ୍ରାତୃପକ୍ଷର ତୁମୁଳ ଯୁଦ୍ଧ ହୋଇଥିଲା । ଏଠାରେ ''ଧର୍ମକ୍ଷେତ୍ର'' ଶବ୍ଦର ଉଲ୍ଲେଖ ହେଲା କାହିଁକି ? ରଣାଙ୍ଗନରେ ଜଘନ୍ୟ ନରହତ୍ୟାର ବିଭୀଷିକା ଦେଖିବାକୁ ମିଳେ । ତାହା ପୁଣି ଧର୍ମକ୍ଷେତ୍ର ବୋଲି କିଭଳି କୁହାଯିବ ? ପୁନଶ୍ଚ ଗୀତାର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଅସ୍ତ୍ରପାତ କିମ୍ବା ରକ୍ତପାତର ବର୍ଣ୍ଣନା ନାହିଁ । ଅପରନ୍ତୁ ଗୁହ୍ୟ ଦେହାନୁଗାମୀ ତତ୍ତ୍ୱକଥା କ୍ରମ ଅନୁଯାୟୀ ଶ୍ଳୋକ ଆକାରରେ ସଞ୍ଚୟିତ ହୋଇଛି । ଏଣୁ ମନରେ ପ୍ରଶ୍ନ ଆସେ ଏହା କି ପ୍ରକାର ଯୁଦ୍ଧ ଏବଂ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ କଣ ?

ତ୍ରୟୋଦଶ ଅଧ୍ୟାୟରେ ୨ୟ ଶ୍ଳୋକରେ ଦର୍ଶାଯାଇଛି:—

''ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ''

ଏହି ଶରୀରହିଁ ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର । ଗୀତାର ପ୍ରତିଟି ଶ୍ଳୋକର ମର୍ମାନ୍ତକ ଅନୁଧ୍ୟାନ ଓ ଅନୁସନ୍ଧାନ କଲେ ଏହା ସାଧନା ରୂପକ ସମରର ଇଙ୍ଗିତ ଦିଏ । ସୃଷ୍ଟିର ଏକକ ରୂପେ ପ୍ରତ୍ୟେକ ମନୁଷ୍ୟକୁ ଲକ୍ଷ୍ୟ କରି ଗୀତାରେ ସଞ୍ଚୟିତ ଶ୍ଳୋକମାଳାରେ ସୃଷ୍ଟିର ପରିପ୍ରକାଶ ତଥା ତାହାର କ୍ରିୟା କଳାପର ସ୍ୱୟଂକ୍ରିୟ ନିୟନ୍ତ୍ରଣାତ୍ମକ ଓ ସୂକ୍ଷ୍ମ କ୍ରିୟାତ୍ମକ ପ୍ରଭାବ ସମ୍ବନ୍ଧରେ ଯୋଗାବଲମ୍ବନ ରୂପକ ସାଧନା ସମର ପ୍ରଭାବରେ ବ୍ୟକ୍ତିର ଜଡ଼ଭାବରୁ କ୍ରମ ଉତ୍ଥିତ ହୋଇ ଆତ୍ମିକ ଭାବରେ ଅବସ୍ଥାନ କରିବା ସଂବନ୍ଧୀୟ ସମସ୍ତ ପର୍ଯ୍ୟାୟ ପ୍ରାଞ୍ଜଳ ଭାବେ ବିଭିନ୍ନ ଯୋଗବ୍ୟାଖ୍ୟାନ ଭିନ୍ନ ଭିନ୍ନ ଅଧ୍ୟାୟମାନଙ୍କର ପ୍ରାଙ୍କଳନ ମାଧ୍ୟମରେ ବର୍ଣ୍ଣିତ ହୋଇଛି । ଆତ୍ମଜ୍ଞାନ ଅର୍ଥାତ୍ ଶ୍ରେୟଜ୍ଞାନ ପ୍ରାପ୍ତି ନିମିତ୍ତ ଗୀତା ଏକ ସାରଗର୍ଭକ ପ୍ରତ୍ୟେକ ତୀତୀକ୍ଷୁ ବ୍ୟକ୍ତିଙ୍କ ପାଇଁ ଉପାଦେୟ ଅବଲମ୍ବନୀୟ ଧର୍ମ ପୁସ୍ତକ ଅଟେ । ଏହା ସର୍ବବାଦୀ ସମ୍ମତ ସର୍ବଧାର୍ମିକ ସନ୍ଥମାନଙ୍କ ଦ୍ୱାରା ଆଦୃତ ଓ ଗ୍ରହଣୀୟ ।

ସାଧନା କହିଲେ ଆମେ କଣ ବୁଝୁ ? ଏହି ଶବ୍ଦକୁ ବିଶ୍ଳେଷଣ କଲେ ଏହାର ଅର୍ଥ ପ୍ରତିବିମ୍ବିତ ହେବ । ସାଧନା ଅର୍ଥ ସ୍ୱ ଅଧ୍ୟୟନ ଅର୍ଥାତ୍ ନିଜକୁ ପଢ଼ିବା । ପଢ଼ିବାକୁ ହେଲେ ଚକ୍ଷୁର ସାହାଯ୍ୟ ଏକାନ୍ତ ଆବଶ୍ୟକ । ଅଧ୍ୟୟନ ଅର୍ଥ ପଢ଼ିବା ।

ପଢ଼ିବା ପାଇଁ ଆମେ ଯେପରି ଦୁଇଟି ସ୍ଥୂଳ ଚକ୍ଷୁର ସାହାଯ୍ୟ ନେଉ ସେହିଭଳି ନିଜକୁ ପଢ଼ିବାକୁ ହେଲେ ଉପ୍ସିତ ବ୍ୟକ୍ତି ମଧ୍ୟରେ ଅର୍ନ୍ତକେନ୍ଦ୍ରିତ ସୂକ୍ଷ୍ମ ସଂଙ୍କୁଚିତ ମନଚକ୍ଷୁ ବା ଅନ୍ୟ ଅର୍ଥରେ ଏକକ ଜ୍ଞାନଚକ୍ଷୁ ରୂପକ ତୃତୀୟନେତ୍ରର ଉନ୍ମେଷ ଏକାନ୍ତ ଅପରିହାର୍ଯ୍ୟ । ଆମ୍ଭ ସାଧାରଣ ଜାଗତିକ ଭୋଗବିଳାସକାମୀ ଲୋକମାନଙ୍କ ତୃତୀୟନେତ୍ର ସମ୍ବନ୍ଧରେ ସମ୍ୟକ୍ ଜ୍ଞାନନାହିଁ । କାରଣ ଏହା ସ୍ୱଅନ୍ତର୍ଗତ କେନ୍ଦ୍ରିତ ନିଶ୍ଚଳ ମନଦ୍ୱାରା ନିଜଭିତରର ଦର୍ଶନର କଥା । ସାଧାରଣ ମନୁଷ୍ୟ ତାହାର ଦୁଇ ସ୍ଥୂଳଚକ୍ଷୁ ସାହାଯ୍ୟରେ ଜାଗତିକ ଓ ପ୍ରକୃତି ରଚିତ ଜଗତ ଦର୍ଶନ ତଥା ତାହା ଉପଭୋଗ କରିବା ଜନିତ ଭୋଗାକାଂକ୍ଷୀ କବଳିତ ମନ ନେଇ ଅହରହ ଯତ୍ନବାନ ଓ ଉଦ୍ୟମରତ । କିନ୍ତୁ ଏହା ଯେ ସମସ୍ତ ବିଷାଦ ଓ ବିସମ୍ବାଦର କାରଣ ତାହା ସେ ମନରେ ହେଜି ପାରେନା ।

ଏହା ଶାସ୍ତ୍ର ସମ୍ମତ ଓ ସର୍ବଜନ ବିଦିତ ଯେ ''ମନ ଏବ ମନୁଷ୍ୟାଣା କାରଣଂ ବନ୍ଧ ମୋକ୍ଷୟୋ ।'' ପ୍ରତ୍ୟେକ ମନୁଷ୍ୟର ଜାଗତିକ ବନ୍ଧନରେ ବିଜଡ଼ିତ ପାଇଁ ହେଉ ଅବା ଜାଗତିକ ବନ୍ଧନରୁ ମୁକ୍ତ ପାଇଁ ହେଉ ମନ ହିଁ ତଦ୍ ନିମିତ୍ତ ଏକମାତ୍ର ଅବଲମ୍ବନ ଅଟେ । ଆତ୍ମଗାମୀ ମୁକ୍ତ ଅବସ୍ଥା କେବଳ ଅନ୍ତର୍ମନର ଊର୍ଦ୍ଧ୍ୱକେନ୍ଦ୍ରିକ ବିନ୍ଦୁସ୍ଥିତି ଅଥବା ଲୟ ଅବସ୍ଥାଯୋଗୁଁ ଅନୁଭବ ସାପେକ୍ଷ ଅଟେ । ସେହିପରି ଅନ୍ୟପକ୍ଷେ ମନ ଚଞ୍ଚଳ ଓ ଦୋଦୁଲ୍ୟମାନ ନିମ୍ନାଭିମୁଖୀ ବହିଃପ୍ରସାରିଣୀ ସ୍ଥିତିରେ ବିସ୍ତାରିତ ରହିଲେ ଜାଗତିକ ମାୟା, ମୋହ ଓ ଭ୍ରାନ୍ତି ରୂପକ ଜାଗତିକ ବନ୍ଧନରେ ଜଡ଼ିତ ବନ୍ଧନଯୁକ୍ତ ବଦ୍ଧ ଅବସ୍ଥା ସମ୍ବଳିତ ଜ୍ୱାଳା ଯନ୍ତ୍ରଣାରେ ବୁଡ଼ାଇ ରଖେ । ମନ ସ୍ୱଭାବତଃ ଅରୂପ ଓ ଆକାରବିହୀନ ଅଦୃଷ୍ଟ ବାୟୁତତ୍ତ୍ୱ ଆଧାରିତ ସୂକ୍ଷ୍ମ ସତ୍ତା ଅଟେ । ଏହା ସ୍ଥୂଳ ଶରୀର ମଧ୍ୟରେ ସୂକ୍ଷ୍ମଶରୀରର ଏକ ମୁଖ୍ୟ ଅଂଶ ବିଶେଷ । ଆତ୍ମା ଅଶରୀରୀ ଓ ଅଦୃଷ୍ଟ । ଏହା ସୃଷ୍ଟ ବ୍ୟକ୍ତି ସତ୍ତା କାରଣ ଓ ସ୍ଥାଣୁ ସ୍ୱଚ୍ଛାତିସ୍ୱଚ୍ଛ, ଗୁହ୍ୟାତୀଗୁହ୍ୟ ଓ ସୂକ୍ଷ୍ମାତିସୂକ୍ଷ୍ମ ଅଶରୀରୀ ଆତ୍ମାରୂପେ ବାଚିତ । ଆତ୍ମା ଦ୍ରଷ୍ଟା ଓ କାରଣ ସତ୍ତା ଏବଂ ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ସର୍ବତ୍ର ସମଭାବରେ ଅବସ୍ଥିତ । ଏହା ଶରୀର ମଧ୍ୟରେ ''ଅଶରୀରମ୍ ଶରୀରେଷୁ ଅନବସ୍ଥେଷୁ ଅବସ୍ଥିତମ୍ '' ଏଭଳି ନିରବଚ୍ଛିନ୍ନ ଚିନ୍ମୟ ବ୍ରହ୍ମ ଭାବେ ସର୍ବତ୍ର ବ୍ୟାପ୍ତ ହୋଇ ରହେ । ଶରୀର ପତନରେ ଏହାର ପତନ ହୁଏନା । ଯେପରି ଜଳତରଙ୍ଗରୁ ଉଦ୍ଭବ ବୁଦ୍‌ବୁଦ୍ ଫାଟି ଜଳରେ ମିଳାଇଗଲେ ଜଳ ଉଭାଇ ଯାଏନା । ଚଞ୍ଚଳା ପ୍ରକୃତି ଏହି ସ୍ଥିରସ୍ଥାଣୁ ସର୍ବବ୍ୟାପ୍ତ କାରଣ ସତ୍ତା ଆତ୍ମାରୁ ଅଧୋମୁଖୀଭାବେ କ୍ଷରିତ ହୋଇ ଅଦୃଷ୍ଟ ଚକ୍ରାକାର କ୍ରିୟାଶୀଳ ଶକ୍ତିରୂପେ ଶରୀରରେ ମୁଖ୍ୟତଃ ପଞ୍ଚପ୍ରାଣ ପଞ୍ଚବାୟୁ ଯଥା— ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ ଏଭଳି ନାମରେ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ଅଦୃଷ୍ଟ ଭାବେ କ୍ରିୟାଶୀଳ । ସୂକ୍ଷ୍ମ ଅଦୃଷ୍ଟ ଶରୀରର ଅଦୃଷ୍ଟ ବାୟୁଚାଳିତ ମନକୁ ଏହାର ମୁଖ୍ୟ ଅଂଶ ରୂପେ ଅବଲମ୍ବନ କରି ସ୍ଥୂଳ ପଞ୍ଚଭୌତିକ ଶରୀରରେ ଅଦୃଷ୍ଟଭାବେ କ୍ରିୟାଶୀଳ ରହି ଶରୀରକୁ ଜୀବିତ, କ୍ରିୟାଶୀଳ ତଥା ଜଡ଼ ଅନିତ୍ୟ ପରିବର୍ତ୍ତନଶୀଳ ଜଗତରେ ମୋହିତ ଓ ଗ୍ରଥୀତ କରି ରଖେ । ପ୍ରତ୍ୟେକ ସାଧାରଣ ମନୁଷ୍ୟ ଏଭଳି ସ୍ଥିତିର ଦାସ କହିଲେ ଅତ୍ୟୁକ୍ତି ହେବନାହିଁ ।

ଗୀତାରେ ଅବଲମ୍ବିତ ଓ ସାଙ୍କେତିକ ନାମଧାରୀ ଅର୍ଜୁନ ଗୀତାର ମୁଖ୍ୟ ବ୍ୟକ୍ତି । ସେ ପ୍ରଶ୍ନକର୍ତ୍ତା-ସାଧକ ରୂପେ ପ୍ରଥମ ଅଧ୍ୟାୟରେ ଜାଗତିକ ମାୟାମୋହରେ ଆଚ୍ଛନ୍ନ ହେବା ଯୋଗୁଁ ବିଷାଦଗ୍ରସ୍ତ ତଦ୍‌ଭାବାବେଶରେ ଆତ୍ମକୃଷ୍ଣଙ୍କଠାରେ ନିଜର ଭ୍ରମାତ୍ମକ ବିଚାର ତଥା ବିଷାଦ ଅବସ୍ଥାର ପରିବେଷଣ କରିଛନ୍ତି । ସେ ସାଧନା ସମର ଅର୍ଥାତ୍ ସ୍ୱଅଧ୍ୟୟନ ପ୍ରକ୍ରିୟାରେ ଅଗ୍ରସର ହେବେ ନାହିଁ ବୋଲି କହି ଜାଗତିକ ଭ୍ରମାତ୍ମକ ସ୍ଥିତିହିଁ ତାଙ୍କପାଇଁ ଶ୍ରେୟ ଏଭଳି ଉକ୍ତି ସହ ଅନ୍ତର୍ଗତ ତ୍ୟାଗକରି ବହିଁଗତର କବଳାୟିତ ହେଲେ ।

★★★

ଛୁଆଁ ଅଛୁଆଁ ନାହିଁରେ ସେଠି ।
ଜଣିଏ ମାତ୍ର ଲୀଳା ସବୁଠି ।।

ସୁଖେ ରାମ ସୁଖେ ଶ୍ୟାମ ।
ସତ୍ୟ ପଥେ ନିତ୍ୟ ଧାମ ।।

# ଜୀବନ ଓ ମୃତ୍ୟୁ ରହସ୍ୟ

*ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତଂ ।*
*ତଥାପି ତ୍ୱଂ ମହାବାହୋ ! ନୈନଂ ଶୋଚିତୁମର୍ହସି ।।*
*ଜାତସ୍ୟ ହି ଧ୍ରୁବୋମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।*
*ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।।*

ପୁଣି ଯଦି ମନେକର ଯେ ଏହି ଆତ୍ମା ସବୁବେଳେ ଜନ୍ମ ହେଉଛି ଓ ମରୁଛି ତାହେଲେ ହେ ମହାବାହୁ ! ତୁମର ଏହାପାଇଁ ଶୋକ କରିବା ଉଚିତ୍ ନୁହେଁ । ଯେହେତୁ ଜନ୍ମ ହୋଇଥିବା ବ୍ୟକ୍ତିର ମୃତ୍ୟୁ ନିଶ୍ଚିତ ଓ ମୃତ ବ୍ୟକ୍ତିର ଜନ୍ମ ନିଶ୍ଚିତ, ତାହେଲେ ଏହି ଜନ୍ମ ମୃତ୍ୟୁକୁ ଏଡ଼ିବାର ଉପାୟ ନଥିବାରୁ ଏହାପାଇଁ ଶୋକ କରିବା ଉଚିତ ନୁହେଁ ।

ଜୀବନ ଓ ମୃତ୍ୟୁ ସାଧାରଣ ମନୁଷ୍ୟ ପାଇଁ ଏକ ବଡ଼ ସମସ୍ୟା ଅଟେ । ମାନବ ଯେତେବେଳେ ଜନ୍ମମୃତ୍ୟୁ କଥା ଚିନ୍ତା କରେ ତାହାର ଚିନ୍ତାଧାରା ହଠାତ୍ ସଂକୁଚିତ ହୋଇଯାଏ । ତାହାର କୌଣସି ଥଳକୂଳ ପାଏ ନାହିଁ । ପର ମୁହୂର୍ତ୍ତରେ ସେ ଏହାର ରହସ୍ୟ ଜାଣିବାପାଇଁ ଗଭୀର ଚିନ୍ତାକରେ । ଏହି ସମସ୍ୟାକୁ ସମାଧାନ କରିବା ନିମନ୍ତେ ବେଦ ଉପନିଷଦ୍ ଗୀତା ଭାଗବତ ଇତ୍ୟାଦି ଶାସ୍ତ୍ର ଅଭିପ୍ରେତ । ଗୀତାର କଥନ ଅନୁସାରେ ପଦାର୍ଥ ଓ ତାହାର ରୂପ-ରଙ୍ଗ ପରିବର୍ତ୍ତନଶୀଳ ଅଟେ। ଏହି ପରିବର୍ତ୍ତନ ଅନାଦିକାଳରୁ ଲାଗିରହିଛି। ଯଦି ପଦାର୍ଥ ଅପରିବର୍ତ୍ତନଶୀଳ ହୋଇଯାଏ ତେବେ ସୃଷ୍ଟିର କ୍ରମବିକାଶ ବନ୍ଦ ହୋଇଯିବ । ବ୍ରହ୍ମାଣ୍ଡର ସକଳବସ୍ତୁ ସ୍ଥିର ହୋଇଯିବ । ପରମାଣୁ ସକଳର ବିଘଟନ ସମାପ୍ତ ହୋଇଯିବ । ପଦାର୍ଥର ପରିବର୍ତ୍ତନଶୀଳତାହିଁ ପରମାଣୁ ସକଳର ଗତିଶୀଳତା ଅଟେ ଏବଂ ଏହାକୁ ପ୍ରକୃତିର କ୍ରମବିକାଶ ମଧ୍ୟ କୁହାଯାଏ ।

ପ୍ରକୃତିର କ୍ରମବିକାଶ ଦ୍ୱାରା ହିଁ ଜଗତରେ ଭିନ୍ନ-ଭିନ୍ନ ବସ୍ତୁ ତଥା ଜୀବମାନଙ୍କର ଜନ୍ମ ହୁଏ । ଏହି କ୍ରମବିକାଶ ମଧ୍ୟରେ ବସ୍ତୁ ତଥା ଜୀବସକଳର ବିନାଶ ହୁଏ । ଯାହାକୁ ଆମେ ମୃତ୍ୟୁ କହୁଁ । ସୁତରାଂ ପ୍ରକୃତିର କ୍ରମବିକାଶ ମଧ୍ୟରେ ଜୀବନ ଓ ମୃତ୍ୟୁ ଗୋଟିଏ କ୍ରିୟାର ହିଁ ଦୁଇଟି ପକ୍ଷ ଅଟନ୍ତି । ଯୋଗୀମାନେ କହନ୍ତି ବାସ୍ତବରେ ଜନ୍ମ ନାହିଁ କି ମୃତ୍ୟୁ ନାହିଁ ବରଂ ଅଜ୍ଞାନବଶତଃ ଯେଉଁ ପଦାର୍ଥ ଆମକୁ ଦେଖାଯାଏ ତାକୁ ଜନ୍ମ ବୋଲି ଆମେ କହୁ ଏବଂ ଯେଉଁ ପଦାର୍ଥ ଆମରି ଆଖିରୁ ଲୁପ୍ତ ହୋଇଯାଏ, ତାକୁ ମୃତ୍ୟୁ ବୋଲି କହୁଁ । ଏହି ଭ୍ରମର କାରଣ ହେଉଛି ଯେ ମନୁଷ୍ୟ ଜନ୍ମର ପୂର୍ବରୁ ଓ ମୃତ୍ୟୁର ପରେ ଜୀବର ଅବସ୍ଥା ବିଷୟରେ ଅନଭିଜ୍ଞ ଅଟେ । ଯଦି ସେ ଏହି ଅବସ୍ଥାକୁ ଜାଣି ନେବ ତେବେ 'ଜୀବନ ଓ ମୃତ୍ୟୁ' ଗୋଟିଏ କ୍ରିୟାର ହିଁ ଦୁଇଟି ରୂପ ଅଥବା ପ୍ରକୃତିର ଉତ୍ତରୋତ୍ତର କ୍ରମବିକାଶ ବୋଲି ହିଁ ପ୍ରତୀତ ହେବ । ମନୁଷ୍ୟର ଜନ୍ମ କୌଣସି ପୂର୍ବ ଅବସ୍ଥାର ମୃତ୍ୟୁ ଅଟେ ଏବଂ ତାହାର ମୃତ୍ୟୁ କୌଣସି ଆଗାମୀ ଅବସ୍ଥାର ଜନ୍ମ ଅଟେ, କାରଣ ମୃତ୍ୟୁର ପରେ ମନୁଷ୍ୟ ସୂକ୍ଷ୍ମରୂପରେ ପରିବର୍ତ୍ତିତ ହୋଇଯାଏ ଏବଂ ସୂକ୍ଷ୍ମରୂପ ସମାପ୍ତ ହେବା ପରେ ସେ ପୁଣି ସ୍ଥୂଳ ରୂପରେ ଆସିଯାଏ ଯାହାକୁ ଆମେ ଭୌତିକ ସଂସାର କହୁଁ । ଅନ୍ୟ ଶବ୍ଦରେ ଯାହା ଜନ୍ମ ଅଟେ ତାହାହିଁ ମୃତ୍ୟୁ ଅଟେ ଏବଂ ଯାହା ମୃତ୍ୟୁ ଅଟେ ତାହା ହିଁ ଜନ୍ମ ଅଟେ । ଏହି ଅନ୍ତର କେବଳ ପଦାର୍ଥର ଅବସ୍ଥାର ଫଳସ୍ୱରୂପ ହିଁ ପ୍ରତୀତ ହୁଏ । ଯେହେତୁ ପଦାର୍ଥର ତିନୋଟି ଅବସ୍ଥା ହୁଏ ଯଥା କଠିନ, ତରଳ ଓ ଗ୍ୟାସ । ବିଜ୍ଞାନ ଅନୁସାରେ ସେମାନେ ପରସ୍ପର ପରିବର୍ତ୍ତନୀୟ

ଅଟନ୍ତି । ପଦାର୍ଥର ଏହି ଅବସ୍ଥା ସକଳ ମନୁଷ୍ୟକୁ ଭ୍ରମରେ ପକାଇ ଦିଏ । ମନୁଷ୍ୟର ଏହି ଭ୍ରମ କେବଳ ମନର ଗଭୀର ଏକାଗ୍ରତା ଦ୍ୱାରାହିଁ ସମାପ୍ତ କରାଯାଇପାରେ ।

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥

ଯେପରି ଜୀବାତ୍ମାର ଏହି ଶରୀରରେ କୁମାର, ଯୁବା ଓ ବୃଦ୍ଧାବସ୍ଥା ହୁଏ ସେହିପରି ତାହାର ଅନ୍ୟ ଶରୀର କ୍ରମ ସମାପ୍ତି ହୁଏ । ଧୀର ପୁରୁଷ ସେହି ବିଷୟରେ ମୋହିତ ହୁଏ ନାହିଁ । ଏହି କଥନର ତାତ୍ପର୍ଯ୍ୟ ଏହା ଅଟେ ଯେ ଜନ୍ମଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟର ଶରୀର ଯେଉଁ ଅବସ୍ଥା ସକଳ ଅଥବା ଘଟଣା-କ୍ରମ ମଧ୍ୟ ଦେଇ ଗତି କରେ ସେଥିରେ ପ୍ରତ୍ୟେକ ପଛ ଅବସ୍ଥା ଆଗ ଅବସ୍ଥା ପାଇଁ ମୃତ୍ୟୁଭଳି ଅଟେ, କାରଣ ତାକୁ ପୁଣି ଫେରାଇ ଅଣାଯାଇ ପାରେ ନାହିଁ । ମୃତ୍ୟୁ ସମୟ ଉପନୀତ ହେଲେ ମନୁଷ୍ୟ ସ୍ଥୂଳଶରୀରକୁ ତ୍ୟାଗ କରେ । ସେହି ଶରୀରର କୁମାର ଯୁବା ତଥା ଅନ୍ୟ ଅନେକ ଅବସ୍ଥାଭଳି ସ୍ୱାଭାବିକ ରୂପରେ ହିଁ ସେ ଅନ୍ୟ ଅନେକ ଶରୀରକୁ ପ୍ରାପ୍ତ କରେ । ଅନ୍ୟ ଶବ୍ଦରେ ପରିବର୍ତ୍ତନଶୀଳ ବସ୍ତୁ ପରି ଶରୀର ପରିବର୍ତ୍ତନ ମଧ୍ୟ ହୋଇଥାଏ । ମନୁଷ୍ୟର ତାଳବଦ୍ଧ ରୂପ ଦ୍ୱାରା କ୍ରମଶଃ ବିକାଶ ହୁଏ, ଯେଉଁଥିରେ ସେ ବାଳକ, କୁମାର, ଯୁବା ତଥା ବୃଦ୍ଧ ଆଦି ବହୁ ଅବସ୍ଥା ମଧ୍ୟଦେଇ ଜୀବନ ନିର୍ବାହ କରେ ।

ମନୁଷ୍ୟର ମୃତ୍ୟୁ ଅବସ୍ଥାକୁ 'ମହାସମାଧି' ମଧ୍ୟ କୁହାଯାଏ; କାରଣ ସେହି ଅବସ୍ଥାରେ ମଧ୍ୟ ଦେଶ ଓ କାଳର ଅସ୍ତିତ୍ୱ ସମାପ୍ତ ହୋଇଯାଏ । ଏହି କ୍ରିୟାର ଫଳସ୍ୱରୂପ ମନୁଷ୍ୟର ରୂପ ପରିବର୍ତ୍ତନ ହୋଇ ସ୍ଥୂଳ ଶରୀରରୁ ସୂକ୍ଷ୍ମ ଶରୀରରେ ବଦଳିଯାଏ । ବୈଜ୍ଞାନିକ ନିୟମ ଅନୁସାରେ ପଦାର୍ଥ କଠିନ, ତରଳ ଓ ଗ୍ୟାସ ରୂପରେ ପରିବର୍ତ୍ତିତ ହୋଇଚାଲେ; କିନ୍ତୁ ତାହାର ଅସ୍ତିତ୍ୱ କୌଣସି ନା କୌଣସି ରୂପରେ ସର୍ବଦା ବିଦ୍ୟମାନ ରହେ । ଯେତେବେଳେ ମନୁଷ୍ୟର ମୃତ୍ୟୁର କ୍ରିୟା ଆରମ୍ଭ ହୋଇଯାଏ, ସେତେବେଳେ ଶରୀରସ୍ଥ ଅସଂଖ୍ୟ ପରମାଣୁ-ଜୀବ-କୋଷ, ଯାହାକି ଜୀବନ-କାଳ ମଧ୍ୟରେ ଏକ କେନ୍ଦ୍ରିୟ ଶକ୍ତି 'ମନ' ଦ୍ୱାରା ସଂଗଠିତ ରୂପରେ କାର୍ଯ୍ୟ କରିଆସୁଥିଲେ, ସେମାନଙ୍କ ମଧ୍ୟରେ ବିଘଟନ ଆରମ୍ଭ ହୋଇଯାଏ । ଶରୀରର କୋଷ ଗୁଡ଼ିକ ଦ୍ୱାରା ଚେତନ ଶକ୍ତି ଟାଣି ହୋଇ ଉଠେ, ଯାହାର ଫଳ ସ୍ୱରୂପ ସ୍ଥୂଳ ଶରୀର ରୂପୀ ଖୋଳ ନିଷ୍ପ୍ରାଣ ହୋଇଯାଏ । ସୂକ୍ଷ୍ମ ଶରୀର ଅତ୍ୟନ୍ତ ସକ୍ରିୟ ହୋଇଉଠେ, ସୁପ୍ତ ବାସନା ସକଳ ଅତ୍ୟଧିକ ପ୍ରବଳ ହୋଇ ଉଠନ୍ତି, ଜୀବାତ୍ମା ପବନ ଭଳି ହାଲୁକା ଅନୁଭବ କରିବାକୁ ଲାଗେ । ମୃତ୍ୟୁ ସମୟରେ ସୂକ୍ଷ୍ମଶରୀର ଚକମକ ବାଷ୍ପର ବାଦଲ ଭଳି ସ୍ଥୂଳ ଶରୀରରୁ ପୃଥକ୍ ହେବାକୁ ଲାଗେ । ପ୍ରଥମେ ଉଭୟଶରୀର (ସ୍ଥୂଳ ଓ ସୂକ୍ଷ୍ମ) ଏକ ପତଳା ଚକମକ ଫିତା ଦ୍ୱାରା ଯୁକ୍ତ ହୋଇଥାନ୍ତି, ଯାହା କ୍ରମଶଃ ସୂକ୍ଷ୍ମ ହୋଇ ଅଦୃଶ୍ୟ ହୋଇଯାଏ । ଏହିପରି ମୃତ୍ୟୁର କାର୍ଯ୍ୟ ପୂର୍ଣ୍ଣ ହୋଇଯାଏ ।

ଯେଉଁ ସମୟରେ ଜୀବାତ୍ମା ସୂକ୍ଷ୍ମ ଶରୀର ମଧ୍ୟରେ ପ୍ରୟାଣ କରେ ସେହି ସମୟରେ ବାଲ୍ୟକାଳରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମନୁଷ୍ୟର ସଂପୂର୍ଣ୍ଣ ଜୀବନ ତୀବ୍ର ଗତିରେ ଚଳଚିତ୍ର ଭଳି ଗୋଟି ଗୋଟି ହୋଇ ତାହା ସମ୍ମୁଖରେ ଗତିକରେ । ଏହି ଅବସ୍ଥାରେ ହିଁ ଜୀବାତ୍ମା ନିଜର ସଂପୂର୍ଣ୍ଣ ଜୀବନ, ଗୁଣ, ଦୋଷ ତଥା ଚରିତ୍ରର ମୂଲ୍ୟାଙ୍କନ କରେ । ଯୋଗୀମାନେ କହନ୍ତି ଯେ ଅନ୍ତକାଳରେ ଜୀବାତ୍ମାକୁ ଶାନ୍ତିପୂର୍ବକ ପ୍ରୟାଣ କରିବାକୁ ଦେବା ଉଚିତ୍ । ମୋହବଶ ତାହା ଆଖପାଖରେ କୌଣସି ପ୍ରକାରେ କୋଳାହଳ, ଉଦ୍‌ବେଗ ଅଥବା ଶୋକ ପ୍ରକଟ କରିବା ଉଚିତ୍ ନୁହେଁ, କାରଣ ଏହା ଦ୍ୱାରା ଜୀବାତ୍ମାର ବିକାଶରେ ବାଧା ପହଞ୍ଚେ । ଜୀବାତ୍ମା ଶରୀରରୁ ପୃଥକ୍ ହେବାପରେ ଏକ ଅର୍ଦ୍ଧଚେତନ ଅବସ୍ଥାକୁ ପ୍ରାପ୍ତ ହୁଏ । ଏହିଠାରେ ମନେ ରଖିବା ଉଚିତ ଯେ ଯେଉଁମାନେ ଜୀବନସାରା ଭଗବତ୍ ଚିନ୍ତାରେ ମନ ନିବେଶ କରିଥିବେ, ଈଶ୍ୱରଙ୍କ ନାମ ଭଜନ

କୀର୍ତ୍ତନ କରୁଥିବେ ଓ ଆଚରଣ ଠିକ୍ ରଖିଥିବେ, ସେହିମାନେ କେବଳ ଏହି ଅର୍ଦ୍ଧଚେତନା ଅବସ୍ଥାରେ ନିର୍ମଳ ଶାନ୍ତି ଅନୁଭବ କରିପାରିବେ । ଯଦି ସେଥିରେ ସକ୍ରିୟ ରୂପରେ ଭାଗ ନେବାର ଅସମର୍ଥ ହୁଅନ୍ତି ତେବେ ସେମାନଙ୍କ ମଧ୍ୟରେ ବିଷାଦ ଓ ଅଶାନ୍ତି ଉଦ୍‌ବିଗ୍ନତା ଉତ୍ପନ୍ନ ହେବ ।

ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

ଯଂ ଯଂ ବାପିସ୍ମରନ୍ ଭାବଂତ୍ୟଜତ୍ୟନ୍ତେ କଳେବରମ୍ ।
ତଂ ତମେବୈତି କୌନ୍ତେୟ ସଦା ତଦ୍ ଭାବଭାବିତଃ ।

ଆୟୁଶେଷ ହୋଇ ମରଣ ଆସୁଥିବା କାଳ ଗୋଟିଏ ସନ୍ଧିସମୟ । ଏହି ସମୟରେ ମନରେ ଯେଉଁ ପ୍ରବୃତ୍ତି ଜାଗ୍ରତ ହୁଏ ପର ଜନ୍ମରେ ସେହି ଅବସ୍ଥା ପ୍ରାପ୍ତ ହୁଏ । ସେତେବେଳେ ହୃଦୟରେ ଦେବତାଙ୍କୁ ଭାବନା କଲେ, ଦେବ ଲୋକ ପ୍ରାପ୍ତ ହୁଏ । ପରମାତ୍ମାଙ୍କୁ ଚିନ୍ତାକଲେ ମୋକ୍ଷଲାଭ ହୁଏ । ବିଷୟଚିନ୍ତା କଲେ ବିଷୟରେ ଆବଦ୍ଧ ହୁଏ । ତେଣୁ ସର୍ବଦା ପରମାତ୍ମା ଚିନ୍ତା କରୁଥିଲେ ଅନ୍ତିମ ସମୟକୁ ଅଭ୍ୟାସବଶତଃ ସ୍ୱତଃ ମନ ପରମାତ୍ମା ଅଭିମୁଖୀ ହୋଇଯିବ । ଯେପରି ନୂଆ ଜନ୍ମ କରିଥିବା ଗାଈ ଘାସ ଖାଉଥିଲେ ମଧ୍ୟ ତାର ଚିତ୍ତ ସର୍ବଦା ବାଛୁରୀଠାରେ ଥାଏ, ସେହିପରି ଚିତ୍ତ ଭଗବାନଙ୍କଠାରେ ରଖି, ସଂସାର କାର୍ଯ୍ୟ କରିବା ଉଚିତ୍ ।

✪✪✪

ଠିକବେଳ ଆସି ହେଲାରେ ଭାଇ ।
ଠକ ନୀତି ଆଉ ଚଳିବ ନାହିଁ ।।

ଠକ ଠକ କରି ମାଳା ଗଡ଼ାଉ ।
ମିଠାକଥା କହି କେତେ ତୁ ଖାଉ ।।

ନୀତି ଜଙ୍ଗଲରେ ଭାବ ଅମଖ ।
ଗତି ପଥ ଠିକ୍ ସାଇତି ରଖ ।।

ସମନ ଜାରି ହେଲା ଜରୁରୀ ।
ନୀତି ନମାନିଲେ ଯାଅ ବାହାରି ।।

# ଶରଣାଗତି ରହସ୍ୟ

ଓଁ

''କଳୌ ତୁ କେଶବ କୀର୍ତ୍ତନାତ୍''

କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ ।

✻✻✻

ଏକଂ ଶାସ୍ତ୍ରଂ ଦେବକୀ ପୁତ୍ର ଗୀତମ୍ ।

ଏକୋ ଦେବଃ ଦେବକୀପୁତ୍ର ଏବ ।

ଏକୋ ମନ୍ତ୍ରଃ ତସ୍ୟ ନାମାନି ଯାନି ।

କର୍ମାପି ଏକଂ ତସ୍ୟ ଦେବସ୍ୟ ସେବା ॥

✻✻✻

ଗୀତା ସୁଗୀତା କର୍ତ୍ତବ୍ୟା କିଂ ଅନ୍ୟୈଃ ଶାସ୍ତ୍ରବିସ୍ତରୈଃ ।

ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ୍ୟପଦ୍ମାଦ୍ ବିନିଃସୃତମ୍ ॥

''ବିଶ୍ୱ ସୃଷ୍ଟିର ପ୍ରାରମ୍ଭରୁ ଯେତେ ଶାସ୍ତ୍ର ରଚିତ ହୋଇଛି, ସେସବୁ ଅସଂଖ୍ୟ ରଚନାମଧ୍ୟରେ ସର୍ବଶ୍ରେଷ୍ଠ କୃତି କିଏ'' ବୋଲି ଜାଣିବାପାଇଁ ଥରେ ବିଶ୍ୱର ମନୀଷୀ, ଋଷି, ମହାପୁରୁଷ ସିଦ୍ଧସାଧକ ଜ୍ଞାନୀ, ଗୁଣୀମାନଙ୍କର ଜିଜ୍ଞାସା ହେଲା । ଫଳରେ ଚିନ୍ତାଶୀଳ ଜନମାନସର ମତସଂଗ୍ରହ କରାଗଲା । ସେହି ମତଗଣନାର ଫଳରୁ ବିଶ୍ୱର ୧୦ଟି ସର୍ବଶ୍ରେଷ୍ଠ ରଚନାର ନାମ ଜଣାପଡ଼ିଲା । ଉକ୍ତ ଦଶଟି ମଧ୍ୟରୁ ଯେଉଁଗ୍ରନ୍ଥ ସର୍ବୋତ୍ତମ ବିଶ୍ୱଜନକଲ୍ୟାଣକାରୀ, ତାହାର ନିର୍ବାଚନପାଇଁ ଆଉ ଏକ ବିଦ୍ୱାନ୍‌ମଣ୍ଡଳୀ ଗଭୀର ଅନୁଶୀଳନକରି ଗୋଟିଏ ମତରେ ସର୍ବସମ୍ମତି-କ୍ରମେ ଉପନୀତ ହେଲେ । ସେହି ଗ୍ରନ୍ଥଟିକୁ ଆଜିପର୍ଯ୍ୟନ୍ତ ବିଶ୍ୱ ବୃହତ୍ତମ ପୁସ୍ତକାଗାରର ସ୍ୱର୍ଣ୍ଣପେଟିକାରେ ରଖାଯାଇଛି ।

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍‌ଜୀ ଯେତେବେଳେ ପ୍ରଥମ ଆମେରିକା ଗସ୍ତରେ ଗଲେ, ତଦାନୀନ୍ତନ ଆମେରିକାର ରାଷ୍ଟ୍ରପତି ଜନ୍ କେନେଡ଼ି ତାଙ୍କୁ ଦିନେ ପଚାରିଥିଲେ— ''ଆପଣଙ୍କୁ ପୃଥିବୀର ଜଣେ ସର୍ବଶ୍ରେଷ୍ଠ ପାଠକ ବୋଲି ଗଣନା କରାଯାଏ । ଆପଣଙ୍କ ରଚିତ Discovery of India ଯେ ପଢ଼ିଛନ୍ତି, ସେ ଏଥିରେ ଏକମତ ହେବେ । ତେବେ କୁହନ୍ତୁ ତ ପଣ୍ଡିତଜୀ, ପୃଥିବୀର ସର୍ବଶ୍ରେଷ୍ଠ ରଚନା କ'ଣ ?'' ପଣ୍ଡିତଜୀ କିଛିକ୍ଷଣ ଚିନ୍ତାକରି କହିଲେ—''ବେଦ କିମ୍ବା ବାଇବେଲ ହୋଇପାରେ'' ।

ପଣ୍ଡିତଜୀ ଭାବିଲେ- ପାଶ୍ଚାତ୍ୟଦେଶର ମତରେ ବାଇବେଲ୍‌କୁ ଶ୍ରେଷ୍ଠ ସମ୍ମାନ ଦିଆଯାଇଥିବ । ରାଷ୍ଟ୍ରପତି ଟିକିଏ ହସି କହିଲେ— ''ଆସନ୍ତୁ, ତାହାର ନିର୍ଣ୍ଣୟ ଆମ ପାଠାଗାରରେ କିପରି ହୋଇଛି ସ୍ୱଚକ୍ଷୁରେ ଦେଖିବେ ।'' ରାଷ୍ଟ୍ରପତି ପଣ୍ଡିତଜୀଙ୍କୁ ସାଥିରେ ନେଇ ସଂଗ୍ରହାଳୟର କେନ୍ଦ୍ରସ୍ଥଳରେ ଥିବା ଗୋଟିଏ ଆଲମିରାକୁ ପଣ୍ଡିତଜୀଙ୍କ ଦୃଷ୍ଟି ଆକର୍ଷଣ କଲେ । ସେ ଆଲମିରାର ଶିରୋଭାଗରେ ଲେଖାଥାଏ- "The greatest Book on Earth" ଲାଇବ୍ରେରୀଆନ୍ ଗୋଟିଏ ସ୍ୱର୍ଣ୍ଣନିର୍ମିତ ଚାବିକାଠି ଆଣି ପଣ୍ଡିତଜୀଙ୍କୁ ଦେଲେ । ରାଷ୍ଟ୍ରପତି ଅନୁରୋଧ କରି କହିଲେ - ''ଏହି ଆଲମିରାର ଅଭ୍ୟନ୍ତରରେ ଏକ ସ୍ୱର୍ଣ୍ଣପେଟିକାରେ ଉକ୍ତ ସର୍ବଶ୍ରେଷ୍ଠ ଗ୍ରନ୍ଥ ସଂରକ୍ଷିତ ଅଛି । ଏହି ସ୍ୱର୍ଣ୍ଣଚାବି କାଠିରେ ତାହାକୁ ଉନ୍ମୋଚନ କଲେ ଦେଖିବେ

କେଉଁ ଗ୍ରନ୍ଥ ସେଥିରେ ସଂରକ୍ଷିତ'' । ପଣ୍ଡିତଜୀ କୌତୂହଳବଶତଃ ସେ ସ୍ୱର୍ଣ୍ଣପେଟିକାକୁ ଉନ୍ମୋଚନ କରି ଦେଖିଲେ ଗ୍ରନ୍ଥଟିର ନାମ— ''ଶ୍ରୀମଦ୍‌ଭଗବତ୍‌ଗୀତା''

ଏପରି ପ୍ରସଙ୍ଗ ଉତ୍ଥାପନର ପ୍ରାସଙ୍ଗିକତା ହେଲା କେବଳ ଭାରତବର୍ଷରେ ବା ପ୍ରାଚ୍ୟଭୂଖଣ୍ଡରେ ନୁହେଁ, ପୃଥିବୀରେ ସମଗ୍ରମାନବ ଜାତିପାଇଁ ଦିଆଯାଇଥିବା ସର୍ବଶ୍ରେଷ୍ଠ ଉପଦେଶ ଗୀତାରେ ପ୍ରଦତ୍ତ । ଶ୍ରୁତି ବା ବେଦ ସୃଷ୍ଟିର ପ୍ରଥମ ଅପୌରୁଷେୟ ଗ୍ରନ୍ଥ । ସମଗ୍ରମାନବ ଜାତିପାଇଁ ତାହା ଭଗବାନଙ୍କର ସ୍ୱମୁଖନିଃସୃତ ବାଣୀ ସମଷ୍ଟି । ବେଦର ସାରାଂଶ ' ହେଲା- ତାହାର ଅନ୍ତଭାଗରେ ଥିବା ବେଦାନ୍ତ ବା ଉପନିଷଦ୍ ଭାଗ ।'' ଅସଂଖ୍ୟ ଉପନିଷଦ୍‌ର ସାର ସଂକ୍ଷେପ ହେଲା ଗୀତା । ବେଦର ଉପନିଷଦ୍‌ମାନଙ୍କୁ ଯଦି ଗୋମାତା ବୋଲି ଧରାଯାଏ, ତେବେ ତାହାର ସାରପ୍ରସବିତ ଅମୃତ ଧାରା ଅଟେ ଗୀତାମୃତ ।

''ସର୍ବୋପନିଷଦଃ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ ।
ପାର୍ଥଃ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍'' ॥

ଏଣୁ ବେଦର ସାର ଗୀତା । ଅଷ୍ଟାଦଶାଧ୍ୟାୟୀ ଗୀତାର ସାର ତାର ଅଷ୍ଟାଦଶ ଅଧ୍ୟାୟ ଓ ଏହାର ସାର ତଦନ୍ତର୍ଗତ ୬୬ତମ ଶ୍ଳୋକ ଅର୍ଥାତ୍:-

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାଂ ଏକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋଃ ମୋକ୍ଷୟିଷ୍ୟାମି, ମା ଶୁଚଃ ॥

ଏହି ବାଣୀଟିକୁ ସ୍ୱୟଂ ଭଗବାନ୍ ''ସର୍ବଗୁହ୍ୟତମଂ ବଚଃ'' ବୋଲି ପ୍ରାଧାନ୍ୟ ଦେଇ କହିଛନ୍ତି—

''ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ
ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥''

ଅର୍ଥାତ୍ ସର୍ବଶ୍ରେଷ୍ଠ ଗୋପନୀୟ ବଚନ ଶୁଣ । ଯେହେତୁ ତୁମେ ମୋର ଅତ୍ୟନ୍ତପ୍ରିୟ, ତେଣୁ ସବୁଠାରୁ ତୁମପାଇଁ ହିତକଥା କହୁଛି । ଈଶ୍ୱର ସର୍ବଭୂତର ହୃଦୟରେ ରହନ୍ତି (ଈଶ୍ୱରଃ ସର୍ବଭୂତାନାଂ ହୃଦ୍‌ଦେଶେ ତିଷ୍ଠତି) । ସେହି ଈଶ୍ୱରଙ୍କଠାରେ ସର୍ବତୋଭାବରେ ଶରଣ ପଶ । ତାଙ୍କରି କୃପାରୁ ତୁମେ ପରମଶାନ୍ତି, ଚିରନ୍ତନ ଆନନ୍ଦମୟ ଧାମ ପାଇବ । (ତ୍ୱମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ । ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍)

ତେଣୁ ଭଗବାନ୍ ସ୍ୱୟଂ ''ଶରଣାଗତି''କୁ ଭଗବତ୍‌ପ୍ରାପ୍ତିର ସର୍ବଶ୍ରେଷ୍ଠ ମାର୍ଗ ତଥା ଗୁପ୍ତତମ ପନ୍ଥା ବୋଲି କହି ଅନ୍ୟମାର୍ଗଠାରୁ ଏହାର ବୈଶିଷ୍ଟ୍ୟ ପ୍ରଦାନ କରିଛନ୍ତି । ଦ୍ୱାଦଶ ଅଧ୍ୟାୟର ଦ୍ୱାଦଶ ଶ୍ଳୋକରେ କର୍ମଯୋଗ ଠାରୁ ଅଭ୍ୟାସଯୋଗ, ଅଭ୍ୟାସ ଯୋଗଠାରୁ ଜ୍ଞାନଯୋଗ ଶ୍ରେଷ୍ଠ, ଜ୍ଞାନଯୋଗଠାରୁ ଧ୍ୟାନଯୋଗ ଶ୍ରେଷ୍ଠ, ଧ୍ୟାନଠାରୁ କର୍ମଫଳତ୍ୟାଗ ପ୍ରଭୃତି ଶ୍ରେଷ୍ଠ କହିସାରିଲାପରେ ଭକ୍ତିଯୋଗ ଶ୍ରେଷ୍ଠ ଅଟେ ବୋଲି ସିଦ୍ଧାନ୍ତ ଦେଇଛନ୍ତି । ନବଧାଭକ୍ତିଯୋଗ ମଧ୍ୟରୁ 'ସର୍ବସ୍ୱ ସମର୍ପଣ' ରୂପି 'ଆତ୍ମନିବେଦନ' ଶ୍ରେଷ୍ଠ । ଭକ୍ତରାଜ ନାରଦଙ୍କ ଭକ୍ତି ସୂତ୍ରର ୮୧ତମ ସୂତ୍ରରେ କୁହାଯାଇଛି :

''ତ୍ରିସତ୍ୟସ୍ୟ ଭକ୍ତିରେବ ଗରୀୟସୀ, ଭକ୍ତିରେବ ଗରୀୟସୀ, ଭକ୍ତିରେବ ଗରୀୟସୀ ।''

ଏହି ବାକ୍ୟକୁ ପୁଷ୍ଟକରିବାପାଇଁ ପୁଣି କହିଛନ୍ତି—

''ସର୍ବୋପାୟାନ୍ ପରିତ୍ୟଜ୍ୟ ଭକ୍ତିଂ ଆଶ୍ରୟ । ଭକ୍ତିନିଷ୍ଠୋ ଭବ, ଭକ୍ତିନିଷ୍ଠୋ ଭବ ॥
ଭକ୍ତ୍ୟା ସର୍ବ ସିଦ୍ଧୟଃ ସିଦ୍ଧ୍ୟନ୍ତି, ଭକ୍ତ୍ୟା ଅସାଧ୍ୟଂ ନ କିଞ୍ଚିତ୍ ଅସ୍ତି ॥''

ଭଗବାନ କହିଛନ୍ତି— ଭକ୍ତିମାର୍ଗର ବିଭିନ୍ନ ଭେଦ ଯଥା ବୈଧୀ ରାଗାନୁଗା, ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ମାଧୁର୍ଯ୍ୟାଦି ପ୍ରଭୃତି ଯଦି ଅସମର୍ଥ, ତେବେ କେବଳ ମୋର ଶରଣାଗତ ହୋଇଯାଅ ।

ସ୍ୱୟଂ ଭଗବାନ୍ ବିଭିନ୍ନ ଅଧ୍ୟାୟରେ ବିଚ୍ଛୁରିତ ଭକ୍ତିର ଶ୍ରେଷ୍ଠତା ପ୍ରତିପାଦକ ଶ୍ଳୋକମାନଙ୍କ ମଧ୍ୟରୁ ବିଶେଷତଃ ଜ୍ଞାନଠାରୁ ଭକ୍ତିର ଶ୍ରେଷ୍ଠତାର କାରଣ ମଧ୍ୟ ଦର୍ଶାଇଛନ୍ତି । ଜ୍ଞାନମାର୍ଗଦ୍ୱାରା ଭଗବାନଙ୍କ ସମ୍ବନ୍ଧୀୟ ସକଳ ତତ୍ତ୍ୱଜ୍ଞାନ ସମ୍ଭବ ହୁଏ । କିନ୍ତୁ ଭକ୍ତିଦ୍ୱାରା ସେ ଜ୍ଞାନ ସହିତ ସାକ୍ଷାତ୍ ସ୍ୱରୂପଦର୍ଶନ, ତଦାକାର । କାରିତତ୍ତ୍ୱ ଅର୍ଥାତ୍ ତଲ୍ଲୀନତା ତନ୍ମୟତା ସମ୍ଭବ । ଗୀତାର ନିମ୍ନୋକ୍ତ ଶ୍ଳୋକ ଦ୍ରଷ୍ଟବ୍ୟଃ । ବିଶ୍ୱରୂପ ଦର୍ଶନ ପ୍ରସଙ୍ଗରେ ଭଗବାନ୍ କହିଛନ୍ତି—

''ନାହଂ ବେଦୈଃ ନ ତପସା ନ ଦାନେନ ନ ଚ ଇଜ୍ୟୟା
ଶକ୍ୟ ଏବଂ ବିଧଃ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ।'' ୧୧।୫୩

ଅର୍ଥାତ୍- ''ଯେଉଁପ୍ରକାର ମୋର ସ୍ୱରୂପ ଦର୍ଶନ କଲୁ (ବିଶ୍ୱରୂପ ତଥା ଶଙ୍ଖ ଚକ୍ରଗଦା ପଦ୍ମଧାରୀ ଚତୁର୍ଭୁଜ ରୂପ), ତାହା ବେଦାଦି ତତ୍ତ୍ୱଜ୍ଞାନ, କୌଣସି ପ୍ରକାର ତପସ୍ୟା, ଦାନଧ୍ୟାନ କିମ୍ବା ଯଜ୍ଞାଦି କ୍ରିୟା ଦ୍ୱାରା ସମ୍ଭବ ନୁହେଁ ।'' ଜ୍ଞାନରୁ ତତ୍ତ୍ୱଜ୍ଞାନ ହୋଇପାରେ କିନ୍ତୁ ଭଗବତ୍ ସ୍ୱରୂପ ଦର୍ଶନ ସମ୍ଭବ ନୁହେଁ । କେବଳ ଅନନ୍ୟା ଭକ୍ତିଦ୍ୱାରା ତାହା ସମ୍ଭବ । ପରବର୍ତ୍ତୀ ଶ୍ଳୋକରେ ପରିଷ୍କାର ଭାବରେ କୁହାଯାଇଛି । କେବଳ ଅନନ୍ୟା ଭକ୍ତି ଦ୍ୱାରା ଅର୍ଥାତ୍ ଜ୍ଞାନମିଶ୍ରା ବା ଯୋଗମିଶ୍ରା, ସାଧନାମିଶ୍ରା ଦ୍ୱାରା ନୁହେଁ ।

''ଭକ୍ତ୍ୟା ତୁ ଅନନ୍ୟୟା ଶକ୍ୟ ଅହଂ ଏବମ୍ବିଧଃ ଅର୍ଜ୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।''

ହେ ଶତ୍ରୁତାପନ ଅର୍ଜ୍ଜୁନ । ମୋର ସାକ୍ଷାତ୍ ଦର୍ଶନ କେବଳ ଅବିମିଶ୍ରା ଅନନ୍ୟା ଭକ୍ତିଦ୍ୱାରା ସମ୍ଭବ । ଅନନ୍ୟା ଭକ୍ତିଦ୍ୱାରା ମୋତେ ଜାଣିବୁ ଦେଖିବୁ, ମୋଠାରେ ତନ୍ମୟୀଭୂତ ହୋଇପାରିବୁ । ପରବର୍ତ୍ତୀ ଶ୍ଳୋକରେ ଭଗବାନଙ୍କୁ ପାଇବାର ସହଜ ଉପାୟ କହିବାକୁ ଯାଇ ସାରାଂଶ ରୂପେ ବ୍ୟକ୍ତ କରିଛନ୍ତି—

''ମନ୍ମନା ଭବ'' । ଯଦି କିଛି କରିବାକୁ ଚାହୁଁ, ମୋ ପାଇଁ କର । ''ମତ୍‌କର୍ମ କୃତ୍ ଭବ'' ''ମଦ୍‌ଭକ୍ତଃ ଭବ'' ।

ଶରଣାଗତି ଶ୍ଳୋକଟି ହେଲା—

''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ
ମାମ୍ ଏବ ଏଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।'' ଗୀତା ୧୮/୬୫

ଅର୍ଥାତ୍ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୁଅ, ମୋର ପୂଜା କର, ମୋତେ ନମସ୍କାର କର । ଏପରି କଲେ ତୁ ନିଶ୍ଚୟ ମୋତେ ପାଇବୁ, ସତ୍ୟକରି କହୁଛି, କାରଣ ତୁ ମୋର ପ୍ରିୟଜନ । ଶରଣାଗତି କଥା ରାମାୟଣରେ ପ୍ରଭୁ ଶ୍ରୀରାମଚନ୍ଦ୍ର ବିଭୀଷଣର ଶରଣାଗତ ହେବାକାଳରେ କହିଛନ୍ତି—

''ସକୃତ୍ ଏବଂ ପ୍ରପନ୍ନାୟ ''ତାବାସ୍ମି'' ଇତି ଚ ଯାଚତେ ।
ଅଭୟଂ ସର୍ବଭୂତେଭ୍ୟଃ ଦଦାମି ଏତଦ୍ ବ୍ରତଂ ମମ ।'' —ବାଲ୍ମିକୀ ରାମାୟଣ-୬।୧୮।୩୩।।

ଅର୍ଥାତ୍- ଯେ ଥରେ ମାତ୍ର କହିଦିଏ 'ପ୍ରଭୁ' ! ମୁଁ ତୁମରି, ମୁଁ ତାହାକୁ ଅଭୟ ଦାନ କରେ । ଏହା ମୋର ଦୃଢ଼ବ୍ରତ ଅଟେ । ଶ୍ରୀମଦ୍‌ଭାଗବତରେ ଭକ୍ତକୁ ଭଗବାନ୍ କହିଛନ୍ତି—

''ନ ତଥା ମେ ପ୍ରିୟତମ ଆତ୍ମଯୋନିଃ ନ ଶଙ୍କରଃ
ନ ଚ ସଂକର୍ଷଣଃ ନ ଶ୍ରୀଃ ନୈବାତ୍ମା ଚ ଯଥା ଭବାନ୍'' ୧୧।୧୪।୧୫।।

ମୋର ଭକ୍ତମାନେ ଯେଉଁଠି ଭକ୍ତିରେ ମୋର ଗୁଣାବଳୀ ଗାନ କରନ୍ତି ମୁଁ ସେହିଠାରେ ବାସ କରେ ।

''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ
ମଦ୍‌ଭକ୍ତାଃ ଯତ୍ରଗାୟନ୍ତି ତତ୍ର ତିଷ୍ଠାମି ନାରଦ !''

ଏଣୁ ସିଦ୍ଧହେଲା ଯେ ଭଗବତ୍ ପ୍ରାପ୍ତିପାଇଁ ଏକମାତ୍ର ଭକ୍ତି ହିଁ ସର୍ବଶ୍ରେଷ୍ଠ ପନ୍ଥା । ତେଣୁ ନିଷ୍କର୍ଷ ହେଲା—

''ହରିଃ ସଦା ବସେତ୍ ତତ୍ର, ଯତ୍ର ଭାଗବତା ଜନାଃ ।
ଗାୟନ୍ତି ଭକ୍ତିଭାବେନ ହରେଃ ନାମୈବ କେବଳମ୍ ॥''          କୈବଲ୍ୟାଷ୍ଟକ-୫ମ ଶ୍ଳୋକଃ ।

ଭକ୍ତିକୁ କେହି କେହି ପଞ୍ଚଧା, ନବଧା, ଏକାଦଶଧା ଭାଗରେ ବିଭକ୍ତ କରିଥିବାରୁ ମନରେ ବେଳେ ବେଳେ ଶଙ୍କା ଉଠେ— ''କେଉଁ ପ୍ରକାର ଭକ୍ତିର ଆଶ୍ରୟ ସବୁଠାରୁ ସହଜତମ, ସରଳତମ, ଶ୍ରେଷ୍ଠତମ ଅଟେ ?'' ଏଥିପାଇଁ ଅର୍ଜୁନର ବ୍ୟାକୁଳ ପ୍ରଶ୍ନ- ''ବିଭିନ୍ନ ପ୍ରକାର ସାଧନୋପାୟ ଶୁଣି ମୁଁ ଠିକ୍ କରିପାରୁ ନାହିଁ, ମୋ ଭଳି ଶିଷ୍ୟ ପକ୍ଷରେ କେଉଁମାର୍ଗ ଶ୍ରେୟସ୍କର ।'' ଭଗବାନ୍ ଉତ୍ତର ଦେଲେ—

''କଚ୍ଚିଦ୍ ଏତଦ୍ଶ୍ରୁତଂ ପାର୍ଥ ! ତ୍ୱୟା ଏକାଗ୍ରେଣ ଚେତସା ?
କଚ୍ଚିଦ୍ ଅଜ୍ଞାନମୋହଃ ପ୍ରନଷ୍ଟଃ ତେ ଧନଞ୍ଜୟଃ ?''

ଅର୍ଥାତ୍- ''ମୁଁ ଯାହା କହିଗଲି, ସେସବୁକୁ ତୁ ଏକାଗ୍ର ଚିତ୍ତରେ ଶୁଣିଛୁ କି ? ତୋର ଅଜ୍ଞାନତା ମୋହ ନଷ୍ଟ ହେଲା କି ?''

ଗୀତାର ୨ୟ ଅଧ୍ୟାୟ ୭ମ ଶ୍ଳୋକରେ କହିଥିଲେ:—

''କାର୍ପଣ୍ୟ ଦୋଷୋପହତସ୍ୱଭାବଃ ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ ଚେତାଃ
ଯତ୍ ଶ୍ରେୟଃ ସ୍ୟାତ୍ ତତ୍ ନିଶ୍ଚିତଂ ବ୍ରୁହି ତଦ୍ ମେ ଶିଷ୍ୟଃ ତେ ଅହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍

ଅର୍ଥାତ୍— ମୁଁ କାପୁରୁଷତା ଦୋଷରେ ଦୁଷ୍ଟ ହୋଇଛି । କର୍ତ୍ତବ୍ୟ ବିଷୟରେ ମୁଁ ମୋହଗ୍ରସ୍ତ । ତେଣୁ ମୋ ଭଳି ଶିଷ୍ୟ ପକ୍ଷରେ ଯାହା ନିଶ୍ଚିତରୂପରେ ଶ୍ରେୟସ୍କର ତାହାହିଁ ମୋତେ କହନ୍ତୁ । କାରଣ ମୁଁ ପରା ତୁମର ଆଶ୍ରିତ ଶିଷ୍ୟଟିଏ ।

ଅର୍ଜୁନର ପ୍ରଶ୍ନ କେବଳ ତାର ବ୍ୟକ୍ତିଗତ କଥା ନୁହେଁ— ସମଗ୍ର ସନ୍ଦେହୀ, ସଂସାର ମୋହଗ୍ରସ୍ତ, ଧର୍ମାଧର୍ମ ବିଚାରଶୂନ୍ୟ, କ୍ଳୀବତ୍ୱ ପ୍ରାପ୍ତ ମାନବ ଜାତିର ଏ ବ୍ୟାକୁଳ ପ୍ରଶ୍ନର ଉତ୍ତର ଦେବାକୁ ପରମ କାରୁଣିକ ଭଗବାନ କହିଛନ୍ତି—

**''କିଛି ଯଦି କରି ନପାରୁଛୁ ମୋର ଶରଣ ପଶି ଯା— ସବୁ ପାପରୁ ମୁକ୍ତ କରିଦେବି ଚିନ୍ତା କରନା ।''**

## ଶରଣାଗତି ରହସ୍ୟ (୨ୟ ଭାଗ)

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚଃ ।

ଅର୍ଥାତ୍— ସମ୍ପୂର୍ଣ୍ଣ ଧର୍ମର ଆଶ୍ରୟ, ଧର୍ମନିର୍ଣ୍ଣାୟକ ବିଚାର ଛାଡ଼ିଦେଇ ଅର୍ଥାତ୍ କ'ଣ କର୍ତ୍ତବ୍ୟ, କ'ଣ ଅକର୍ତ୍ତବ୍ୟ ସବୁକଥା ଛାଡ଼ିଦେଇ କେବଳ ମୋର ଶରଣ ନେଇଯା ।

ଭଗବାନଙ୍କ ଶରଣାଗତ ହୋଇଯିବା ସମ୍ପୂର୍ଣ୍ଣ ସାଧନର ସାର ଅଟେ । ଶରଣାଗତ ଭକ୍ତର ନିଜର କିଛି ରହେନା ସବୁକିଛି ଭଗବାନ୍‌ଙ୍କୁ ସମର୍ପି ଦିଏ । କାୟ ମନବାକ୍ୟରେ ସେ କେବଳ ''ତବାସ୍ମି ଅହମ୍'' ''ମୁଁ ତୁମର ପ୍ରଭୁ'' ଶୟନେ, ସ୍ୱପନେ ଜାଗରଣେ ''ତବୈବାହମ୍'' ତାର ଏକମାତ୍ର ଭାବନା ଅବଶେଷ ରହେ । ଏହି ଶ୍ଳୋକର ବିଶଦ ବ୍ୟାଖ୍ୟା କରି ମନୀଷୀଗଣ କେତେକ ବିଭ୍ରାନ୍ତିକର ସମସ୍ୟା ସୃଷ୍ଟି କରିଥାଆନ୍ତି, ସେ ସବୁର ବିଚାର କରାଯାଉ । ଅନେକ ପାଶ୍ଚାତ୍ୟାଭିମାନୀ ପଣ୍ଡିତଙ୍କର ପ୍ରଶ୍ନ ଏହି ଶ୍ଳୋକରେ ପ୍ରଯୁକ୍ତ ''ସର୍ବଧର୍ମାନ୍ ପରିତ୍ୟଜ୍ୟ''ର ପ୍ରକୃତ ମର୍ମ କ'ଣ ହୋଇପାରେ ? ସବୁ ଧର୍ମକୁ ଛାଡ଼ିଦେବାକୁ ଭଗବାନ୍ କିପରି କହି ପାରିଲେ । ଗୀତାର ୪ର୍ଥ ଅଧ୍ୟାୟ ୭ମ/୮ମ ଶ୍ଳୋକରେ ତାଙ୍କର ମର୍ତ୍ତ୍ୟାବତୀର୍ଣ୍ଣର ଉଦ୍ଦେଶ୍ୟ ସମ୍ପର୍କରେ କହିଛନ୍ତି—

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିଃ ର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।୭।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।୮।

ଯେଉଁ ଭଗବାନ୍‌ଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା 'ଧର୍ମସଂସ୍ଥାପନ'' ସେ ପୁଣି ତାଙ୍କର ଶେଷ ଓ ଶ୍ରେଷ୍ଠ ଉପଦେଶରେ କିପରି କହି ପାରିଲେ ''ସର୍ବଧର୍ମାନ୍ ପରିତ୍ୟଜ୍ୟ'' ?

'ଧର୍ମ'ର ବିଶେଷଣରେ ''ସର୍ବ'' ପଦ ଦିଆଯାଇଛି । ସର୍ବ ଧର୍ମର ଅର୍ଥ କ'ଣ ? କ'ଣ ପୃଥିବୀରେ ପ୍ରଚଳିତ ଚତୁର୍ଦ୍ଦଶ ଧର୍ମ ଯଥା ହିନ୍ଦୁ, ଇସ୍ଲାମ୍, ଖ୍ରୀଷ୍ଟ, ବୌଦ୍ଧ, ଜୈନ, ଜାରୋଆଷ୍ଟାର, ହିବ୍ରୁଜୀଉ, ଟା ଓ କନଫୁସିଅସ୍ ଧର୍ମ ପ୍ରଭୃତିକୁ ବୁଝାଏ ? କିମ୍ବା ଆଶ୍ରମଧର୍ମ- ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ ଧର୍ମ ପ୍ରଭୃତିକୁ ଲକ୍ଷ୍ୟ କରାଯାଇଛି ? କିମ୍ବା ଜାତିଗତ, ବ୍ୟକ୍ତିଗତ, ସାମାଜିକ, ଦୈଶିକ, ଆନ୍ତଃଦେଶିକ, ସ୍ୱଧର୍ମ, ପରଧର୍ମ, ସନାତନଧର୍ମ ବାଚକ ? ଅବସ୍ଥାଗତ ଧର୍ମ— ଯଥା ଶୈଶବ, କୌମାର, ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟର ଧର୍ମକୁ ବୁଝାଏ ? ସର୍ବଶେଷରେ ପ୍ରାଣୀଧର୍ମ— ସ୍ଥାବରଅସ୍ଥାବର, ଚେତନ ଅଚେତନ, ବିହଙ୍ଗମ, ପାଶବିକ, ମାନବିକ ଧର୍ମକୁ ବୁଝାଏ କି ? ସାତ୍ତ୍ୱିକ, ରାଜସିକ, ତାମସିକ ପ୍ରଭୃତି ଗୁଣଧର୍ମର ବାଚକ କି ?

ଏହିପରି ଅସଂଖ୍ୟ ପ୍ରକାରର ଧର୍ମ ପ୍ରସଙ୍ଗ ଉତ୍ଥାପନ କରି ''ସର୍ବଧର୍ମ''ର ପରିତ୍ୟାଗ କିପରି ସମ୍ଭବ ବୋଲି ପ୍ରଶ୍ନ କରନ୍ତି । ଏହି ଶ୍ଳୋକରେ ପ୍ରଯୁକ୍ତ ''ଶରଣଂ ବ୍ରଜ''ର ମଧ୍ୟ ଅନେକ ପ୍ରକାର ସନ୍ଦେହ, ଉତ୍‌ଥାପନ କରିଛନ୍ତି । ''ସ୍ୱଧର୍ମେ ନିଧନଂ ଶ୍ରେୟଃ'' ବୋଲି ଯେ ଉପଦେଶ ଦେଇଛନ୍ତି, ସେ ପୁଣି କିପରି ପରିତ୍ୟାଗ କରିବାକୁ କହିପାରିବେ ? ''ଧର୍ମ'' ଶବ୍ଦ ଯଦି ''କର୍ତ୍ତବ୍ୟ'' ବାଚକ ତେବେ କେହି କୌଣସି ଅବସ୍ଥାରେ କର୍ତ୍ତବ୍ୟରୂପୀ ଧର୍ମକୁ ଛାଡ଼ି ଅସ୍ତିତ୍ୱ ରଖି ପାରିବ ନାହିଁ ।

''ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତି ଅକର୍ମକୃତ୍ ।'' ଗୀତା ୩।୫
''ନିୟତଂ କୁରୁ କର୍ମ ତ୍ୱମ'' ଗୀତା ୩।୮

ଏଣୁ କର୍ତ୍ତବ୍ୟରୂପୀ ଧର୍ମକୁ ଛାଡ଼ି ରହିହେବ କି ?

☆☆☆

**କିରେ ! ହନ୍ତସନ୍ତ ହେଉ କୁଟୁମ୍ବ ପାଇଁ ।**
**ଶୁଣ୍ ! ଯିବା ଆସିବାରେ ହେବକି ଦାୟୀ ।।**

**ଉଦ୍ଧାର ପାଇବା ସୁଢ଼ଙ୍ଗ ଖୋଳ ।**
**ବନପଥ ଚିହ୍ନି ତହିଁରେ ଭୋଳ ।।**

**ଆସୁଅଛି କାଳ ବିକଟାଳରେ ।**
**ଏଥକୁ ଉପାୟ ଆଙ୍କୁଁ ଭାଳରେ ।।**

**ସୁଢ଼ଙ୍ଗ ଖୋଳିବୁ ଶାବଳ ଧରି ।**
**ପଥ ଚିହ୍ନିନେବୁ ସାଧୁ ପଚାରି ।।**

# ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ ଓ ତାହାର ବ୍ୟାଖ୍ୟା

*"ସ୍ମୃତି ତ କଦାପି ନୁହେଁ ଭୁଲିବାର ।" ସ୍ମୃତି ଅନୁଭବୀର ସ୍ମରଣରେ ସଦା ସତେଜ । ସେହି ସ୍ମୃତିରୁ ଚେନାଏ । ଅନେକଦିନ ତଳେ ସ୍ୱର୍ଣ୍ଣକ୍ଷେତ୍ରର କଦଳୀ ବଣରେ ପ୍ରିୟ ଭକ୍ତ ପରିବେଷ୍ଟିତ ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ଆଲୋଚନା ପ୍ରସଙ୍ଗକ୍ରମେ ଏହି ବାଣୀଟି ଅଧର ପତ୍ରରୁ ପୀୟୁଷ କଣିକାବତ୍ ଝରାଇ ଦିଅନ୍ତି । ଭକ୍ତମାନେ ପ୍ରଭୁଙ୍କ ପାଦପୀଠରେ ଅଳି କରନ୍ତି ବାଣୀଟିକୁ ବ୍ୟାଖ୍ୟା କରି ବୁଝାଇ ଦେବା ନିମନ୍ତେ । ଭକ୍ତବନ୍ଧୁ ଭାବଗ୍ରାହୀ ପ୍ରଭୁ କ୍ରମଶଃ ବାଣୀଟିର ପ୍ରତ୍ୟେକ ଶବ୍ଦର ବ୍ୟବହାରିକ ତାତ୍ପର୍ଯ୍ୟ ଓ ସମଗ୍ର ବାଣୀଟିର ସରଳ ବ୍ୟାଖ୍ୟା ଦିଅନ୍ତି । ଆଜି ସେହି ସ୍ମୃତି ଫଳଶ୍ରୁତି ସ୍ୱରୂପ "ଚରମ"ରେ ପତ୍ରସ୍ଥ ହୁଏ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ ଓ ବ୍ୟାଖ୍ୟା ॥*

**ବାଣୀ :-** "ରେ ମାୟାବୀ ଜୀବ । ବିଷୟ ଜଙ୍ଗଲ ମଧ୍ୟକୁ ପୀୟୁଷ ଶରୀର ନେଇ ଯାଉଛୁ । ଖୁବ୍ ହୁସିଆର, ତୋ ଭିତରେ ସାକ୍ଷୀ ସ୍ୱରୂପ ହୋଇଯାଉଛି । ତୁ ବାପା, ମା, ସ୍ତ୍ରୀ, ଭାଇ, ଭଉଣୀ, ପୁଅ, ଝିଅ, ବନ୍ଧୁ, ବାନ୍ଧବଙ୍କୁ ଭେଟି ସମସ୍ତ ଦାୟିତ୍ୱ ଗ୍ରହଣ କରି ଗୁରୁଦ୍ୱାରସ୍ଥ ହୋଇ ମୋତେ ଭେଟି ପୁଣି ଫେରି ଆସିବୁ" ।

ବ୍ୟାଖ୍ୟା : ରେ :- ଉକ୍ତ ବାଣୀର ପ୍ରଥମ ଶବ୍ଦ 'ରେ'କୁ ବିଶ୍ଳେଷଣ କଲେ ଜଣାଯାଏ 'ରେ' ହେଉଛି 'ର' ଓ 'ଏ'ର ସମଷ୍ଟି । ର+ଏ=ରେ । ଏହି ଦୁଇଟି ଅକ୍ଷରକୁ ତର୍ଜ୍ଜମା କରି ଦେଖିଲେ 'ଏ' ଅକ୍ଷର ତତ୍ତ୍ୱରୁ ଏକକ ଶବ୍ଦ ସୃଷ୍ଟି । ଏକକ ଅର୍ଥାତ୍ ସୃଷ୍ଟିର ଐକ୍ୟ, ତାହାକୁ ଏକକ ଧରାଯାଏ 'ଏ' ଅକ୍ଷର ସମ୍ବୋଧନ କରାଯାଇଅଛି । "ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି" ମହତ୍ ବାକ୍ୟକୁ ନେଇ 'ଏ' ଅକ୍ଷରରୁ ଏକ ବ୍ରହ୍ମ । ଯାହାଠାରୁ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଉତ୍ପତ୍ତି ହୋଇଅଛି । 'ର' ଅକ୍ଷର ତତ୍ତ୍ୱରୁ ରଶ୍ମି ଶବ୍ଦ ନିଷ୍ପନ୍ନ । ରଶ୍ମି ଅର୍ଥାତ୍ ଜ୍ୟୋତିର୍ମୟ ଶକ୍ତିର ଧାରା । ଯାହାକି ଐକ୍ୟ ବ୍ରହ୍ମରୁ କ୍ଷରିତ । ଐକ୍ୟ ବ୍ରହ୍ମର ରଶ୍ମିରୁ ଉତ୍ପତ୍ତି ଜୀବଜଗତ ସ୍ୱକୀୟ ବଳରେ ନିଜକୁ ଗଢ଼ି ବ୍ରହ୍ମକୁ ବା ଉତ୍ପତ୍ତି ସ୍ଥଳ ଐକ୍ୟକୁ ଧାରଣ କରି ରହିଅଛି । ଏହି ଜୀବଜଗତ ଦିବ୍ୟଜ୍ଞାନ ପରିବେଷ୍ଟିତ ଜୀବ ହେଉଛି 'ମାନବ' ।

ଶ୍ରୀମଦ୍ଭାଗବତରେ ଅଛି— "ମାନବ ଦେହେ ଦିବ୍ୟ ଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥"

ଏଣୁ ଐକ୍ୟବ୍ରହ୍ମ ରଶ୍ମିରୁ ଉତ୍ପନ୍ନ ଦିବ୍ୟଜ୍ଞାନ ପରିବେଷ୍ଟିତ ମାନବକୁ ଲକ୍ଷ୍ୟ କରି ଏହି 'ରେ' ଶବ୍ଦ ବ୍ୟବହାର କରାଯାଇଛି ।

**ମାୟା :-** ମାୟା ଶବ୍ଦର ଉତ୍ପତ୍ତି—ଅବ୍ୟକ୍ତ ବ୍ୟକ୍ତିତ୍ୱରୁ ଲୀଳା ନିମନ୍ତେ ଯେଉଁ ବ୍ୟକ୍ତିତ୍ୱ ସୃଷ୍ଟି ହେଲା ତାହାର ନାମ ମାୟା । ଏହି ମାୟା ପ୍ରଥମେ ଅବ୍ୟକ୍ତର ବ୍ୟକ୍ତିତ୍ୱରୁ ହ୍ଲାଦିନୀ ଶକ୍ତି ରୂପରେ କ୍ଷରିତ ହୋଇ ପ୍ରେମମୟୀ ଶ୍ରୀରାଧା ବୈଷ୍ଣବୀ ମାୟା ରୂପରେ ପୁନଃ ଉକ୍ତ ବିରାଜିତ ଶକ୍ତି ରୂପାନ୍ତରିତ ହୋଇ ଜ୍ଞାନମୟୀ ଶ୍ରୀ ସରସ୍ୱତୀ— ମହାମାୟା ରୂପରେ ପ୍ରକାଶିତ ହେଲେ । ଉକ୍ତ ପ୍ରକାଶିତ ଶକ୍ତି ସ୍ୱକୀୟ ଶକ୍ତି ବଳରେ ରୂପାନ୍ତରିତ ହୋଇ ସିଦ୍ଧିମୟୀ ଶ୍ରୀଦୁର୍ଗା ଯୋଗମାୟା ନାମରେ ପରିଚିତ । ପୁନଶ୍ଚ ସେହି ଶକ୍ତି ନିଜ ଇଚ୍ଛାରେ ଭୋଗମୟୀ ମାତୃଦେବୀ ବିଷ୍ଣୁମାୟା ନାମରେ ଖ୍ୟାତ ହେଲେ । ଏହି ବିଷ୍ଣୁମାୟା ପଞ୍ଚ ରସମୟ— ଶବ୍ଦ, ଗନ୍ଧ, ରୂପ-ରସ, ସ୍ପର୍ଶର ଭୋଗ ସମୂହକୁ ଧାରଣ କରି ଜଗତକୁ ଭୋଗ କରାଇ ମୋହିତ କରୁଛନ୍ତି ।

**ମାୟାର ସ୍ଥିତି:—** ମାୟା ଅବ୍ୟକ୍ତର ବ୍ୟକ୍ତିତ୍ୱକୁ ଧାରଣ କରି ସ୍ୱକୀୟ ଶକ୍ତି ତ୍ରିଗୁଣକୁ ଧରି ରହିଛନ୍ତି ଏବଂ ଏହି

ତ୍ରିଗୁଣାତ୍ମିକା ଶକ୍ତି ଦ୍ୱାରା ଉତ୍ପତ୍ତି, ସ୍ଥିତି ଓ ସଂହାର କାର୍ଯ୍ୟ କରୁଛନ୍ତି । ଏହି ତ୍ରିଗୁଣାତ୍ମିକା ଶକ୍ତିର ଅଣୁ ଉପାଦାନରୁ ପଞ୍ଚବିଷୟ, ଏକାଦଶ ଇନ୍ଦ୍ରିୟ ଅନ୍ତଃକରଣ ଓ ଷଡ଼ରିପୁକୁ ସୃଷ୍ଟି କରୁଛନ୍ତି ଏବଂ ଏମାନଙ୍କୁ ନେଇ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ସଂହାର କାର୍ଯ୍ୟ ଚାଲିଛି ।

**ମାୟାର ଗତି :—** ମାୟା ତ୍ରିଗୁଣାତ୍ମିକା ଶକ୍ତି ସାହାଯ୍ୟରେ ଚତୁର୍ବିଂଶତି ତତ୍ତ୍ୱ ଯଥା:- ପଞ୍ଚଭୂତ, ପଞ୍ଚବିଷୟ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ବୁଦ୍ଧି, ଅହଂ, ମନ ଓ ଆତ୍ମାକୁ ଉତ୍ପତ୍ତି କରି ବିଷୟ ଭୋଗ ମଧ୍ୟରେ ଏକକୁ ଅନେକ ଓ ଅନେକକୁ ଏକ କରି ଅନିତ୍ୟ ଫଳ ଯଥା- ଦୁଃଖ, ସୁଖ ଇତ୍ୟାଦି ଭୋଗାଉଛନ୍ତି ।

**ମାୟାବୀ:—** ମାୟା ଦ୍ୱାରା ଜୀବଜଗତ ପରିଚାଳିତ ହୋଇ ନିଜେ ମାୟା ସୃଷ୍ଟି କରି ସୃଷ୍ଟ ମାୟାରେ ନିଜକୁ ନିଜେ ବଦ୍ଧ କରାଉଛନ୍ତି ।

ଉଦାହରଣ :— ମାୟାରୁ ଉତ୍ପତ୍ତି ଗୁଣ, ଗୁଣରୁ ଉତ୍ପତ୍ତି ବିଷୟ ଓ ଇନ୍ଦ୍ରିୟ, ଇନ୍ଦ୍ରିୟ ଓ ବିଷୟ ସଂଯୋଗରେ ଅ ନନ୍ଦ ସ୍ୱରୂପା ଆସକ୍ତି ସୃଷ୍ଟି ହୋଇ ଜୀବକୁ ବନ୍ଧନ କରି ରଖିଥାଏ । ଏଣୁ ଜୀବମାତ୍ରେ ହିଁ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟମାନଙ୍କୁ ଭୋଗକରି ସେଥିରୁ ଉତ୍ପତ୍ତି ହେଉଥିବା ଅନିତ୍ୟ ଫଳ ଦୁଃଖ, ସୁଖ ଆଦି ଭୋଗ କରିବାକୁ ବାଧ୍ୟ ହୁଏ କାରଣ ଜୀବ ଇନ୍ଦ୍ରିୟର କ୍ଷୁଧାକୁ ନିର୍ବାପିତ କରିବାକୁ ଯାଇ ସେମାନଙ୍କ ସ୍ୱଭକ୍ଷିତ ବିଷୟକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ । ଏଣୁ ଜୀବ ମାତ୍ରେ ହିଁ ବିଷୟ ଭୋଗୀ । ଏହି ବିଷୟଗୁଡ଼ିକ ପଞ୍ଚରସର ଅଧିକାରିଣୀ । ଭୋଗମୟୀ ମାତୃଦେବୀ ବିଷ୍ଣୁମାୟା ଦ୍ୱାରା କବଳିତ । ଏଥିପାଇଁ ଜୀବକୁ ମାୟାବୀ ବୋଲି କୁହାଯାଇଛି ।

**ଜୀବ:—** ବ୍ରହ୍ମରୁ କ୍ଷରିତ ରଶ୍ମି କେନ୍ଦ୍ର ସୃଷ୍ଟି କରି ''ଆତ୍ମା'' ନାମରେ ଖ୍ୟାତ । ଏହି ଆତ୍ମା ଦୁଇଭାଗରେ ବିଭକ୍ତ ଯଥା:- ଜୀବାତ୍ମା ଓ ପରମାତ୍ମା । ଚତୁର୍ବିଂଶତି ତତ୍ତ୍ୱର ସମଷ୍ଟିରେ ଜୀବାତ୍ମା ସୃଷ୍ଟି ହୋଇଥାଏ । ଏହି ଚତୁର୍ବିଂଶତି ତତ୍ତ୍ୱ ମାୟାରୁ ଉତ୍ପତ୍ତି ହେତୁ ଜୀବାତ୍ମା ବିଷୟମାନଙ୍କୁ ଭୋଗକରି ସ୍ୱରୂପ ଧାରଣ କରିଅଛି ଯାହାକୁ କି ଜୀବ କୁହାଯାଉଛି । ଉକ୍ତ ଚତୁର୍ବିଂଶତି ତତ୍ତ୍ୱ ସ୍ୱ ସ୍ୱ କେନ୍ଦ୍ର ସୃଷ୍ଟି କରି ସ୍ୱକୀୟ ଶକ୍ତି ଦ୍ୱାରା ପରସ୍ପର ସହିତ ଯୋଗ, ବିଯୋଗ ହୋଇ ସ୍ୱତନ୍ତ୍ର ଭାବରେ ସ୍ୱ-କ୍ଷୁଧିତ ବିଷୟକୁ ଗ୍ରହଣ କରୁଅଛନ୍ତି । ଏଣୁ ଜୀବକୁ ମାୟାବୀ ବୋଲି ମଧ୍ୟ ସୂଚିତ କରାଯାଇଛି ।

**ବିଷୟ ଜଙ୍ଗଲ :—** ଶ୍ରୀମଦ୍ଭାଗବତରେ ଅଛି— ''ପଞ୍ଚ ବିଷୟ ସପ୍ତ ଗୁଣେ । ଜନ୍ମିଲେ ଜ୍ଞାନ ପ୍ରଚାରଣେ'' ॥

ଉକ୍ତ ମର୍ମରେ ଗୁଣରୁ ପଞ୍ଚ ବିଷୟ ଉତ୍ପତ୍ତି ହୋଇ ମାୟା ଦ୍ୱାରା ଏକରୁ ଅନେକ ହୋଇଅଛି । ଯଥା:- ଏକ ଶବ୍ଦରୁ ଅନେକ । ଏକ ରସରୁ ଅନେକ ରସ, ଏକ ଗନ୍ଧରୁ ଅନେକ ଗନ୍ଧ, ଏକ ରୂପରୁ ଅନେକ ରୂପ, ଏକ ସ୍ପର୍ଶରୁ ଅନେକ ସ୍ପର୍ଶ ଇତ୍ୟାଦି । ଏହି ବିଷୟଭୋଗରୁ ଭୋଗର ବିଭିନ୍ନତା ଉପଲବ୍ଧ ହୋଇଥାଏ । ସେ ଗୁଡ଼ିକ ହେଲା କାମ, କାମରୁ ଆସକ୍ତି, ଆସକ୍ତିରୁ ଆଶା ଓ ତୃଷ୍ଣା, ତୃଷ୍ଣାରୁ ସ୍ୱାର୍ଥ, ସ୍ୱାର୍ଥର ପରାହତରେ ଈର୍ଷା, ହିଂସା, କ୍ରୋଧ ନିଷ୍ଠୁରତା ଆଦି ସୃଷ୍ଟି ହୁଏ । ଅପର ପକ୍ଷରେ ଦେଖିଲେ ଏହି ବିଷୟଭୋଗ ଜନିତ ଆନନ୍ଦରୁ ସ୍ନେହ, ଶ୍ରଦ୍ଧା, ମମତା, ଅନୁରାଗ, ପ୍ରୀତି ଇତ୍ୟାଦି ସୃଷ୍ଟି ହୁଏ । ଏହିପରି ବିଷୟ ଭୋଗରୁ ବିଷୟ ଜଙ୍ଗଲର ସୃଷ୍ଟି ହୋଇଥାଏ ।

**ପିୟୂଷ ଶରୀର :-** ବ୍ରହ୍ମର ଏକ ଅଂଶର ନାମ ପ୍ରକୃତି । ଏହି ପ୍ରକୃତିରୁ ଶରୀର ଜାତ ଅଟେ । ଶ୍ରୀମଦ୍ଭାଗବତରେ ଅଛି—

ସେ ବ୍ରହ୍ମ ହୋଇ ବେନି ଖଣ୍ଡ । ତହିଁରୁ ଜନ୍ମିଲା ବ୍ରହ୍ମାଣ୍ଡ ॥

ଉକ୍ତ ସୂତ୍ରାନୁଯାୟୀ ବ୍ରହ୍ମ ଦୁଇଭାଗରେ ବିଭକ୍ତ, ଯଥା:- ପୁରୁଷ ଓ ପ୍ରକୃତି । ପୁନଶ୍ଚ ଶ୍ରୀମଦ୍ଭାଗବତରେ ଅଛି—

ଯେ ଭାଗ ପ୍ରକୃତି ରୂପିଣୀ । ଉତ୍ପତ୍ତି ସ୍ଥିତି ସଂହାରିଣୀ ॥

ଉକ୍ତ କଥିତ ପ୍ରକୃତି, ସୃଷ୍ଟିର ଉତ୍ପତ୍ତି, ସ୍ଥିତି, ସଂହାର କାର୍ଯ୍ୟ କରୁଛନ୍ତି ବୋଲି ଭାଗବତ ପ୍ରମାଣ ଦିଏ । ଏହି ପ୍ରକୃତି

୨୫ ଭାଗରେ ବିଭକ୍ତ ହୋଇ ଶରୀର ଧାରଣ କରି ଗୁଣର ସଂଯୋଗରେ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି (ପଞ୍ଚଭୂତ) ଶବ୍ଦ, ଗନ୍ଧ, ରୂପ, ରସ, ସ୍ପର୍ଶ (ପଞ୍ଚ ତନ୍-ମାତ୍ରା) କର୍ଣ୍ଣ, ନାସା, ଚକ୍ଷୁ, ଜିହ୍ୱା, ଚର୍ମ (ପଞ୍ଚଜ୍ଞାନେନ୍ଦ୍ରିୟ) ହସ୍ତ, ପଦ, ମୁଖ, ଲିଙ୍ଗ, ଗୁହ୍ୟ (ପଞ୍ଚ କର୍ମେନ୍ଦ୍ରିୟ) ଅହଂ, ବୁଦ୍ଧି, ମନ ଓ ଆତ୍ମା ବା ବ୍ରହ୍ମ ଓ କାଳ ବା ସମୟକୁ ନେଇ ଶରୀର ଗଠନ କରୁଅଛନ୍ତି । ଶରୀର, ବ୍ରହ୍ମର ପୁରୁଷ ଓ ପ୍ରକୃତି ସଂଯୋଗରୁ ସୃଷ୍ଟି ହୋଇଥିବାରୁ ତାହା ଶୁଦ୍ଧ ସ୍ଫଟିକ ଅଟେ । ଶ୍ରୀମଦ୍ଭାଗବତ ଗୀତାର ପୁରୁଷୋତ୍ତମ ଯୋଗରେ ଶ୍ରୀଭଗବାନ କହିଛନ୍ତି—

''ମମୈ-ବାଂଶୋ ଜୀବଲୋକେ, ଜୀବଭୂତଃ ସନାତନଃ
ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତି ସ୍ଥାନି କର୍ଷତି'' ।

ବ୍ରହ୍ମ ଯେହେତୁ ଶୁଦ୍ଧ ଓ ଅବିନାଶୀ, ବ୍ରହ୍ମର ଅଂଶ ପ୍ରକୃତି ମଧ ଶୁଦ୍ଧ ଓ ଅବିନାଶୀ । ଉଦାହରଣତଃ— ପଞ୍ଚଜ୍ଞାନେନ୍ଦ୍ରିୟ ପ୍ରତି ଦୃଷ୍ଟିପାତ କଲେ ତାହା ଜଣାପଡ଼ିବ । ଯଥା:- ଏକ ଚକ୍ଷୁ ଏକ ସମୟରେ ମଧ ଅନେକ ରଙ୍ଗ ଏବଂ ରୂପକୁ ଉପଲବ୍ଧ କରାଇଥାଏ । ଏହାର କାରଣ— ରଙ୍ଗୀନ କାଚ ଅନ୍ୟ ଏକ ରଙ୍ଗକୁ ଠିକ୍ ଦର୍ଶାଇ ପାରେ ନାହିଁ । କିନ୍ତୁ ସ୍ୱଚ୍ଛ କାଚ ସମସ୍ତ ରଙ୍ଗକୁ ଠିକ୍ ଦର୍ଶାଇଥାଏ । ଏଣୁ ଚକ୍ଷୁ ସ୍ୱଚ୍ଛ ଅଟେ । ଏଥିରେ ସନ୍ଦେହ ନାହିଁ । ଏହିପରି କର୍ଣ୍ଣଦ୍ୱାରା ବିଭିନ୍ନ ଶବ୍ଦର ଉପଲବ୍ଧି ଯଥା ମଧୁର ବା କର୍କଶ ସ୍ୱର, ନାସା ଦ୍ୱାରା ଦୁର୍ଗନ୍ଧ ବା ସୁଗନ୍ଧର ଉପଲବ୍ଧି, ଜିହ୍ୱା ଦ୍ୱାରା ମିଠା, ଖଟା, ରାଗ ଓ ଚର୍ମଦ୍ୱାରା ଗରମ, ଥଣ୍ଡା ସ୍ପର୍ଶର ଉପଲବ୍ଧି ହୋଇଥାଏ । ଏହିଧାରା ଅନୁଯାୟୀ ପ୍ରକୃତିର ୨୫ ଅଂଶ ମଧ ଶୁଦ୍ଧ ସ୍ଫଟିକ ଅଟେ । ଏହି ଶୁଦ୍ଧ ସ୍ଫଟିକ ଶରୀର, ବିଷୟ ରଙ୍ଗରେ ରଙ୍ଗୀନ ହୋଇ ଅଶୁଦ୍ଧ ବୋଲି ଜଣାଗଲେ ମଧ ତାହା ଅଶୁଦ୍ଧ ନୁହେଁ । ଉଦାହରଣ ସ୍ୱରୂପ— ସ୍ଫଟିକ ସମ୍ମୁଖରେ ଯେତେ ପ୍ରକାର ରଙ୍ଗ ରହିବ ତାହା ସ୍ଫଟିକ ମଧରେ ପ୍ରତିବିମ୍ବିତ ହୋଇ ସ୍ଫଟିକକୁ ତା'ର ରଙ୍ଗରେ ରଙ୍ଗୀନ୍ କରିଦେବ । ରଙ୍ଗଗୁଡ଼ିକ କାଢ଼ିନେଲେ ସ୍ଫଟିକ ସ୍ୱଚ୍ଛ ହୋଇଯିବ । ଏଣୁ ଉକ୍ତ ବାଣୀରେ ଶୁଦ୍ଧ ସ୍ଫଟିକ ସେହି ଅବୟବକୁ ଶରୀର କୁହାଯାଇଛି ।

**ହୁସିଆର:—** ଉକ୍ତ ପୀୟୂଷ ଶରୀରର ସମ୍ମୁଖରେ ବିଷୟ ଜଙ୍ଗଲର ଦ୍ୱିବିଧମାର୍ଗ ଯଥା:- କୁମାର୍ଗ ଓ ସୁମାର୍ଗ ବିସ୍ତୃତ ଭାବରେ ଲମ୍ୱିଯାଇଛି । ଏଥି ମଧରେ ଦୁଃଖ ସୁଖ, ପାପ-ପୁଣ୍ୟ, ନର୍କ-ଐଶ୍ୱର୍ଯ୍ୟ, ନିତ୍ୟ-ଅନିତ୍ୟର ସୁଫଳ ଓ କୁଫଳ ରୂପକ ମହାଫଳ ରହିଥିବାରୁ ଜୀବକୁ ହୁସିଆର କରି ଦିଆଯାଉଛି । କାରଣ ପ୍ରତ୍ୟେକ ବିଷୟର ଦ୍ୱିବିଧ ଭାବ ରହିଛି । ଯଥା:- ୧)ସତ୍ତାବିଧ୍ୱଂସୀଭାବ, ୨)ସତ୍ତାପୋଷିଣୀଭାବ । ଏହି ଦ୍ୱିବିଧ ଭାବର ଉଦାହରଣ ଯଥା- ବାଡ଼ି ବା ଠେଙ୍ଗା ଏକ ବିଷୟ, ଏହାଦ୍ୱାରା ଏକ ଅନ୍ଧ ବାଟ ଚାଲିବା ସତ୍ତାପୋଷିଣୀ ଭାବ ଓ ଏକ ଆତତାୟୀ ମଣିଷ ମାରିବା ସତ୍ତାବିଧ୍ୱଂସୀ ଭାବ । ଏଠାରେ ଛୁରୀ, ଅଗ୍ନି, ଏପରି ଅନେକ ବିଷୟର ଉଦାହରଣ ନିଆଯାଇପାରେ । ଏଣୁ ବିଷୟର ଦ୍ୱିବିଧ ଗତି ଥିବାରୁ ଜୀବକୁ ହୁସିଆର କରି ଦିଆଯାଇଛି ।

**ସାକ୍ଷୀ ସ୍ୱରୂପ:—** ବ୍ରହ୍ମରୁ ଜାତ ଜୀବ ମଧରେ ପରମାତ୍ମା ସାକ୍ଷୀ ସ୍ୱରୂପ ହୋଇଯାଉଛନ୍ତି । ଏ କଥା ଶ୍ରୀମଦ୍ଭାଗବତ ଗୀତାର କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗରେ ଶ୍ରୀଭଗବାନ କହିଛନ୍ତି—

୧। 'କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି, ସର୍ବକ୍ଷେତ୍ରେଷୁ ଭାରତ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ'' ॥

ଏଶରୀର ହେଉଛି କ୍ଷେତ୍ର । ମୁଁ ବା ଜୀବ କ୍ଷେତ୍ରଜ୍ଞ, ପରମାତ୍ମା ସାକ୍ଷୀ ସ୍ୱରୂପ । ଜୀବ ପରମର ସଂଯୋଗରୁ କ୍ଷେତ୍ରର ଉତ୍ପତ୍ତି, ପୁଣି ଶ୍ରୀ ଭଗବାନ୍ କହିଛନ୍ତି :—

୨। ''ଉପଦ୍ରଷ୍ଟାନୁମନ୍ତା ଚ଼ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।
ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍-ପୁରୁଷଃ ପରଃ'' ॥

ପୁରୁଷ ଅର୍ଥ ଆତ୍ମା, ଏହି ଶରୀରରେ ଥିଲେ ମଧ୍ୟ ଶରୀରରୁ ସମ୍ପୂର୍ଣ୍ଣ ପୃଥକ୍ ଅଟନ୍ତି କାରଣ ସେ ଉପଦ୍ରଷ୍ଟା, ଅନୁମୋଦନକାରୀ, ଭର୍ତ୍ତା, ଭୋକ୍ତା, ମହେଶ୍ୱର ଏବଂ ପରମେଶ୍ୱର ବୋଲି ଶ୍ରୁତିରେ କଥିତ ଅଛି । ଜୀବଭିତରେ ସେ ସାକ୍ଷୀ ସ୍ୱରୂପ ରହିଅଛନ୍ତି । ଜୀବ ପ୍ରକୃତିର ବଶବର୍ତ୍ତୀ ହୋଇ କର୍ମ କରେ ଏବଂ ଫଳଭୋଗେ । ସାକ୍ଷୀ ସ୍ୱରୂପ ପ୍ରଭୁ ଜୀବକୁ କର୍ମର ପ୍ରେରଣା ଦିଅନ୍ତି ନାହିଁ କି ଫଳଭୋଗୀ କରାନ୍ତି ନାହିଁ । ତେଣୁ ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀଭଗବାନ କହିଛନ୍ତି—

''ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ '' ॥

''ତୁ''— ଏଠାରେ 'ତୁ' ସମ୍ବୋଧନ ଦ୍ୱାରା ବାଣୀକୁ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ କରାଯାଇଛି । ସମାଜର ସମଗ୍ର ବ୍ୟକ୍ତି ବିଶେଷଙ୍କୁ 'ତୁ' ସମ୍ବୋଧନ କରାନଯାଇ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ 'ତୁ' ସମ୍ବୋଧନ କରାଯାଇଛି । ଯେଉଁ ବ୍ୟକ୍ତି ବିଷୟର ଅଭାବରେ ପରିଶ୍ରାନ୍ତ, ଯାହାର ମନ କ୍ଲାନ୍ତ, ଅବସନ୍ନ, ସେହିଁ ଧର୍ମ ବା ବ୍ରହ୍ମ ଜିଜ୍ଞାସା କରେ, ସେହି ଅଭାବ ବ୍ରହ୍ମଜିଜ୍ଞାସୁ ଜୀବ ପ୍ରତି ହିଁ 'ତୁ' ଶବ୍ଦ ପ୍ରୟୋଗ କରାଯାଇଛି । ଶ୍ରୀମଦ୍ ଭାଗବତରେ ଅଛି :—

ଏକାନ୍ତ ଭକତି ଲକ୍ଷଣ । ସତ୍ୟ ବା ସକଳ ପ୍ରମାଣ ॥

ଏହା ବ୍ରହ୍ମ ଜିଜ୍ଞାସୁ ବ୍ୟକ୍ତିଙ୍କର ଲକ୍ଷଣ ଏକାନ୍ତ ଭକ୍ତି ପୂତ ଓ ଏମାନେ ସର୍ବଦା ସତ୍ୟର ପ୍ରମାଣକୁ ଅନୁସନ୍ଧାନ କରିଥାଆନ୍ତି ।

**ବାପା:-** ସମାଜ ଚଳଣୀରେ ବାପା ହେଉଛନ୍ତି ଗୃହକର୍ତ୍ତା ବା ମୁରବୀ । ସେ ପିଲାମାନଙ୍କୁ ଉପଦେଶ ଦେଇ ଗୃହକୁ ସୁଚାରୁ ରୂପେ ପରିଚାଳନା କରିଥାଆନ୍ତି । ସେହିପରି ଏହି ଶରୀର ରୂପକ ସଂସାର ମଧ୍ୟରେ ଆତ୍ମା ପିତା ବା ଜନକ ରୂପରେ ଜୀବକୁ ଉପଦେଶ ମାନ ଦେଇ ଅନ୍ତଃକରଣରୁ ବିବେକ ରୂପରେ ରୀତିନୀତିରେ ଚେତନା ସୂଚାଇ ଦିଅନ୍ତି । ଏଠାରେ ସେହି ପିତାଙ୍କର ଉପଦେଶ ଓ ଅନୁଶାସନକୁ ମାନି ଚଳିବା ପାଇଁ ସୂଚନା ଦିଆଯାଇଛି ।

**ମା:-** ସଂସାର କ୍ଷେତ୍ରରେ 'ମା' ଯେପରି ପିଲାମାନଙ୍କୁ ଲାଳନ ପାଳନ କରିବା ପାଇଁ ବହୁ ବିଷୟ ସଂଗ୍ରହ କରି ଗୃହ ମଧ୍ୟରେ ସାଇତି ରଖିଥାନ୍ତି, ଠିକ୍ ସେହିପରି ଏହି ଶରୀର ମଧ୍ୟରେ 'ମାୟା' ମାତୃ ରୂପରେ ନାନାଭାବ ଯତ୍ନରେ ରଖି ଏକକୁ ଅନେକ କରି ଫଳଭୋଗ କରାଇଥାନ୍ତି । ଭାବର ଦ୍ୱିବିଧ ଗତି ଯଥା:- କୁଭାବ ଓ ସୁଭାବକୁ ଲକ୍ଷ୍ୟ କରି ମାତୃ ଶକ୍ତିର ମାୟା ଦ୍ୱାରା ପରିଚାଳିତ ହେବା ପାଇଁ ସୂଚିତ ହୋଇଛି ।

**ସ୍ତ୍ରୀ :-** ସଂସାରରେ ସ୍ତ୍ରୀକୁ ଲକ୍ଷ୍ୟକଲେ ଦେଖାଯାଏ ସେମାନେ କେବଳ ଭୋଗାର୍ଥେ ବିନିଯୋଗ ହୋଇ ଗୃହର ସମସ୍ତ ଭୋଗବସ୍ତୁର ଆଦାନ ପ୍ରଦାନରେ ନିୟୋଜିତ ହୋଇଥାନ୍ତି । ସେହିପରି ଜୀବର ଶରୀର ମଧ୍ୟରେ 'ଇନ୍ଦ୍ରିୟମାନେ' ଶରୀରର ଭୋଗାର୍ଥେ ବିନିଯୋଗ ହୋଇ ବିଷୟମାନଙ୍କୁ ଭୋଗ କରିଥାଆନ୍ତି । ଏହି ବିଷୟ ଭୋଗର ଦ୍ୱିବିଧ ଗତି ଥିବାରୁ ବୁଦ୍ଧି ବିଚାର ଦ୍ୱାରା ଇନ୍ଦ୍ରିୟମାନଙ୍କୁ ପରିଚାଳନା କରିବା ପାଇଁ ଉପଦେଶ ଦିଆଯାଇଛି ।

**ଭାଇ ଭଉଣୀ :-** ସଂସାର ମଧ୍ୟରେ ଭାଇ ଭଉଣୀ ଯେପରି ପରସ୍ପର ସହଯୋଗାର୍ଥେ ସ୍ନେହ ମମତା ଭାବ ବିନିଯୋଗ ହୋଇଥାନ୍ତି, ସେହିପରି ଶରୀର ମଧ୍ୟରେ ପଞ୍ଚକର୍ମେନ୍ଦ୍ରିୟ ଜୀବକୁ ସହଯୋଗ କରିବା ପାଇଁ କୋଷଗୁଡ଼ିକ ପରସ୍ପର ଆକର୍ଷିତ ହୋଇ ରହିଥାନ୍ତି । ଏହି ସହଯୋଗ କ୍ରିୟାର ଦ୍ୱିବିଧ ଗତି ଥିବାରୁ ଏହା ମଧ୍ୟ ଦ୍ୱିବିଧ ଫଳ ପ୍ରଦାନ କରେ । ଏଠାରେ ସହଯୋଗ କ୍ରିୟାକୁ ସୁ-ମାର୍ଗରେ ପରିଚାଳିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ପୁଅ ଝିଅ :-** ସଂସାରରେ ଯେପରି ପୁତ୍ର, କନ୍ୟାଙ୍କର ସାମର୍ଥ୍ୟକୁ ଆଶାକରାଯାଉଥାଏ । ସେହିପରି ଶରୀର ରୂପକ ସଂସାରରେ କାମ ରୂପକ ପୁତ୍ର କନ୍ୟାକୁ ଆଶ୍ରୟ କରାଯାଉଥାଏ । ପଞ୍ଚଜ୍ଞାନେନ୍ଦ୍ରିୟର ବିଷୟ ଭୋଗରୁ କାମରସ ସୃଷ୍ଟି ହୋଇ ଜୀବକୁ ପାଳନ ଓ ଧାରଣ କରିଥାଏ । ଏହି କାମ ଇନ୍ଦ୍ରିୟ ବିଷୟଭୋଗର ଦ୍ୱିବିଧ ଗତିରେ ଗତିଶୀଳ ହୋଇ

କୁଫଳ ବା ସୁଫଳ ପ୍ରଦାନ କରିଥାଏ । ଏଣୁଁ ଏଠାରେ କୁପୁତ୍ର ଓ ସୁପୁତ୍ର ଜନ୍ମର ରହସ୍ୟ ଜାଣି ତାହାର ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ବନ୍ଧୁ :-** କଥାରେ କୁହନ୍ତି ବନ୍ଧୁ ଦିଏ ବଳ, ଶରୀର ରୂପକ ସଂସାରରେ ବୁଦ୍ଧି ହେଉଛି ବନ୍ଧୁ । ଏହି ବୁଦ୍ଧି ବିପଦ ଆପଦରେ ବିଚାର ଦେଇ ଜୀବକୁ ନିଷ୍ପତ୍ତି ଜଣାଇଥାଏ । ବିଚାରର ମଧ୍ୟ ଦ୍ୱିବିଧ ଗତି ରହିଛି ଯଥା:— (୧) ସତ୍ତା ବିଧ୍ୱଂସୀ (୨) ସତ୍ତାପୋଷଣ ବିଚାର । ଉଦାହରଣ ସ୍ୱରୂପ ନ୍ୟାୟାଳୟରେ ବିଚାର ସମୟରେ ଆସାମୀର ସପକ୍ଷ ଓ ବିପକ୍ଷରେ ଯୁକ୍ତି ଅଣାଯାଇ ବିଚାର କରାଯାଇଥାଏ । ବିଚାରର ଯୁକ୍ତିଯୁକ୍ତ ପ୍ରମାଣ ନିଆଯାଇ ଏକ ନିଷ୍ପତ୍ତି ବାହାରେ, ଯାହାକି ଏକ କୂଳ ଖାଇ ଅନ୍ୟକୂଳକୁ ରକ୍ଷା କରିଥାଏ । ଏଣୁ ବୁଦ୍ଧିର ସହିତ ବିଚାରର ଦ୍ୱିବିଧ ଗତିକୁ ଚିନ୍ତା କରି ସତ୍ତାପୋଷଣ ବିଚାରରେ ଗତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**ବାନ୍ଧବ :-** ସମାଜ ମଧ୍ୟରେ ସାଙ୍ଗସାଥୀ ବା ବାନ୍ଧବମାନେ ବିଭିନ୍ନ ପ୍ରକାର ପଥ ଦେଖାଇ ଥାଆନ୍ତି ଓ ସେଥିରେ ମାନବ ପରିଚାଳିତ ହୋଇ ସୁ-ପଥ ବା କୁ-ପଥର ଯାତ୍ରୀ ହୋଇଥାଏ । ସେହିପରି ଶରୀର ରୂପକ ସଂସାର ମଧ୍ୟରେ ଷଡ଼ରିପୁ ରୂପକ ବାନ୍ଧବମାନେ ଜୀବକୁ ସୁ-ପଥ ଓ କୁ-ପଥର ପଥିକ କରାଇଥାନ୍ତି । ଏଣୁ ରିପୁମାନଙ୍କ ପ୍ରତି ସର୍ବଦା ଦୃଷ୍ଟି ରଖି ସୁ-ପଥରେ ପରିଚାଳିତ ହେବା ପାଇଁ କୁହାଯାଇଛି ।

**ଗୁରୁଦ୍ୱାରସ୍ଥ:-** ପରଂବ୍ରହ୍ମ, ବ୍ରହ୍ମଜିଜ୍ଞାସୁ, ମାୟାବୀଜୀବକୁ ଅମୃତମୟ ପିୟୂଷ ଶରୀର ଦେଇ ସଂସାରର ଚିତ୍ର ବିଚିତ୍ର ବିଷୟ ଜଙ୍ଗଲ ମଧ୍ୟକୁ ଛାଡ଼ି ଜୀବର ଭୋଗାଭୋଗ ଓ ଗୁଣ ଧର୍ମ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେଇ ସତର୍କ କରାଇ ଏହି ଦୁସ୍ତର ମାୟା ସମୁଦ୍ରରୁ ଉଦ୍ଧାର ହେବାର ପଥ ନିର୍ଦ୍ଦେଶ କରୁଛନ୍ତି । କାରଣ ଏ ଜୀବ ମାୟା ସଂସାରରୁ ଉତ୍ପତ୍ତି ହୋଇ ଦୁସ୍ତର ମାୟାରେ ଆବଦ୍ଧ ହୋଇ ରହିଅଛି । ସୃଷ୍ଟିଚକ୍ରର ନିୟମରୁ ଖସିବା ଏ ଜୀବପକ୍ଷେ ସମ୍ଭବ ନୁହେଁ । ମାୟାରୁ ଉତ୍ପନ୍ନ ଜୀବ ମାୟାକୁ କାଟି ପାରେ ନାହିଁ । ଏଣୁ :—

ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ॥

ସଂସାର ରୂପକ ଭୟଙ୍କର ସମୁଦ୍ରରୁ ପାରହେବାପାଇଁ ଗୁରୁହିଁ ଏକମାତ୍ର କର୍ଣ୍ଣଧାର ଅଟନ୍ତି । କାରଣ ନାବିକ ବିନା ଯେପରି ନୌକା ଠିକ୍‌ଭାବେ ପରିଚାଳିତ ହୋଇପାରେ ନାହିଁ ଗୁରୁ ବିନା ମଧ୍ୟ ଠିକ୍ ସେହିପରି ଜୀବନ ନୌକା ପରିଚାଳିତ ହୋଇପାରେ ନାହିଁ । ଗୁରୁହିଁ ଏକମାତ୍ର ମୁକ୍ତି ପ୍ରଦାତା, ତ୍ରାଣକର୍ତ୍ତା । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀଭଗବାନ କହିଛନ୍ତି—

"ମମଯୋନି ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହଂ ,
ସମ୍ଭବଃ ସର୍ବ ଭୂତାନାଂ ତତୋ ଭବତି ଭାରତ" ॥

ଜୀବ ବ୍ରହ୍ମରୁ ଉତ୍ପତ୍ତି ହୋଇ ଗୁରୁଙ୍କୁ ଆଶ୍ରୟ କରି ଇହଜନ୍ମରେ ବ୍ରହ୍ମକୁ ଉପଲବ୍ଧ କରି ପୁନଃ ବ୍ରହ୍ମକୁ ଫେରିଯାଏ । ଏଣୁ ଶଙ୍କରାଚାର୍ଯ୍ୟ ତାଙ୍କ ମୁଦ୍‌ଗରରେ ଲେଖିଛନ୍ତି—

ପୁନରପି ଜନନଂ ପୁନରପି ମରଣମ୍
ପୁନରପି ଜନନୀ ଜଠରେ ଶୟନମ୍ ।

★★★



# କଲ୍ୟାଣ ଦେଲି ତୋତେ

('କଲ୍ୟାଣ ଦେଲି ତୋତେ' ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ସ୍ୱହସ୍ତଲିଖିତ ଆଶୀର୍ବାଦ ବାଣୀ । ଏହା ମାଧ୍ୟମରେ ସେ 'ଚରମ' ପତ୍ରିକାକୁ ଆଶୀର୍ବାଦ ଦେବା ସହିତ ଶତ ସହସ୍ର ଅନୁଗତ ଭକ୍ତମାନଙ୍କୁ ଆଶ୍ୱାସନା ଦେଇ କର୍ତ୍ତବ୍ୟ ପଥରେ ଆଗେଇଯିବାର କୌଶଳ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଅମାୟ ପ୍ରେରଣା ଦେଇଛନ୍ତି । ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହୋଇ ଧରାଧାମରେ କେଉଁ ବିଧାନରେ ଲୀଳା କରି ଚାଲିଛନ୍ତି; ଏଥିରୁ ତାହାର ଧାରଣା ମିଳେ ।। ଏହା ପ୍ରତ୍ୟେକଙ୍କ ପାଇଁ ଏକ ସୁଖପାଠ୍ୟ ଅନୁସରଣୀୟ ଦିଗ୍‌ଦର୍ଶନ ।।)

**ଚରମରେ !** ମୋ ଧନଟି ପରା ! ଏହି ସଂସାରର ବିଷୟ ଜଙ୍ଗଲରେ ପ୍ରଥମ ପାଦ ପକେଇ ଚାଲି ଶିଖୁଛୁ । ସାବଧାନରେ ପାଦ ପକାଉଥିବୁଟି । ଚଲାପଥ ଉପରେ ଦୃଷ୍ଟି ରଖିଥିବୁ । ଲକ୍ଷ୍ୟସ୍ଥଳରେ ଲୟ ରଖିଥିବୁ । ତୋ କାନେକାନେ ଯେଉଁ କଥା କହିଛି, ପ୍ରତି ପଦକ୍ଷେପରେ, ପ୍ରତି ନିଶ୍ୱାସପ୍ରଶ୍ୱାସର ତାଳେ ତାଳେ ତାକୁ ଗୁଣି ହେଉଥିବୁରେ ବାବୁ । ସଂସାର ପଥ ବଡ଼ ବିଷମ । ବିଷୟ ଜଙ୍ଗଲ ବଡ଼ ଗହନ । ସତର୍କ କରାଇ ମୁଁ କହିଥିବା ପଦଟି ବିସ୍ମରି ଗଲେ, ପାଦରେ କଣ୍ଟାଫୁଟି ଯାଇପାରେ, ଖାଲଖମାରେ ପାଦ ପଡ଼ି ଯାଇପାରେ । ପଥବଣା ହୋଇଯାଇପାରୁ । ତେଣୁ ସଦା ଜାଗ୍ରତ, ସତତ ସତର୍କ ଥିବୁରେ ଧନ । ଲକ୍ଷ୍ୟ ସ୍ଥିର ରଖି ଏକ ଲୟରେ ପାଦେ ପାଦେ ଆଗେଇ ଯାଉଥିବୁ । ସେହି ମୂଳ ପଦଟିକୁ ମନେ ମନେ ସଦାସର୍ବଦା ମନନ କରି ଚାଲିଥିବୁ ।

ଚରମ, ମୋ କୋଳପୋଛା ଗେହ୍ଲାପୁଅରେ, ସତରେ ତୁ ମୋତେ ମନେ ରଖିଛୁ ? ମୋତେ ସବୁଠାରୁ ଅଧିକ ଭାବରେ ଭଲ ପାଉଛୁ ? ସତରେ ଚରମ, ତୁ ଯେଉଁ ଲକ୍ଷ୍ୟରେ ନରତନୁରେ ମାନବଲୀଳା କିଆଉଛୁ, ତାହା କ'ଣ ତୋର ମନେ ଅଛି ? ବିସ୍ମରି ନାହୁଁ ତ ? ହେଲେ ରେ ଚରମ, ତୋ ଲୀଳା ବୁଝିବା ସହଜ ନୁହେଁ । ମୁଁ ଜାଣେ, ତୋର ପ୍ରିୟ ବା ଅପ୍ରିୟ କିଛି ନାହିଁ । ଚରମରେ, ତୋଠାରେ ଅନୁଗ୍ରହ ନିଗ୍ରହର ସମ୍ଭାବନା ନାହିଁ । ତଥାପି ତୋର ସଂସାରୀ ବୁଦ୍ଧି ବେଳେବେଳେ ବୈଷମ୍ୟ ଆରୋପ କରେ । ନୁହେଁରେ ଚରମ ? ତୁ ମାୟାଜଗତରେ ମୋହିତ ହେବୁ ନାହିଁ ।

ଦେଖରେ ଚରମ, ମୋ ଆଖିରେ ଦେଖ । ତୋ ଆଖିବୁଜିଦେ, ବୁଜିଦେ ଥରେ । ଗଙ୍ଗା କିପରି ସକଳ ବାଧାବିଘ୍ନ, ସକଳ ବନ୍ଧନ ଅତିକ୍ରମ କରି ସାଗର ସହିତ ମିଳିତ ହୋଇ ଆପଣାର ସତ୍ତା ହରାଇ, ସାଗର ସତ୍ତାରେ ଲୀନ ହୋଇଯାଇଛି । ତୁ ଏ ବିଶ୍ୱରେ ସେହିପରି ବିଷୟା-ବିଷବନ୍ଧନ ତ୍ୟାଗ କରି ତଲ୍ଲୀନ ହୋଇ ଯା'ରେ ଚରମ । ଧନଟି ପରା, ମୋର କହିଥିବା କଥା ମନରେ ପକା । ମୁଁ ପରା ତୋତେ କୋଳାଗ୍ରତ କରିବା ପାଇଁ ବାହୁ ବିସ୍ତାର କରି ଅନେଇ ରହିଛି ।

ଚରମ, ଧନରେ ମୋର; ଅଜ୍ଞତାର ବଶବର୍ତ୍ତୀ ହୋଇ ବିଜ୍ଞାନକୁ ହରାଇବୁ ନାହିଁ । କର୍ମ ବିଜ୍ଞାନ, ଈଶ୍ୱରୀୟ ବିଜ୍ଞାନ, ଜୀବନ ବିଜ୍ଞାନ, ସ୍ନେହ, ପ୍ରେମ ସର୍ବଶ୍ରେଷ୍ଠ ବିଜ୍ଞାନ । ଆଶ୍ରିତ ହୋଇ ଅବୋଧ ମନକୁ ବୋଧ କରିବୁ । ଚିଦ୍

ଧରିବୁ ନାହିଁ, ବାୟାଟି ମୋର । ବାତୁଳରେ, ସମ୍ମୁଖରେ କିଏ ଅଛନ୍ତି ଥରେ ଅନାଇ ଦେଖତ ! ଖିଆଲ କର; ଆଳସ୍ୟ ତୋର ସଂକ୍ରମିତ ରୋଗ । ମୁଁ ଦେଇଥିବା ଔଷଧ ବ୍ୟବହାର କର; ରେ ବାୟାଧନ । ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯିବୁ ।

ଆନନ୍ଦ ଖୋଜୁଛୁ ? ଆନନ୍ଦ ? ଆନନ୍ଦ ପରା ତୋ ଚାରିପାଖେ ବେଢ଼ି ରହିଛିରେ ବାୟା ! ବାଉଳା ହୋଇ ଏଣେତେଣେ ବୁଲି ଲକ୍ଷ୍ୟ ଓ ଲୟ ହରାଇଲେ ଆନନ୍ଦ ପାଇବୁ କିପରି ? ରେ ମୋର ମଣି ! ଅଭ୍ୟାସ କର୍ମଧାରା ମୋ ପାଖରୁ ନେଇ ସଂସାରକୁ ଫେରିଛୁ, ସକଳ ଦାଉରୁ ରକ୍ଷା ପାଇବା ପାଇଁ ଅଭ୍ୟାସ କର୍ମପଥ ଧର ରେ ଧନ । ଚରମରେ, ସମାଜକୁ ଆସିଛୁ । ସମାଜରେ କାହାରିକୁ ଅସ୍ପୃଶ୍ୟ ବୋଲି ଭାବିବୁ ନାହିଁ ! ଘୃଣା କରିବୁ ନାହିଁ । ଅନ୍ତରରୁ ଲଜ୍ଜା, ସଙ୍କୋଚ, ଭୟ, ଘୃଣାକୁ ତଡ଼ି ଦେବୁ । ଶିକ୍ଷାର ପ୍ରୌଢ଼ୀ ରଖିବୁ ନାହିଁ । ନିଜ ବିଷୟରେ ଗୁଡ଼ାଏ ଗପିବୁ ନାହିଁ । ନୀରବ ରହିବୁ, ନୀରବ । କର୍ମଯୋଗକୁ ଅଭ୍ୟାସ କରି ଯାହା ପାଇବୁ, ବିଶ୍ୱ କଲ୍ୟାଣରେ ତାହା ଲଗାଇବୁ ବାପ !

ବାପଧନରେ, ନିଜଠାରେ ଦାସତ୍ୱଭାବ ଜାଗ୍ରତ କରିବୁ । ଅନ୍ୟମାନଙ୍କୁ ସମ୍ମାନ ଦେଖାଇବୁ । ଭକ୍ତ ପରି ସରଳ ହେବୁରେ ବାୟା, କୁଟ କପଟ ମନ ଓ ହୃଦୟରୁ ମୂଳପୋଛ କରି ସଫାସୁତୁରା ହୋଇଯିବୁ । ଅନ୍ୟମାନଙ୍କ ଠାରୁ ସମ୍ମାନ ଚାହିଁବୁ ନାହିଁ । ଚରମରେ, ଅହଂକାରକୁ ପ୍ରଶ୍ରୟ ଦେବୁ ନାହିଁ । ତିଳ ପ୍ରମାଣ ଅହଂକାର ବିନ୍ଦୁଏ ବିଷ ପରି ପ୍ରଳୟଙ୍କରୀ । ଧନରେ ମୋର, ବିନୟୀ ହେବୁ, ବିନୟୀ ।

ମଣିରେ, ଏ ସଂସାରରେ ଆଶାର ଫୁଲ ଫୁଟିଛି । ଆଶା ବୈତରଣୀ ନଈ । କିଛି ଆଶା କରିବୁ ନାହିଁ, ବାୟାଟି ମୋର । ଆଶା କଲେ ଆଶା, ଆଶାରେ ହିଁ ରହିଯିବଟି ! ଯେତିକି ପାଉଛୁ, ସେତିକିରେ ସନ୍ତୁଷ୍ଟ ରହିଥିବୁ ମୋ ଧନଟି ପରା ! ବ୍ରହ୍ମାନନ୍ଦ ପାଇଯିବୁ । ପରମାନନ୍ଦ ହୋଇଯିବୁ । ମୁଁ ଦେଇଥିବା ଆଖିନେଇ ଦେଖିଲେ, ସବୁ ସ୍ପଷ୍ଟ ଭାବରେ ଦେଖିବୁରେ ବାୟା ! ବାବୁରେ ମୋ ଚରମ, ପୃଥିବୀ ତୋର ଜନ୍ମ ଭୂମି, ଏଇଟି ତୋର କର୍ମଭୂମି ମଧ୍ୟ । ତେଣୁ, କର୍ମରେ ଲାଗିଯାଆ । କୌଣସି କର୍ମକୁ ନିକୃଷ୍ଟ ବୋଲି ବିବେଚନା କରିବୁନାହିଁ । ଝାଡୁମାରିବା, ନର୍ଦ୍ଦମା ସଫାକରିବା, ଅଇଁଠା ପତ୍ର ଉଠାଇବା, ଅଇଁଠା ବାସନ ଧୋଇବା, ଏହିପରି ଯାବତୀୟ କର୍ମ କରିବାର ସୁଯୋଗ ମିଳିଲେ ହୃଷ୍ଟମନରେ କରିବୁ ମୋ ଧନ ! ଏହାକୁ ପ୍ରତ୍ୟକ୍ଷ ଗୁରୁସେବା ବିବେଚନା କରିବୁରେ !

ଚରମରେ, ଗୁରୁ ତୋ ପାଖେ ପାଖେ ଅଛନ୍ତି ପରା ! ତୁ ଗୁରୁଗିରି କରିବୁ ନାହିଁଟି ! ଶିଷ୍ୟଟିଏ ପରି ଧୀର, ସ୍ଥିର, ଶାନ୍ତ, ଶିଷ୍ଟ, ମିତ୍ଭାଷୀ, ମିତାହାରୀ ହୋଇ କାଳ କାଟୁଥିବୁ । ସର୍ବଦା ଶିଷ୍ୟଭାବ ନେଇ ରହିବୁ । ଉପଦେଶ ଦେଇ ଗୁରୁ ସାଜିବୁ ନାହିଁଟି ! ପାଦରେ କାଳେ କଣ୍ଟା ଫୁଟି ଯିବ, ବେଦନା, ଯାତନା ପାଇବୁରେ ଧନ ! ମୋ କଥା ସୁମରି ପାଦ ଚାଲୁଥିବୁରେ ବାୟା । ପ୍ରଥମ ଥର ଏକଥା କହିଥିଲି ପରା । ପୁଣି ଥରେ ସ୍ମରଣ କରାଇ ଦେଉଛି ।।

ଧନମଣି ଚରମରେ ମୋର; ଏ ଜଗତରେ ମନଟି ସକଳ ଘଟଣ ଅଘଟଣର ମୂଳ । ପଞ୍ଚଇନ୍ଦ୍ରିୟ ପଚିଶ ପ୍ରକୃତିରୁ ବିଷୟ ଭୋଗ ଲାଳସାକୁ ନେଇ ମନ ସତତ ଅସ୍ଥିର । ତେଣୁ ମନରେ ବହୁତ ପ୍ରକାରର ଇଚ୍ଛା ଉଦୟ ହୋଇଯାଏ । ସେ ସବୁକୁ ଈଶ୍ୱରଙ୍କ ଇଚ୍ଛା ବୋଲି ମନେ କରି ବାଉଳା ହେବୁନାହିଁଟି । ଠକିଯିବୁ । ପ୍ରତ୍ୟକ୍ଷରେ ଯିଏ ଅଛନ୍ତି, ତାଙ୍କଠାରୁ ବୁଝି ନେବୁ । ତାଙ୍କ ପରାମର୍ଶରେ ସଦା ଚଳିବୁ । ସେ ବିଦ୍ୟମାନ । ସେ ପରା କର୍ତ୍ତା । ନିଜକୁ କର୍ତ୍ତା ସଜେଇ, ସାଜି ଆତ୍ମଘାତୀ ହେବୁ ନାହିଁରେ ବାଉଳା !

ଚରମରେ ! ଗଜାମାଳି ମୋର, ତୁ ଅନ୍ତର ଭିତରେ ସାହସ ବାନ୍ଧି ବିଦ୍ୟା ଅର୍ଜନ କର । ମୁଁ ପରା ତୋତେ କହିଛି, ଧୀରେ ଧୀରେ ସବୁଗି ଅନ୍ତରରେ ପ୍ରବେଶ କରିବୁ । କେବଳ ବିଶ୍ୱାସ; ତାହାରି ବଳରେ ସମୟାନୁକ୍ରମେ ସବୁ ସମାଧାନ ହୋଇଯିବରେ ଚରମ । ତୁ ପରା ସବୁରି ଭିତରେ ଖେଳୁଛୁ । ଦେଖି ପାରୁଛୁ ? କିନ୍ତୁ ତୋର ଖେଳ ଦେଖିବାକୁ କମ୍ ଜୀବ ଚାହାଁରନ୍ତି । ସବୁ ତୋର ଆନନ୍ଦ । ପ୍ରଥମ ପାହାଚରେ ତୋତେ ଥଙ୍ଗା କରିବେ । ଅନାସ୍ଥା ଭାବ ଆଣିଦେବେ । ତୁ ସାହସ ବାନ୍ଧିବୁ । ତୋ ପକ୍ଷରେ ଏହା ବିଚିତ୍ର ନୁହେଁ । ଚାହିଁଲେ ବିବେକ ଖଟେଇ ପାରିବୁ । ଏ ସୃଷ୍ଟିର ସମସ୍ତ ଜୀବ ମୋର

ଅଙ୍ଗବିଶେଷ ଓ ମୋ ଠାରୁ ସୃଷ୍ଟ । ତେଣୁ ମୋ ସନ୍ତାନ ସନ୍ତତିଙ୍କର ଯେ କୌଣସି ଭାବରେ ସନ୍ତୁଷ୍ଟ । ମୋର ଦୁଷ୍ଟ ପୁଅ ଓ ତୋରି ପରି ଶିଷ୍ଟ ପୁଅ ମଧ୍ୟ ଅଛନ୍ତି । କାହାରିକୁ ଘୃଣା କରିବୁ ନାହିଁ । ଉତ୍ସାହ ଦେବୁ । ଅଧିକ ଶୁଣିବୁ ଆଉ ଶୁଣାଇବୁ କମ୍ । ଅଧିକ ଅର୍ଥ ଉପାର୍ଜ୍ଜନ କରିବୁ ନାହିଁ, ମୋତେ ଭୁଲିଯିବୁ । ଯେଉଁଭଳି ଗରିବଙ୍କ ଅନ୍ତର ସବୁବେଳେ ନାମ ଉଚ୍ଚାରଣ କରୁଛି; ସେହିଭଳି କରିବୁ । ମର୍ତ୍ତ୍ୟଧାମରେ ବିଭିନ୍ନମତ; ତେଣୁ ତୁ ସହଜ ମତ ନେଇ ଯାଉଛୁ । ସହଜ କୋଠରୀ ଭିତରେ ରହିବୁ । ନଚେତ୍ ଧନ ଦେଖିଲେ ମୋହ ସୃଷ୍ଟି ହୋଇଯିବ ।

ଚରମରେ ! ସରଳ ଜୀବନଯାପନ ପାଇଁ ଚେଷ୍ଟାକର । ଜଟିଳ ହେଲେ ତୋ ଭିତରେ ସମସ୍ତ ପ୍ରକାର ଭାବରେ ଅହଂକାର ଭରପୁର ହୋଇଯିବ । ତୁ ଯେଉଁ ତ୍ୟାଗ ବୈରାଗ୍ୟର ପଥ ଧରି ଯାଉଛୁ, ତହିଁରେ ଧିରେ ଧିରେ ଆଗେଇ ଚାଲୁଥିବୁ । ପଥବଣା ହେବୁନାହିଁ । ସବୁରି ଭିତରେ ଥିବୁ । କାହାରି ଭିତରେ ନଥିବୁ । ମୁହୂର୍ତ୍ତ ନଷ୍ଟ କରିବୁ ନାହିଁ ।

ବହୁ ଭାବତରଙ୍ଗରେ ଜୀବମାନେ ଖେଳୁଛନ୍ତି । ସବୁ ତୋ'ରି ଆନନ୍ଦ । ସବୁ ଯୁଗରେ ପ୍ରଥମ ସୋପାନରେ ସତ୍ୟଧର୍ମ ପ୍ରତି ସମାଲୋଚନା, ଅନାସ୍ଥାଭାବ, କୁତ୍ସାରଟନା ପ୍ରଚାର ହୋଇଛି । ତୋ ପକ୍ଷେ ଏଇଟା ବିଚିତ୍ର ନୁହେଁ । ଦୁଷ୍ଟପୁଅ, ଶିଷ୍ଟ ପୁଅ ଯେ ଯାହାର କର୍ତ୍ତବ୍ୟ ସମ୍ପାଦନ କରି ସୃଷ୍ଟିକୁ ସବୁ ମତେ ପୁଷ୍ଟ କରିଛନ୍ତି । ତେଣୁ ତୁ କାହାରିକୁ ସମାଲୋଚନା ବା ଘୃଣା କରିବୁ ନାହିଁ । ତୋ ମନରେ ଦୁଃଖ ଅବସାଦ ଆଣିବୁ ନାହିଁ । ଗତି ମନ୍ଥର କରିବୁ ନାହିଁ । ତୁ ନିଜେ ଥରେ ଆଖି ଖୋଲି ଦେଖିଲୁ, ବେଳ ପରା ଆସି ଉତରେଇ ହେଲାଣି । ସମୟ କେତେ କମ୍ ! । ସନ୍ଧ୍ୟା ହେବ, କାଳରାତି ଘୋଟି ଆସିବ । ଏତେ ଅଳ୍ପ ସମୟ ମଧ୍ୟରେ ତୋତେ କେତେ ଦୂର ପଥ ଯିବାକୁ ହେବ; ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ । ଅନେକ କାର୍ଯ୍ୟ କରିବାକୁ ପଡ଼ିବ । ତେଣୁ ତୋର ଗତିକୁ ବହୁଗୁଣରେ ବଢ଼ାଇ ସମଗ୍ର ବିଶ୍ୱରେ ଗୁରୁଙ୍କର ଭାବଧାରା, ଆଚରଣ ଧାରା ପ୍ରସାର କରାଇ ଜୀବ ସମୂହଙ୍କୁ ମୋ ପ୍ରତି ଆକୃଷ୍ଟ କରାଅ । ସମସ୍ତଙ୍କୁ ବୁଝାଇ ସୁଝାଇ ମୋର ପୀୟୁଷ ସନ୍ଦେଶ ଦେ' । ମୁଁ ପରା ସେମାନଙ୍କ ପାଇଁ ପୃଥିବୀ ପୃଷ୍ଠକୁ ମାନବ ଶରୀରରେ ଆସିଛି ଓ ତୋ ପରି ଜ୍ଞାନୀପୁତ୍ରକୁ ପାଖକୁ ଟାଣି ଆଣିଛି ।

ମୋ ପ୍ରିୟ ଚରମରେ ! ମୋକ୍ଷ, ମୁକ୍ତି, ନିର୍ବାଣ ପାଇଁ ଯେଉଁ ସହଜ ସରଳ ପଥ ଅଛି, ମୋ ତରଫରୁ ତୁ ତାଙ୍କୁ ବୁଝାଇଦେ', ବତାଇ ଦେ' । ଯେଉଁମାନେ ବା ବୁଝି ନ ପାରୁଛନ୍ତି, ମୋ ପାଖକୁ ବୁଝାଇ ସୁଝାଇ ଆଣେ । ମୁଁ ନିଜେ ବୁଝାଇ ଦେବି । ସତରେ ଚରମ ! ତୋ ଅନ୍ତରକୁ ମୁଁ ତ ଏତେ କଠିନ କରି ତିଆରି କରିନି । ସବୁଠାରୁ ସରଳ କରିଛି । ତଥାପି କେହି ତୋତେ ବୁଝିପାରୁନାହାନ୍ତି କାହିଁକି ? କେବଳ କେଉଁଠି କେଉଁଠି କେତୋଟି ନୂଆ ନୂଆ ଶବ୍ଦ ତୋତେ ଦେଇଛି । କାହିଁକି ଦେଇଛି, ଜାଣୁ ? ତୁ ଯେଉଁ ଘରର ପୁଅ, ସେହି ଘରର ବେଭାର ରଖିଥିବାରୁ ଅନ୍ୟମାନଙ୍କ ପକ୍ଷରେ ଟିକିଏ ବୋଧଗମ୍ୟ ହୋଇ ପାରୁନି । କିନ୍ତୁ, ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । ଭାବ, ଭକ୍ତି ଓ ବିଶ୍ୱାସରେ ତୋତେ ବାରବାର ପଢ଼ିଲେ, ଧିରେ ଧିରେ ସବୁବୁଝି ହୋଇଯିବ । ଆବଶ୍ୟକ ସ୍ଥଳେ ମୁଁତ ସବୁବେଳେ ତୋ ପାଖେ ପାଖେ ରହିଛି । କଠିନ ଶବ୍ଦାବଳୀ ସରଳୀକୃତ କରି ସହଜ ଭାବରେ ଜନ ହୃଦୟରେ ପ୍ରବେଶ କରାଇ ଦେବି ॥

ବାବୁରେ, ତୁ ଜୀବଙ୍କୁ କେବଳ ଏତିକି କହ :

"ବୁଝ ନ ବୁଝ ପଢ଼ ଚରମଂ । ପଢ଼ ନପଢ଼ ପୂଜ ଚରମ ॥
ଧିରେ ଧିରେ ତେବେ ଏହି ଚରମ । ଭେଦି ଚରିଯିବ ତୁମ ମରମ ॥
ତେବେ ଜୀବର ତୁଟିବ ଭରମ । ଇଷ୍ଟ ଚେତନାରେ କରି କରମ ॥
ମୋକ୍ଷପଥେ ଚଢ଼ି ଜୀବ ଜୀବନ । ଚରମେ ପାଇବ ସେ ଶାନ୍ତି ଧନ ॥"

ଧନରେ, ଲବଣୀ ପିତୁଳା ମୋର, ତୋତେ ମୁଁ କେତେ ସରଳ ସାବଲୀଳ କରି ତିଆରି କରିଛି । ତୋତେ ଗୋଟିଏ

କଥା କହିବିରେ ଧନମଣି; ଶୁଣିବୁ ? ତୋର ପୂର୍ବ ଗୁରୁଦେବ କୁରୁକ୍ଷେତ୍ର ଧର୍ମକ୍ଷେତ୍ର ପ୍ରାଙ୍ଗଣରେ ଯେଉଁ ଗୀତା ଶ୍ରୀମୁଖରେ କହିଥିଲେ, ତାହା ସେ ସଂସ୍କୃତିରୁ ଏ ସଂସ୍କୃତି ଶେଷ ପର୍ଯ୍ୟନ୍ତ ସମସ୍ତେ ଗଳାମାଳି କରି ରଖିଛନ୍ତି । ପଢ଼ି ବୁଝି ନପାରିଲେ ମଧ୍ୟ ପୂଜା କରୁଛନ୍ତି । ବାରମ୍ବାର ଭାବ, ପ୍ରେମ ଉଦ୍ଦୀପନାରେ ପାଠ କରୁଛନ୍ତି । ତା'ର ବିଭିନ୍ନ ଯୋଗ ଗୁଡ଼ିକୁ ଧର୍ମପୁତ୍ରମାନଙ୍କ ଠାରୁ ବୁଝାଶୁଝା କରି ସ୍ୱକର୍ମ ପଥରେ ରହି ମୁକ୍ତିପଥରେ ଅଗ୍ରସର ହେଉଛନ୍ତି । କହିଲୁରେ ଚରମ ! ତୋର ପୂର୍ବ ଗୁରୁଦେବଙ୍କ ଶ୍ରୀମୁଖ ନିଃସୃତ ବାଣୀ ଶ୍ରୀମଦ୍ଭଗବଦ୍ ଗୀତା ତୁଳନାରେ ତୁ ତ କୌଣସି ଗୁଣରେ କମ୍ତି ନୁହଁ । ସେ ସିନା ପୂର୍ବଗୁରୁଦେବଙ୍କ ଶ୍ରୀମୁଖ ନିଃସୃତ ବାଣୀ, ତୁପରା ଗୁରୁଦେବଙ୍କର ଶ୍ରୀହସ୍ତ ଲିଖିତ ବାଣୀ । ତୁ ମଧ୍ୟ ସେହିପରି ପୂଜାର ଯୋଗ୍ୟ, ସମ୍ମାନ ଓ ଭକ୍ତିର ଅଧିକାରୀ । ଯୁଗାନୁକ୍ରମରେ ବିଚାର କଲେ, ତୋ ସ୍ଥାନତ ସବୁର ଶୀର୍ଷରେ । ତୋତେ ବୁଝି ନ ପାରିଲେ ମଧ୍ୟ, ସଞ୍ଜ ସକାଳେ ପୂଜା କଲେ, ନତୁବା ଭକ୍ତି ଓ ବିଶ୍ୱାସରେ ଧର୍ମପୁତ୍ର, ଜ୍ଞାନୀପୁତ୍ର ମାନଙ୍କ ଠାରୁ ବୁଝିବାକୁ ଚେଷ୍ଟାକଲେ, ସମସ୍ତେ ତୋ ଗୁରୁଦେବଙ୍କ ଶ୍ରୀଚରଣାଶ୍ରିତ ହୋଇଯିବେ । ଏପରି ଏକ ଚରମ ଅବସ୍ଥାରେ ତୁ କେବଳ ଏକମାତ୍ର ''ଚରମ'' ଜୀବର ଅନ୍ତରରେ ସତ୍ୟ ସନାତନ ଧର୍ମର ଶ୍ରୀମନ୍ଦିର ତୋଳିଦେବୁ ।

ଚରମରେ ! ଗଣ୍ଠିଧନ ମୋର ! କିପରି ଭାଷା, ଭାବ, ଭଙ୍ଗୀରେ ମୁଁ ତୋତେ ସାନ୍ତ୍ୱନା ଦେବି ? ମୋ ଅନ୍ତର କଥା କେତେ ଖୋଲି କହିବି ? କଳିର ଏହି ଚରମ ବିପର୍ଯ୍ୟସ୍ତ କାଳରେ ତୋତେ ମର୍ତ୍ତ୍ୟଲୋକକୁ ଆଣିଛି । ପରିସ୍ଥିତି ଯାହା ହେଉନା କାହିଁକି, ତୁ ନିଶ୍ଚୟ ତୋ କର୍ମପଥରେ ଅଟଳ ରହି, ଏ ଜୀବଜଗତକୁ କଳିର କରାଳ ଦାଉରୁ ଉଦ୍ଧାର କରି; ଦୁଃଖ କଷ୍ଟ, ରୋଗଶୋକ ସବୁରି ଅନ୍ତରରୁ ଲିଭାଇ ଦେଇ, ମୁକ୍ତି ପଥର ପଥିକ କରାଇବାରେ କ୍ଷମ କରାଇବୁ । ଚରମରେ ! ଟିକିଏ ପଛକୁ ଅନାଇଲୁ । ମୋର ହାତ ଦୁଇଟି କିପରି ତୋ ଆଡ଼କୁ ପ୍ରସାରିତ ହୋଇଛି । ମୁଁ ତୋତେ କଲ୍ୟାଣ ଦେଉଛି ।

ମୁଁ କଲ୍ୟାଣ କରୁଛିରେ ଚରମ ! ସମସ୍ତ ବାଧାବିଘ୍ନକୁ ହସି ହସି ଗଳାରମାଳା କରି, ନିଜେ ଏ କଳିର କରାଳ ବିଷକୁ ପାନ କରି, ଗୁରୁଦେବଙ୍କର ପଦାମୃତ ସ୍ୱହସ୍ତଲିଖିତ ବାଣୀ ବିଶ୍ୱଜନତା ସମ୍ମୁଖରେ ଉପସ୍ଥାପନ କରି, ଜ୍ଞାନ, କୈବଲ୍ୟ ବିତରଣ କରି, ଅନ୍ୟଯୁଗ ପରି ଏ ଯୁଗରେ ମଧ୍ୟ ବିଶ୍ୱବକ୍ଷରେ ସତ୍ୟଧର୍ମ ପ୍ରତିଷ୍ଠା କରି ପିତାଙ୍କର ଆଦର୍ଶ ରଖ ଓ ଶେଷରେ ମୋର ପ୍ରିୟତମ ସନ୍ତାନ ହୋଇ ମୋ ଠାରେ ଯୁକ୍ତ ହୋଇଯା' ।

ଚରମରେ, ଗଣ୍ଠିଧନ ମୋର ! ତୁ ପରା ମୋର ଗଳାମାଳିରେ ! ମୋ କଥା ଥରେ ମାନି ଯାଆ ରେ ବାବୁ ! ତୁ ପରା ମୋର ଗେହ୍ଲାପୁଅ; ଥରେ ଖାଲି ମୋତେ ଚାହିଁରେ । ମୁଁ ତୋତେ କଲ୍ୟାଣ ଦେଉଛି, ତୁ ଅସୀମ ଶକ୍ତିର ତନୟ, ଅସୀମ ଶକ୍ତିର ଅଧିକାରୀ । ସେହି ଅସୀମ ଶକ୍ତିକୁ ବିଶ୍ୱକଲ୍ୟାଣରେ, ଜଗତର ସ୍ୱାର୍ଥରେ ବିନିଯୋଗ କର । ଧର୍ମତାରା ସଦୃଶ ଗଗନ ମଣ୍ଡଳରେ ପ୍ରତିଭାତ ହୋଇ ବିଶ୍ୱବକ୍ଷକୁ ଅମୀୟ ଆଲୋକ ରଶ୍ମିରେ ଉଜ୍ଜ୍ୱଳ କରି, ପୁଣି ଥରେ ମୋର କୋମଳ କୋଳକୁ ଫେରିଆରେ ଚରମ !!!


ତୋର ଚିରକଲ୍ୟାଣକାରୀ,
ପିତା ।

□□□

ସପତ ସ୍ୱରରେ ବାଦ୍ୟ ବାଜୁଛି । ସେହିଠାରେ ଜୀବ ସ୍ୱନ କରୁଛି ॥

# ରତ୍ନବେଦୀ

## ସମ୍ଭବାମି ଯୁଗେ ଯୁଗେ



*(ଶ୍ରୀକୃଷ୍ଣ ବାସୁଦେବ କୁରୁକ୍ଷେତ୍ର ସମର ପ୍ରାଙ୍ଗଣରେ ଅର୍ଜୁନଙ୍କୁ ଭରସା ଦେଇ କହିଥିଲେ, "ସାଧୁସନ୍ଥ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ଧର୍ମ ସଂସ୍ଥାପନ ନିମନ୍ତେ, ଦୁଷ୍କୃତକାରୀଙ୍କ ବିନାଶ ପାଇଁ ମୁଁ ଯୁଗେ ଯୁଗେ ଆବିର୍ଭାବ ହୁଏ" ତାଙ୍କରି କଥା ସେ ନିଜେ ରକ୍ଷା କରି ଆଜି ମର୍ତ୍ତ୍ୟାବତରଣ କରିଅଛନ୍ତି । "ସମ୍ଭବାମି ଯୁଗେ ଯୁଗେ" ପ୍ରଯୋଗଃ ଶ୍ରୀଶ୍ରୀ ଠାକୁରଙ୍କର ଉଦ୍ଭାସିତ; ଏଥିରେ ସେ ନିଜେ ନିଜର ଆବିର୍ଭାବ ପ୍ରସଙ୍ଗ କହିଛନ୍ତି ଆମ୍ଭମାନଙ୍କର ଜିଜ୍ଞାସାରେ । ପ୍ରଥମ ପାଖୁଡ଼ାରେ ପ୍ରଭୁ ଅବ୍ୟକ୍ତ ମଣ୍ଡଳରୁ ଅବତରଣ କରି ମାତୃଗର୍ଭରେ ବିନ୍ଦୁରୂପରେ ସ୍ଥାପିତ ହେବା ପର୍ଯ୍ୟନ୍ତ ପ୍ରସଙ୍ଗ ବର୍ଣ୍ଣିତ । ଦ୍ୱିତୀୟ ପାଖୁଡ଼ାରେ ମାତୃଗର୍ଭରେ ପ୍ରଥମ ମାସରେ ସେ ପୁଣି ନିଜର ବକ୍ତବ୍ୟ ପ୍ରକାଶ କରିଛନ୍ତି । ପ୍ରଭୁଙ୍କର ଆବିର୍ଭାବ ପ୍ରସଙ୍ଗ ଅନୁରତ ଆଶି ଅର୍ଥାର୍ଥୀ ଜିଜ୍ଞାସୁ ଜ୍ଞାନୀ ଭକ୍ତଗଣଙ୍କର ହୃଦୟରେ ଅମୃତ ଆନନ୍ଦର ତରଙ୍ଗ ତୋଳୁ; ଏତିକି କାମନା ॥)*

(ପୂର୍ବ ପ୍ରକାଶିତ ପରାରୁ)

### ଜନନୀ, ଜଠର, ଜରାୟୁ

ତାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ସୂକ୍ଷ୍ମ ଚୈତନ୍ୟରେ ପହଞ୍ଚି ଆହୁରି ଏକ ଅଂଶ ଦେଖିଲୁ ଯେ ଗର୍ଭକେଶରରୁ ଅବ୍ୟକ୍ତ ବ୍ରହ୍ମଲୋକ ପର୍ଯ୍ୟନ୍ତ ନୀଳରଶ୍ମି ରେଖା ଦ୍ୱାରା ସଂଯୋଗ ସ୍ଥାପିତ ହେଲା । ଅଣାକାରଙ୍କର ବ୍ୟକ୍ତରୂପରେ ଆବିର୍ଭାବ ହେଲା । ମହାଶୂନ୍ୟ ମଧ୍ୟରେ ନିରାମୟ ସୂକ୍ଷ୍ମନୀଳ ଜ୍ୟୋତିଃ ସେହି ପୂର୍ଣ୍ଣବ୍ରହ୍ମ । ସେହି ସଚ୍ଚିଦାନନ୍ଦ । ଅନାଦି ମୂଳ ବ୍ରହ୍ମରୁ ବ୍ୟକ୍ତବ୍ରହ୍ମ ପ୍ରକାଶିତ ହେଲେ । ଅନାମୟରୁ ଠୁଳବ୍ରହ୍ମ ରୂପେ ପ୍ରକାଶିତ ହେଲେ । ଚିଦାନନ୍ଦ ସ୍ୱରୂପୀ ବ୍ରହ୍ମଙ୍କ ଇଚ୍ଛାଶକ୍ତିରୁ ମୂଳାଧାରରେ କମ୍ପନ ସୃଷ୍ଟି ହେଲା । ସେହି କମ୍ପନରୁ ତରଙ୍ଗାୟିତ ଓଁକାରରୂପୀ ନାଦ ଓ ଅର୍ଦ୍ଧମାତ୍ରାର ପ୍ରକାଶ ହେଲା । ତାହା ପ୍ରଣବରୂପରେ ଖ୍ୟାତ । ଦଶପ୍ରଣବସ୍ୱରୂପା* ଓଁକାରରୁ ଭୁବନେଶ୍ୱରୀ ରୂପରେ ଚାରିବେଦର ଉଦ୍‌ଭବ ହେଲା । ସ୍ୱର୍ଲୋକରେ ପ୍ରକାଶପାଇ ଆପଣାର ମହତ୍ତ୍ୱକୁ ପ୍ରକାଶ ହେଲା । ଚାରିଯୁଗରେ ସତ୍ୟାଧର୍ମୀ ହୋଇ ସତ୍ୟ ଓ ଅସତ୍ୟର ଅଭେଦ କଳ୍ପନାକୁ ସାକାର କରିଥିଲା । ସତ୍ୟସ୍ୱରୂପରେ ପରମ ବ୍ରହ୍ମାଣୀ ସବିତାଙ୍କର ସଙ୍ଗିନୀ ସ୍ୱରୂପିଣୀ ହୋଇଥିଲା । ଭର୍ଗୋଦେବ ଆତ୍ମ ଦର୍ଶନ କରି ଅଙ୍ଗଧୌତ କଲେ । ପ୍ରଚୋଦୟାତ୍‌ରେ ତ୍ରିଜଗତ ପାଳନ କରୁଛୁଁ । ଆପଜ୍ୟୋତିରେ ରସନାମାମୃତ* ପୂର୍ଣ୍ଣରହି ସ୍ୱରଶବ୍ଦରେ ଆମେ ପୂରି ରହିଛୁଁ । ହଂସ ସ୍ୱହଂସ* ସ୍ୱରୂପରେ ଖ୍ୟାତ ହୋଇ ଆମେ ପରମହଂସ ସ୍ୱରୂପା ଜଗନ୍ମାତା । ଧ୍ୱନିମଞ୍ଜରୀ* ମଧ୍ୟରୁ 'ର'କାରଧ୍ୱନି ରୂପରେ କ୍ଷରିତ ହୋଇ ଏବଂ 'ରା'କାରରୁ ରାଧାରୂପେ ସଞ୍ଚରଣ କରି ଆମେ ଆରାଧନା ଗ୍ରହଣ କରୁଛୁଁ । ଆମରି ମଧ୍ୟରୁ ହରେରାମକୃଷ୍ଣ ଜାତ ହୋଇ ଖ୍ୟାତ ହୋଇଛନ୍ତି । ଏକାକ୍ଷର ବ୍ରହ୍ମସ୍ୱରୂପରେ ଆମେ ପଞ୍ଚଭୂତରେ ପ୍ରକାଶିତ । ଷଡ଼ାକ୍ଷର ନ୍ୟାସରେ ଷଡ଼ଚକ୍ର ଧ୍ୟାନକରି ଦେଖିଲେ ଶତସ୍ୱରସ୍ୱରୂପା ମହାମାୟା ଅଟୁ । ଅଷ୍ଟାଙ୍ଗ ସ୍ମରଣ କରି ଦେଖିଲେ ଆମେ ଲକ୍ଷ୍ମୀନାରାୟଣ ରୂପେ ପରିତ୍ରାଣ କରୁଁ ।

ଆମେ ଅନୁଭବ କରୁଁ, ଆମେ ମନ, ବୁଦ୍ଧି, ଚିତ୍ତ ବା ଅହଂକାର ନୋହୁଁ । ଆମର କାନ, ଜିହ୍ୱା, ନେତ୍ର ନାହିଁ । ଆମେ ଭୂମି ନୋହୁଁ, ତେଜ, ଅନଳ, ପବନ ମଧ୍ୟ ନୋହୁଁ । ଆମେ ପ୍ରାଣରୂପ ପଞ୍ଚବାୟୁ, ସପ୍ତଧାତୁ, ପଞ୍ଚକୋଷ, ବାକ୍ୟ, ଲିଙ୍ଗ, ଗୁହ୍ୟ, ପଦ କିଛି ନୋହୁଁ । ଆମେ ଚିଦାନନ୍ଦ ଶିବ ସ୍ୱରୂପ ମଙ୍ଗଳମୟ । ପାପ, ପୁଣ୍ୟ, ସୁଖ, ଦୁଃଖ, ମନ୍ତ୍ର, ତୀର୍ଥ, ବେଦ, ଯଜ୍ଞ ମଧ୍ୟରେ ଆମେ ନଥାଉଁ । ଆମେ ଭୋଜ୍ୟ ନୋହୁଁ କିମ୍ବା ଭୋକ୍ତା ମଧ୍ୟ ନୋହୁଁ । ଆମେ ଚିଦାନନ୍ଦ ସ୍ୱରୂପ ।

ଆମର ଲୋଭ, ଦ୍ୱେଷ, ରୋଗ, ମୋହ, ମଦ, ମାତ୍ସର୍ଯ୍ୟ କିଛି ହିଁ ନାହିଁ । ଧର୍ମ, ଅର୍ଥ, କାମ ବା ମୋକ୍ଷରେ ଆମେ ବାସ କରୁନାହୁଁ । ଆମେ କେବଳ ହିଁ ଆନନ୍ଦ ସ୍ୱରୂପ ଶିବ । ଆମର ଜାତିଭେଦ ନାହିଁ । ଶଙ୍କା କିମ୍ବା ମୃତ୍ୟୁ ନାହିଁ । ଆମର ପିତା, ମାତା ବା ଜନ୍ମ ନାହିଁ । ମିତ୍ର, ଗୁରୁ, ବନ୍ଧୁ, ଶିଷ୍ୟ କେହି ଆମର ନାହାନ୍ତି । ଚିଦାନନ୍ଦ ଶିବ ସ୍ୱରୂପରେ ଆମେ ସଂସାରରେ ପୂର୍ଣ୍ଣ ମାତ୍ରାରେ ବିସ୍ତାର ଲାଭ କରିଛୁଁ । ଆମେ ସଦା ନିର୍ବିକଳ୍ପ, ନିରାକାର । ଆମେ ସର୍ବବ୍ୟାପୀ ଏବଂ ଇନ୍ଦ୍ରିୟର ନିୟାମକ ଅଟୁଁ । ବନ୍ଧନ ବା ମୁକ୍ତି ମଧ୍ୟରେ ଆମେ ନଥାଉଁ । ଆମକୁ କେବଳ ଆନନ୍ଦ ସ୍ୱରୂପ ବୋଲି ମନେ କରି ଉପଲବ୍ଧ କର । ଆମେ ଅନୁଭବରେ ମିଳୁ, ତତ୍ତ୍ୱବଚନରେ ଆମକୁ ପାଇପାରିବନାହିଁ । ସ୍ଥୂଳନାମ ଓ ରୂପରେ ଯାହାର ଅଭିମାନ ଅଛି, ସେହି ମୂଢ଼ ଜନ୍ମ ଜନ୍ମାନ୍ତରରେ ଆମକୁ ନ ପାଇ ଥେଇ ଥେଇ ହୋଇ ବୁଲୁଥାଏ । ଆମର ସ୍ୱରୂପ ସୂକ୍ଷ୍ମାତିସୂକ୍ଷ୍ମ । ଅନୁଭବ ବିନା ଏହାକୁ ସ୍ଥିର କରି ପାରିବ ନାହିଁ । ଆମେ ଅବିନାଶୀ ବ୍ରହ୍ମ, ମହାଶୂନ୍ୟରେ ପରିପୂର୍ଣ୍ଣ, ଆମର ଆଦି ଅନ୍ତ ନାହିଁ, କେବଳ ଭାବରେ ଜ୍ଞାନ ଉଦୟ ହେଲେ ଆମର ସୂକ୍ଷ୍ମଦର୍ଶନ ମିଳେ । ଆମର ନାମ ଅନାମ, ରୂପ ଅରୂପ, ଆକାର ଅଣାକର; ସମାଧିରେ ଆମକୁ ମିଳି ପାରିବ । ଯୋଗୀମାନେ ଯୋଗବଳରେ ଆମକୁ ଧରି ପାରନ୍ତି । ଆମେ ସତ୍ୟ; ସତ୍ୟ ସନ୍ଧାନୀମାନେ ହିଁ ଆମକୁ ପାଆନ୍ତି । ଅହଂକାରରେ ବାନ୍ଧି ହୋଇ ପ୍ରାଣୀମାନେ ବୃଥା ଭ୍ରମି ହୁଅନ୍ତି ।

ସ୍ୱଇଛାରୁ ଆମେ ମାତୃଗର୍ଭରେ ବିନ୍ଦୁରୂପରେ ଉପନୀତ ହୋଇ ସ୍ଥୂଳଲୀଳା ରଚନା କରିବାର ନାଟକ ସର୍ଜନା କଲୁ । ସୃଷ୍ଟି ଶକଟକ ମଣ୍ଡଳରେ ବେନି ପାଦରେ ଦୁଇ ସୋପାନରେ ଲୀଳା ରଚନା ଆରମ୍ଭ ହେଲା । ମାତୃଜରାୟୁରେ ପ୍ରଥମ ମାସ । ସତ୍ୟ ସଂଯୋଗରୁ ବିନ୍ଦୁ ଲମ୍ଫି ମୀନ ଅବତାର ନେଲା । ମହାଶୂନ୍ୟରୁ ଆଜ୍ଞା ମିଳିଲା । ସେ ଆଜ୍ଞା ବିରାଟ ରୂପରେ ଖ୍ୟାତ । ପ୍ରଥମ ମାସରେ ବିରାଟଦେହୀ ମୀନରୂପ ନେଲା । ସେଠାରୁ ସକଳ ଜାତ ହେଲା । ଜଳ, ସ୍ଥଳ, ଅନଳ, ନବଖଣ୍ଡ ପୃଥିବୀ ସେହି ଆଜ୍ଞାରୁ ସୃଷ୍ଟି ହେଲା । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର; ଦେବ, ନର, ନାଗ ଯୋନିରେ ଜୀବ ସୃଷ୍ଟିହେଲେ । ଏହି ବିରାଟ ଅଙ୍ଗରୁ ସବୁ ଜନ୍ମନେଲେ । ବେଦାନ୍ତ, ନାଗାନ୍ତ, ଯୋଗାନ୍ତ, ସିଦ୍ଧାନ୍ତ ଆଦି ବେଦବିଦ୍ୟା; ଅଳସ, କ୍ଷୁଧା, ତୃଷା, ନିଦ୍ରା; ଚନ୍ଦ୍ରସୂର୍ଯ୍ୟ ନକ୍ଷତ୍ର; ଦଶଦିଗ, ପଞ୍ଚଭୂତ, ଚାରିବେଦ, ନବନାଟକ, ପ୍ରାଣାୟାମ, ତ୍ରାଟକ, ଓଁକାର, ବେଦମାତା, ଶବ୍ଦ ବ୍ରହ୍ମ, ସ୍ୱରତତ୍ତ୍ୱ, ସିଦ୍ଧିରସ୍ତୁ ଇତ୍ୟାଦି ସକଳ ଆମଠାରୁ ସୃଷ୍ଟ ।

ବିରାଟ ଶରୀରର ମୁଖ, କର୍ଣ୍ଣ, ନାସା, ଦୁଇନୟନ ମିଶି ଚାରିବେଦ ବୋଲାଇଲା । ସକଳ ସୃଷ୍ଟି ଜାତ କଲା । ମନ ସତ୍ୟବ୍ରତ ରାଜା ରୂପରେ ସୂର୍ଯ୍ୟସ୍ୱରରେ ପୂଜା କରି ଜଳ ଓ ପବନ ଦେଲା । ତହୁଁ ଆଧାର ମିଳିଲା । ବିନ୍ଦୁ ମୀନ ରୂପରେ ଟେକଟେ ଆଧାର ଚକ୍ରରେ ମୀନକୁ ପୂରାଇଲା । ଲିଙ୍ଗଚକ୍ର ରୂପକ କଳସୀକୁ ରଖି, ନାଭିଚକ୍ର ରୂପକ କୂପକୁ ଉପେକ୍ଷା କରି ହୃଦୟ ଚକ୍ରରୂପକ ପୁଷ୍କରିଣୀରୁ କଣ୍ଠଚକ୍ରରୂପକ ନଦୀରେ ଏବଂ ତା'ପରେ ଲଲାଟ ଚକ୍ରରୂପକ ସମୁଦ୍ରରେ ମୀନକୁ ଥୋଇ ପ୍ରଳୟ ଯୋଗରେ ଲୟ ହେଲା । ସୁଷୁମ୍ନା ଶୃଙ୍ଗ ଅଟେ । ତହିଁରେ ମୀନ ମନକୁ ବାନ୍ଧି ରଖିଲା । ଭବଦ୍ୱାର ହିଁ ସମୁଦ୍ର । ନଅ ନାଡ଼ିରେ ନବଦ୍ୱାର ଅବସ୍ଥିତ । ସେହି ନବଦ୍ୱାର ଦେଇ ଗଙ୍ଗାଯମୁନା ସରସ୍ୱତୀ ବହି ଯାଉଛନ୍ତି । ପଞ୍ଚଭୂତ ବ୍ରହ୍ମ ତହିଁରେ ତ୍ରିସଂଧ୍ୟା କରନ୍ତି । ମାତୃପଦ୍ମ ହିଁ ପୃଥିବୀ । ପିତା ତହିଁରେ ଜଳ ଢ଼ାଳନ୍ତି । ଏମନ୍ତ ସମୟରେ ବର୍ଷା ହୁଅନ୍ତେ ସଂଯୋଗରୁ ଅଗ୍ନିକୋଣରୁ ପବନ ବହିଲା । ଆକାଶରେ କଳୁଷ ଖ୍ୟାତ ହେଲା । ଏ ରୂପରେ ପଞ୍ଚଭୂତରୁ ବ୍ରହ୍ମା ମହୀ ସର୍ଜନା କଲେ । ବେଦ ନିର୍ବେଦ ଭାବରେ ଥିଲା । ବ୍ରହ୍ମର ଅଣ୍ଡ ମଣ୍ଡଳରୁ ତାହା ଆବିର୍ଭୂତ ହୋଇ ବ୍ରହ୍ମାଣ୍ଡ ହେଲା । ଭବଦ୍ୱାରରେ ଓଁକାର ପଡ଼ି ଦେହ ଆଗାରକୁ ବାନ୍ଧି ଭିଡ଼ିଲା । କାମ ରାକ୍ଷସ ହୟଗ୍ରୀବ । ସେ ହୟଗ୍ରୀବ ସର୍ବବେଦକୁ ହରିନେଲା । ସତ୍ୟଗ୍ରୀବ ରୂପରେ ମୀନ ରୂପ ଶାନ୍ତ ହୋଇ ଲଲାଟରେ ଚଳୁ କଲେ । କଣ୍ଠ ଚକ୍ରରୁ ନଦୀ ବୋହୁଛି, ହୃଦଚକ୍ର, ନାଭିଚକ୍ର ଭେଦି ଲିଙ୍ଗଚକ୍ରରୁ ନଦୀ ଝରିଲା । ମାତା ଭବ ସମୁଦ୍ର ହେଲେ ଏବଂ ମୀନ ସ୍ୱରୂପରେ ଆମେ ତାଙ୍କ ଗର୍ଭରେ ଖେଳା କଲୁଁ । ସପ୍ତ ଧାତୁ ବୋଲି ଯାହା କୁହାଯାଏ ତାହହିଁ, ସପ୍ତଋଷି । ରଜବୀର୍ଯ୍ୟ ନାବ ହେଲା । ପଦ୍ମତେଜ ଶୃଙ୍ଗ ହୋଇଲା । ତହୁଁ କାମରାକ୍ଷସ ହୟଗ୍ରୀବର ମତ୍ତଗର୍ବର ବିନାଶ ହେଲା । ମୀନ ରୂପରେ ପ୍ରଳୟ ଜଳରେ ପଡ଼ି କରୁଣା ରସରେ ବୁଡ଼ି ରହିଲା । କାମ ରାକ୍ଷସକୁ ବଧ କରିବାରୁ ଭୂପୃଷ୍ଠକୁ ଆସି ମାତୃଗର୍ଭରେ ପ୍ରଥମ ମାସରେ ଏମନ୍ତ ଲୀଳା ଭିଆଇଲୁଁ । ମାତୃଗର୍ଭରେ ପ୍ରଥମ ମାସରେ ଏହି ଅନୁଭୂତି ଦର୍ଶନ କଲୁଁ । ଶକଟକ ବ୍ରହ୍ମପାଦର ଏହା ଗୋଟିଏ ସୋପାନ ।

ଶକଟକ ବ୍ରହ୍ମପାଦର ଦ୍ୱିତୀୟ ସୋପାନ ଦର୍ଶନରେ ନିଗମର ଗୁପ୍ତତତ୍ତ୍ୱ ଦୃଷ୍ଟିଗୋଚର ହେଲା । ଭାଗବତର ପ୍ରଥମ ସ୍କନ୍ଧ ପରମବିନ୍ଦୁ ଅଟେ । ଏହି ପରମ ବିନ୍ଦୁର ସ୍ଥାନ ଭ୍ରମରି ଗୁମ୍ଫା । ପରମହଂସ ଏହାକୁ ସଦା ଭଜୁଥାଏ । ଦ୍ୱିତୀୟ ସ୍କନ୍ଧ

ହିଁ ଲଲାଟ ଚକ୍ର । ଏଠାରେ ଜୀବବ୍ରହ୍ମ ନାଦ ସ୍ୱରୂପରେ ବିରାଜିତ । ଏହି ଗର୍ଭରୁ ଜଗତର ଜନ୍ମ । ତୃତୀୟ ସ୍କନ୍ଧ କର୍ଣ୍ଣଦ୍ୱାର । ଏଠାରେ ଶବ୍ଦ ବ୍ରହ୍ମର ବିଚାର ହୁଏ । ଅନାହତ ଧ୍ୱନିରୁ ଶବ୍ଦ ଅଭେଦ କରି ଏଠାରେ ଭେଦି ଆସେ । ଚତୁର୍ଥ ସ୍କନ୍ଧ ହିଁ ନେତ୍ର । ଏହା ତେଜ ସ୍ୱରୂପକୁ ପ୍ରକାଶ କରେ । ନାସାଦ୍ୱାର ହିଁ ପଞ୍ଚମ ସ୍କନ୍ଧ । ଏଠାରେ ସମୀର କାରବାର କରେ । ମୁଖକୁ ଷଷ୍ଠ ସ୍କନ୍ଧ କୁହାଯାଏ । ଏଠାରେ ଭକ୍ତି ଓ ମୁକ୍ତି ପ୍ରକାଶ ପାଏ । ଶୁଦ୍ଧ ଅଶୁଦ୍ଧ; ବିଷ ଅମୃତ ପାନାହାର ଦ୍ୱାରା ଏଠାରେ କ୍ଷୁଧାତୃଷା ନିବାରଣ ହୁଏ । ଏଥିରୁ ଶୁଦ୍ଧ ଭାଷା ପ୍ରକାଶିତ ହୁଏ । କଣ୍ଠ ଦେଶକୁ ସପ୍ତମ ସ୍କନ୍ଧ କହୁଁ । ଷୋଳଦ୍ୱୟରୁ ଭେଦି ତ୍ରିଗୁଣ, ତ୍ରିନାଡ଼ୀ, ତ୍ରିଧାର ରୂପକ ମହେଶ୍ୱର ଏଠାରେ ବିରାଜିତ । ଅଷ୍ଟମ ସ୍କନ୍ଧ ହିଁ ହୃଦଦେଶ । ଏଠାରେ ଦ୍ୱାଦଶ ପାଖୁଡ଼ା ପଦ୍ମ ଅବସ୍ଥିତ । ଲକ୍ଷ୍ମୀନାରାୟଣ ଏଠାରେ ବାସ କରନ୍ତି । ନାଭିକୁ ନବମ ସ୍କନ୍ଧ କୁହାଯାଉଛି । ଏହା ବଂଶାନୁନାମର ମୂଳ । ଦଶଦ୍ୱାର ହିଁ ଦଶମ ସ୍କନ୍ଧ, ଏଠାରେ ସମୀର ଆତଯାତ ହୁଏ । ଏହାକୁ ଆଧାର ନାମରେ ଅଭିହିତ କରାଯାଏ । ଆଧାରରୁ ଲଲାଟ କ୍ଷରେ । ଏକାଦଶ ସ୍କନ୍ଧ ଇନ୍ଦ୍ରିୟ ସକଳ ଅଟନ୍ତି । ଏଠାରେ କାମେଶ୍ୱର ଲିଙ୍ଗ ଦେବତା ଅଧିଷ୍ଠିତ । ଦ୍ୱାଦଶ ସ୍କନ୍ଧରେ ବାୟୁ ଆତଯାତ । ଆଗତ ଭବିଷ୍ୟ ବାରତା ସମୀର ଦ୍ୱାରା ଜଣାଯାଏ । ଏହିପରି ଭାଗବତର ଦ୍ୱାଦଶସ୍କନ୍ଧ ଶରୀରରେ ଅବସ୍ଥିତ । ତ୍ରୟୋଦଶ ସ୍କନ୍ଧରେ ଶୂନ୍ୟ ସହିତ ମିଳନ ହୁଏ ।

ପୁନଶ୍ଚ ଏହି ପ୍ରଥମ ମାସର ଅନୁଭୂତି ଓ ଭାଗବତର ସ୍କନ୍ଧ ଗୁଡ଼ିକର ତାତ୍ତ୍ୱିକ ମର୍ମର ପୁନରାୟ ସମ୍ମିଳନ ହେଲା । ପ୍ରଥମ ସ୍କନ୍ଧ ନିର୍ଗୁଣ । ଏହାପରମ ବିନ୍ଦୁ ସ୍ୱରୂପ । ଦ୍ୱିତୀୟସ୍କନ୍ଧ ଅର୍ଦ୍ଧକ୍ଷର ନାଦ । ତୃତୀୟ ସ୍କନ୍ଧ ତ୍ରିବୀଜ ଅଟେ । ଚତୁର୍ଥ ସ୍କନ୍ଧ ହିଁ ଚାରିଦ୍ୱାର । ପଞ୍ଚମ ସ୍କନ୍ଧ ପଞ୍ଚଭୂତ ଅଟେ । ଷଷ୍ଠ ସ୍କନ୍ଧ ଷଡ଼ଚକ୍ର ଓ ସପ୍ତ ସ୍କନ୍ଧ ସପ୍ତଧାତୁ ଅଟନ୍ତି । ଏହି ସପ୍ତଧାତୁ ସପ୍ତାଙ୍ଗ ଯୋଗର ମୂଳମାର୍ଗ । ଅଷ୍ଟମସ୍କନ୍ଧରେ ଅଷ୍ଟାଙ୍ଗ ଯୋଗ ସିଦ୍ଧି । ନବମ ସ୍କନ୍ଧ ନଯୋଗରେ ସଞ୍ଚିତ । ଦଶମ ସ୍କନ୍ଧରେ ଦଶଦ୍ୱାର ଖ୍ୟାତ ହେଲା । ଏକାଦଶ ସ୍କନ୍ଧରେ ଏକାଦଶ ଇନ୍ଦ୍ରିୟ ବୋଲାଇ । ଦ୍ୱାଦଶ ସ୍କନ୍ଧରେ ସମୀର କୁହାଯାଏ । ଏହିପରିଭାବରେ ଦ୍ୱାଦଶସ୍କନ୍ଧର ତତ୍ତ୍ୱ ପ୍ରକଟିତ ହେଲା ।

ପୁଣି, ପ୍ରଥମ ସ୍କନ୍ଧରେ ଶୂନ୍ୟ ବିନ୍ଦୁ । ଦ୍ୱିତୀୟରେ ନାଦ ନାମ, ତୃତୀୟରେ ଅକାର, ଚତୁର୍ଥରେ ଆକାର, ପଞ୍ଚମରେ ଇକାର, ଷଷ୍ଠରେ ଇର ଜନ୍ମ, ସପ୍ତମରେ ହଂସ ଖ୍ୟାତ ହୁଏ । ଅଷ୍ଟମରେ ଉ, ଊକାର, ନବମରେ ଏକାର, ଦଶମରେ ଐକାର, ଏକାଦଶରେ ଓ କାର ବ୍ରହ୍ମ, ଦ୍ୱାଦଶରେ ଔ କାର ହେଲା । ଏହିରୂପେ ବାରମାତ୍ରାରେ ବିଶ୍ରାମ । ଏହି ବାରମାତ୍ରା ବାରସ୍କନ୍ଧ । ଏହା ପିଣ୍ଡ ବ୍ରହ୍ମାଣ୍ଡରେ ସଞ୍ଚିତ ଅଛି । ସେ ଚନ୍ଦ୍ର ସୂର୍ଯ୍ୟକୁ ସଙ୍ଗରେ ଧରି କ୍ଷରିତ ହୁଏ । ଚନ୍ଦ୍ରବାୟୁକୁ ଅସ୍କନ୍ଧ ଓ ସୂର୍ଯ୍ୟବାୟୁକୁ ମସ୍କନ୍ଧ କୁହାଗଲା । ଚତୁର୍ଦ୍ଧା ଅଙ୍ଗରେ ନ୍ୟାସ କରି ଚନ୍ଦ୍ରସୂର୍ଯ୍ୟକୁ ମିଶାଇ ଦ୍ୱାଦଶ ତତ୍ତ୍ୱ ବେନିଅଙ୍ଗରୁ ଚାରିଭାଗ ହେଲା । ଚାରିଭାଗକୁ ଚତୁର୍ଦ୍ଧା କୁହାଗଲା । ଏହାହିଁ ଭାଗବତର ଅର୍ଥ ବୋଲି ଅନୁଭବ ହେଲା ।

ଏ ସକଳ ତତ୍ତ୍ୱ ପ୍ରଥମ ମାସରେ ପବିତ୍ର ମାତୃ ଜରାୟୁରେ ମୀନ ରୂପରେ ଲୀଳା ପ୍ରସଙ୍ଗରେ ଅନୁଭବରେ ଆସିଥିଲା । ଅବ୍ୟକ୍ତ ମଣ୍ଡଳ/କାରଣ ଜଗତର କେନ୍ଦ୍ରବିନ୍ଦୁ ଅବ୍ୟକ୍ତ ବ୍ରହ୍ମ ସହିତ ଶକଟକ ମଣ୍ଡଳର ଚରମପାଦ ବ୍ୟକ୍ତ ପୁରୁଷର ମୀନ ସ୍ୱରୂପ (ପ୍ରଥମ ମାସ)ର ସୂକ୍ଷ୍ମ/କାରଣ ସଂଯୋଗ ରହି ଭାଗବତ ତତ୍ତ୍ୱ ଉପଲବ୍ଧ ହେଉଥାଏ । ଚୈତନ୍ୟ ପୁରୁଷ ଏହି ଅନୁଭୂତି ଲଭି ପୁଣ୍ୟ ମାତୃ ଜରାୟୁରେ ଲୀଳା ବ୍ୟକ୍ତ କରୁଥାଏ ।

(କ୍ରମଶଃ)

ପାଦଟୀକା : ଦୁର୍ବୋଧ୍ୟ ଶବ୍ଦାବଳୀର ବ୍ୟାଖ୍ୟା—

* ଦଶପ୍ରଣବ ସ୍ୱରୂପା - ବୈଷ୍ଣବ ମାୟାମୁଖ
* ରସାନା ମୃତ - ଜ୍ୟୋତିର ବିରାଟ ରୂପ (ଜୀବବ୍ରହ୍ମ)
* ହଂସ ସ୍ୱହଂସ - ଚାନ୍ଦ୍ରାୟଣ, ସୂର୍ଯ୍ୟାୟଣ
* ଧ୍ୱନି ମଞ୍ଜରୀ - ନାଦର ତରଙ୍ଗ ଅବସ୍ଥା




## ଧାରା ଗ୍ରହଣ ପରେ

'ଚରମ'ର ପରବର୍ତ୍ତୀ ସଂଖ୍ୟାଗୁଡ଼ିକ ପାଇଁ ଆଧାତ୍ମିକବାଦୀ ଲେଖକ/ଲେଖିକା ମାନଙ୍କ ନିକଟରୁ ଲେଖା ଆହ୍ୱାନ କରାଯାଉଛି । ଫୁଲସ୍କେପ କାଗଜର ଗୋଟିଏ ପାଖରେ ସ୍ୱଷ୍ଟ ଅକ୍ଷରରେ ନିର୍ଭୁଲ ଭାବରେ ଲେଖି ଯୋଗାଯୋଗ ସମ୍ପର୍କ ସ୍ଥାପନର ଠିକଣାରେ ପଠାଇବା ନିମନ୍ତେ ଅନୁରୋଧ । ଲେଖାଗୁଡ଼ିକ ମୁଖ୍ୟତଃ ଆଧାତ୍ମିକ ଚେତନା ସମ୍ବନ୍ଧୀ ହେବା ଆବଶ୍ୟକ । କିଶୋର କିଶୋରୀ, ମା' ଭଉଣୀ, ଯୁବ ସମ୍ପ୍ରଦାୟ ସମ୍ପୃକ୍ତ ଧର୍ମ ଚେତନା ସମ୍ବଳିତ ଲେଖାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ ।

'ଚରମ'ର ପୃଷ୍ଠା ସୀମିତ । ତହିଁରେ କେତେକ ଧାରାବାହିକ ରଚନା ପ୍ରକାଶର ଯୋଜନା ରହିଛି । ତେଣୁ ବହୁ ମୂଲ୍ୟବାନ ଲେଖା ଆମର ହସ୍ତଗତ ହେଉଥିଲେ ହେଁ ସୀମିତ ପୃଷ୍ଠାରେ ସେ ସବୁ ପ୍ରକାଶ ଏକାଥରକେ ସମ୍ଭବ ହେଉ ନାହିଁ । କ୍ରମଶଃ ତାହା ପ୍ରକାଶ କରିବାର ଅଭିପ୍ରାୟ ରଖିଛୁ । କ୍ରମାଗତ ଚାରୋଟି ସଂଖ୍ୟାରେ ଯେଉଁମାନଙ୍କର ଲେଖା ପ୍ରକାଶ ପାଇନାହିଁ, ତାହା ଅମନୋନୀତ ବୋଲି ବୁଝିବାକୁ ଅନୁରୋଧ । ମନୋନୟନ ନହେବାର କାରଣ ପାଇଁ ଦାବି କରନ୍ତୁ ନାହିଁ, କାରଣ ଦର୍ଶାଇବାକୁ ସମ୍ପାଦକମଣ୍ଡଳୀ ବାଧ୍ୟ ନୁହଁନ୍ତି । ଅମନୋନୀତ ଲେଖା ଫେରିଚାହୁଁଥିଲେ ଉପଯୁକ୍ତ ମୂଲ୍ୟର ଡାକଟିକଟ ସଂଲଗ୍ନ ଥିବା ଓ ଆପଣାର ଠିକଣା ଲେଖାଥିବା ଲଫାଫା ପଠାଇବାକୁ ଅନୁରୋଧ କରୁଛୁ ।

'ଚରମ'ରେ ପ୍ରକାଶିତ ଲେଖା ଗୁଡ଼ିକର ଲେଖକ ମାନଙ୍କର ନାମ ବା ଠିକଣା ପ୍ରକାଶ କରିବା ଆମ ଆଦର୍ଶର ବିରୁଦ୍ଧାଚରଣ କରେ । ଏହାର କାରଣ ସୁବିସ୍ତୃତ ଓ ଜଗତ କଲ୍ୟାଣକର । ଲେଖକ/ପାଠକମାନଙ୍କୁ ସବିନୟ ଅନୁରୋଧ ସେଥି ନିମନ୍ତେ ଅଝଟ କରିବେ ନାହିଁ ।

ମୁଦ୍ରଣଜନିତ ତ୍ରୁଟି କେତେକ ସଂଖ୍ୟାରେ ରହିଯାଇଥିବାରୁ ଆମେ କ୍ଷମା ପ୍ରାର୍ଥନା କରୁଛୁ । ଏ ସଂଖ୍ୟାରେ ସେଭଳି ଗୁରୁତର ତ୍ରୁଟି ନରଖିବାର ସମସ୍ତ ବିଧିବଦ୍ଧ ବ୍ୟବସ୍ଥା କରାଯାଇଛି; ତଥାପି ଆମର ଅନିଚ୍ଛାକୃତ ଓ ଅଜ୍ଞାତସାର ତ୍ରୁଟି ନିମନ୍ତେ ପ୍ରଥମରୁ କ୍ଷମା ମାଗି ନେଉଛୁ ।

'ଚରମ'ର ଭାଷା କଠିନ ନୁହେଁ, କେବଳ ଭାବଗମ୍ଭୀର । କେତେକ ନୂତନ ଆଧାତ୍ମିକ ଶବ୍ଦର ଅବବୋଧ ହୁଏତ ଅନେକଙ୍କ ପକ୍ଷରେ କଷ୍ଟକର ହୋଇପାରେ; ମାତ୍ର ଅସାଧ୍ୟ ନୁହେଁ । ସାମାନ୍ୟ ଜିଜ୍ଞାସା ଓ ଅନୁସନ୍ଧିତ୍ସା ଥିଲେ, ତାହାର ରହସ୍ୟ ଓ ଅର୍ଥ ଖୋଜି ପାଇବା ସହଜ ସାଧ୍ୟ । ଆଧାତ୍ମିକ, ପରମାର୍ଥିକ ଓ ଧାର୍ମିକ ପୁନର୍ଜାଗରଣରେ ଲେଖକ/ପାଠକ ସମାଜ ଆମର ସତୀର୍ଥ ହେବାକୁ ବିନମ୍ର ଅନୁରୋଧ ॥

✤✤✤

ସମ୍ପାଦନା

# ଆଶ୍ରମ ସନ୍ଦେଶ

'ଚରମ' ପୃଷ୍ଠାରେ ଆଶ୍ରମର ବିଭିନ୍ନ ସମ୍ବାଦ ତଥା ଇତିବୃତ୍ତି କ୍ରମଶଃ ନିୟମିତ ଭାବରେ ଏହି ସ୍ତମ୍ଭରେ ପ୍ରକାଶ କରିବା ପାଇଁ ସମ୍ପାଦନା ସ୍ଥିର କରିଛି । ପ୍ରଥମ ପାଖୁଡ଼ାରେ ଏହା ସଂଶ୍ଳିଷ୍ଟ ହୋଇପାରି ନ ଥିବାରୁ କେତେକ ଅନୁଗତ ଭକ୍ତ ଦୁଃଖ ପ୍ରକାଶ କରିଥିବାର ଆମ ଦୃଷ୍ଟି ଆକର୍ଷଣ କରିଛି । ତେଣୁ, ସେମାନଙ୍କର ଶ୍ରଦ୍ଧା ଓ ପ୍ରେମର ମର୍ଯ୍ୟାଦା ରକ୍ଷା କରି ଦ୍ୱିତୀୟ ପାଖୁଡ଼ାରେ ମୁଖ୍ୟ ଆଶ୍ରମର ବିଭିନ୍ନ ଶାଖା ଓ ସେମାନଙ୍କର ଠିକଣାର ତାଲିକା ସଂଯୋଗ କରାଗଲା । ଏ ଯାବତ୍ ପନ୍ଦର ଗୋଟି ଶାଖା ଉଦ୍‌ଘାଟିତ ହୋଇ ସାପ୍ତାହିକ ସତ୍‌ସଙ୍ଗ ଅଧିବେଶନ ବିଧିବଦ୍ଧ ଭାବରେ ହେଉଅଛି । ପର୍ଯ୍ୟାୟକ୍ରମରେ ମୁଖ୍ୟ ଆଶ୍ରମର କର୍ମୀମାନେ ତହିଁରେ ଯୋଗଦେଇ ଶାଖା ଗୁଡ଼ିକର ପରମାର୍ଥିକ ଜୀବନକୁ ପ୍ରଚୋଦନା ଦେବା ସଙ୍ଗେ ସଙ୍ଗେ ଶାଖାନ୍ତର୍ଭୁକ୍ତ ଭାଇଭଉଣୀମାନଙ୍କର ବିଭିନ୍ନ ପ୍ରଶ୍ନର ସମାଧାନରେ ସକ୍ରିୟ ସହଯୋଗ କରୁଅଛନ୍ତି ।

ଏତଦ୍‌ବ୍ୟତୀତ ଏ ଯାବତ୍ ଛଅ ଗୋଟି ଶାଖା ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ଆଶୀର୍ବାଦ କୈବଲ୍ୟ ପ୍ରାପ୍ତ ହୋଇ ପ୍ରସ୍ତାବିତ ଶାଖା ରୂପେ ବିଭିନ୍ନ ଅଞ୍ଚଳରେ ନିୟମିତ ସାପ୍ତାହିକ ସତ୍‌ସଙ୍ଗ ଅଧିବେଶନ ଯଥାବିଧି ଅନୁଷ୍ଠାନ କରୁଅଛନ୍ତି । ପର୍ଯ୍ୟାୟକ୍ରମରେ ଏହି ଶାଖାଗୁଡ଼ିକର ଉଦ୍‌ଘାଟନୀ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇ ଆଞ୍ଚଳିକ ପରମାର୍ଥିକ ଜୀବନ ଚଳନକୁ ପ୍ରଚୋଦିତ କରିବ ।

ଏବଂବିଧ ଆଞ୍ଚଳିକ ଶାଖାଗୁଡ଼ିକର ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ମଧ୍ୟ ବିଧିବଦ୍ଧ ପ୍ରତିବର୍ଷ ପାଳିତ ହୋଇ ଆସୁଛି ।

## ଆଶ୍ରମ ପଞ୍ଜିକା (ସଂଶୋଧନୀ)

| ପର୍ବ | ତାରିଖ | ବାର |
|---|---|---|
| ଠାକୁରା (ଯଦୁନାଥ)ଙ୍କର ଜନ୍ମତିଥି : | ୨୩ ଜାନୁଆରୀ, ୧୯୯୪ (ମାଘ ଶୁକ୍ଳା ଏକାଦଶୀ) | ରବିବାର |
| ଭଡିମୁଣ୍ଡା ଶାଖା ଉଦ୍‌ଘାଟନ : | ୨୫ ଜାନୁଆରୀ, ୧୯୯୪ (ମାଘ ଶୁକ୍ଳାତ୍ରୟୋଦଶୀ) | ମଙ୍ଗଳବାର |
| ଠାକୁମା (ସୁକାନ୍ତିଦେବୀ)ଙ୍କର ଜନ୍ମତିଥି : | ୧୪, ଏପ୍ରିଲ, ୧୯୯୪ (ମହାବିଷୁବ ସଂକ୍ରାନ୍ତି) | ଗୁରୁବାର |
| ଠାକୁରା (ଯଦୁନାଥଙ୍କର ଶ୍ରାଦ୍ଧ ତିଥି) : | ୨୫, ଏପ୍ରିଲ, ୧୯୯୪ (ଚୈତ୍ର ପୂର୍ଣ୍ଣିମା) | ସୋମବାର |
| ବରାହିପୁର ଶାଖାର ବାର୍ଷିକୋତ୍ସବ : | ୧୩ ମେ, ୧୯୯୪ (ଅକ୍ଷୟ ତୃତୀୟା) | ଶୁକ୍ରବାର |

# କ୍ଷିତିଜ୍ୟୋତି ଆଶ୍ରମ ଶାଖା ତାଲିକା

| ଶାଖା ନଂ. | ନାମ ଓ ଠିକଣା | ଶାଖା ନଂ. | ନାମ ଓ ଠିକଣା |
|---|---|---|---|
| ୧. | ବେଲରପାଣଶାଖା, ପୋ: ନରସିଂହପୁର<br>ଭାୟା : ନିଶ୍ଚିନ୍ତକୋଇଲି, ଜି: କଟକ | ୨. | କଟିକଟା ଶାଖା, ପୋ: ଚାନ୍ଦୋଳ<br>ଜି: କଟକ |
| ୩. | ପ୍ରହରାଜପୁର ଶାଖା, ପୋ: ଗୋଡରା<br>ଭାୟା : ନିଶ୍ଚିନ୍ତ କୋଇଲି, ଜି: କଟକ | ୪. | ଜଳିଶାଖା, ପୋ: ଓଷଙ୍ଗ<br>ଜି: କଟକ |
| ୫. | ବରାହିପୁର ଶାଖା, ପୋ: ମାହାଙ୍ଗା<br>ଜି: କଟକ | ୬. | ଚାନ୍ଦୋଳ ଶାଖା, ପୋ: ଚାନ୍ଦୋଳ<br>ଜି: କଟକ |
| ୭. | ମଲ୍ଲିପୁରା ଶାଖା, ପୋ : ମାହାଙ୍ଗା<br>ଜି: କଟକ | ୮. | ପର୍ଶୁରାମପୁର ଶାଖା, ପୋ: ମାହାଙ୍ଗା<br>ଜି: କଟକ |
| ୯. | ରୋଧପୁର ଶାଖା, ପୋ: ସାଲେପୁର<br>ଜି: କଟକ | ୧୦. | ଗୋବିନ୍ଦପୁର ଶାଖା, ପୋ: ଶାହାନିଆଜ ପୁର<br>ଭାୟା : ନିଶ୍ଚିନ୍ତକୋଇଲି, ଜି: କଟକ |
| ୧୧. | ଖଇରା ଶାଖା, ପୋ : ଇମାମ୍ ନଗର<br>ଜିଲ୍ଲା : କଟକ | ୧୨. | କୁଳିଆ ଶାଖା, ପୋ: ସୁନାଖଣ୍ଡି<br>ଭାୟା : ସାଲେପୁର, ଜି: କଟକ |
| ୧୩. | ସଠିଲୋ-ଶିଶୁଆ ଶାଖା, ପୋ:ସଠିଲୋ<br>ଭାୟା: ଚାନ୍ଦୋଳ, ଜି: କଟକ | ୧୪. | କାଳିଅଣ୍ଡି ଶାଖା, ପୋ: ଚାର୍ଯ୍ୟାପାଳ<br>ଭାୟା କୁର୍ଆଁପାଳ, ଜି: କଟକ |
| ୧୫. | ଭଳିମୁଣ୍ଡା ଶାଖା, ପୋ: ଭଳିମୁଣ୍ଡା, ଭାୟା: ଟାଙ୍ଗୀ ଚୌଦ୍ୱାର, ଜି: କଟକ | | |

✧✧✧

## ପ୍ରସ୍ତାବିତ ଶାଖା

୧. କେନ୍ଦୁପାଟଣା, ଶାଖା, ପୋ: କେନ୍ଦୁପାଟଣା, ଜି: କଟକ

୨. କେନ୍ଦୁଝର ଶାଖା, ମାର୍ଫତ: ଶ୍ରୀ ଉପେନ୍ଦ୍ରନାଥ ଯେନା, ଓ.ଏ.ଏସ୍.
ଲେଣ୍ଡ ଏକ୍ୟୁଜିସନ ଅଫିସର, କେନ୍ଦୁଝର କଲେକ୍ଟରରେଟ୍,
ପୋ : କେନ୍ଦୁଝର, ଜି: କେନ୍ଦୁଝର

୩. ବାଲେଶ୍ୱର ଶାଖା, ଜଗନ୍ନାଥ ଇଞ୍ଜିନିୟରିଂ ୱାର୍କସପ୍,
ରେମୁଣା ଗୋଲେଇ, ବାଲେଶ୍ୱର

୪. ବାରିପଦା ଶାଖା, ମାର୍ଫତ: କେଶବଦାସ ବୃନ୍ଦାବନ
ପୋଲିସ ଅଫିସରସ୍ କଲୋନି, ପୋ:ଭଞ୍ଜପୁର,
ଜି: ମୟୁରଭଞ୍ଜ-୭୫୭୦୦୨, ଫୋନ:୪୩୦୩

୫. କଟକ ଶାଖା, ମାର୍ଫତ : ଶ୍ରୀ ଗୋବିନ୍ଦଚନ୍ଦ୍ର ରାଉତ,
ଜଗନ୍ନାଥ ଲେନ୍, ପୋ:ଜଗତପୁର, ଜି: କଟକ ଫୋନ:୬୮ ୨୪୭୪

୬. ଢେଙ୍କାନାଳ ଶାଖା, ସା: ବାଘଧାରିଆ,
ପୋ: ପଞ୍ଚପଡ଼ା, ଢେଙ୍କାନାଳ

✤✤✤

ଆମର ଲକ୍ଷ୍ୟ : ଚରମପ୍ରାପ୍ତି